

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୩୧ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 31 MARCH 2021
Vol.No. 32 ■ No. 84 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଜଧାନୀର ୧୯୪ ବେଆଇନ୍ ଆପାର୍ଟମେଂଟ ଭଙ୍ଗାଯିବ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ରାଜଧାନୀରେ ମୋଟ ୧,୬୪୩ଟି ଆପାର୍ଟମେଂଟରେ ନକ୍ସା ଅନୁମୋଦିତ ହୋଇଥିବାବେଳେ ମୋଟ ୪୮୭ଟି ଆପାର୍ଟମେଂଟ ବେଆଇନ୍ ଭାବେ ନିର୍ମିତ ହୋଇଛି। ଏଗୁଡ଼ିକ ମଧ୍ୟରୁ ୧୯୪ଟି ଆପାର୍ଟମେଂଟକୁ ଭାଙ୍ଗିଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କର ଏକ ପ୍ରଶ୍ନର ଉତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି। ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, ଭୁବନେଶ୍ୱର ▶▶ପୃଷ୍ଠା ୭

## ଶେଷ ଦିନରେ ମମତା ବନାମ ଶାହ ସୋ



ଭୁବନେଶ୍ୱର,୩୦/୦୩ (ନି.ପ୍ର): ପଶ୍ଚିମବଙ୍ଗ ନନ୍ଦିଗ୍ରାମରେ ମହାଲଢେଇ । ମମତା ବନାମ ଶାହ । ନନ୍ଦିଗ୍ରାମରେ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ ଏପ୍ରିଲ ୧ ତାରିଖରେ ପଡିବ ଭୋଟ୍ । ଏଥିପାଇଁ ମଙ୍ଗଳବାର ପ୍ରଚାର ଶେଷ ହେଉଥିବାବେଳେ, ଶେଷ ମୁହୂର୍ତ୍ତରେ ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ପ୍ରୟାସ କରିଛନ୍ତି ଦୁଇ ପ୍ରମୁଖ ଦଳ । ତୃତୀୟ ଥର କ୍ଷମତାରେ ରହିବାକୁ ସବୁ ବଳ ଲଗାଇ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଅନ୍ୟ ପକ୍ଷରେ ୨୦୧୯ ଲୋକସଭା ନିର୍ବାଚନରେ ବିପୁଳ ସଫଳତା ପରେ ପଶ୍ଚିମବଙ୍ଗ ଦଖଲ ପାଇଁ ରଣନୀତି ବନାଇଛି ବିଜେପି । ନନ୍ଦିଗ୍ରାମରେ ଭୋଟରଙ୍କ ମନ ଜିଣିବା ପାଇଁ ଶେଷ ପ୍ରୟାସ । ହ୍ୱିଲ ଚେୟାରରେ ରାଲି ବାହାର କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ପ୍ରତିପକ୍ଷ ଶୁଭେନ୍ଦୁ ଅଧିକାରୀଙ୍କୁ ହରାଇ, ବିଜେପିକୁ ଧୂଳି ଚଟାଇବା ପାଇଁ ଅଂଟା ଭିଡିଛନ୍ତି ମମତା । ରାଲିରେ ଉଦବୋଧନ ଦେଇ ମମତା କହିଛନ୍ତି, ଥରେ ସେ ନନ୍ଦିଗ୍ରାମକୁ ଆସିଛନ୍ତି ମାନେ ଏହାକୁ ଛାଡିବେ ନାହିଁ । ମମତା ଆଜି ର୍ୟାଲି ସମୟରେ ଜନତାଙ୍କୁ କିଛି ଏପରି ଢଙ୍ଗରେ ନିବେଦନ କରିଛନ୍ତି । କହିଛନ୍ତି ମୁଣ୍ଡକୁ ଥଣ୍ଡା ରଖନ୍ତୁ । ଏବଂ ତୃଣମୂଳ କଂଗ୍ରେସକୁ ଭୋଟ ଦିଅନ୍ତୁ । ମମତାଙ୍କ ନାରା ହେଲା, କୁଲ କୁଲ ତୃଣମୂଳ, ଥଣ୍ଡା ଥଣ୍ଡା କୁଲ କୁଲ, ଭୋଟ ପାବେ ଜୋଡା ଫୁଲ । ଆସନ୍ତା ୪୮ ଘଂଟା ପାଇଁ ମୁଣ୍ଡକୁ ଥଣ୍ଡା ରଖିବା ପାଇଁ ପୁରା ବଂଗାଳକୁ କହିଛନ୍ତି ଦିଦି । ଦିନ ୧୧ଟା ବେଳେ ▶▶ପୃଷ୍ଠା ୭

## କରୋନା ନେଇ କେନ୍ଦ୍ର ସରକାରଙ୍କ ସତର୍କବାଣୀ

### ନୀତି ଆୟୋଗ ସଦସ୍ୟ କହିଲେ, ଖରାପରୁ ଅତି ଖରାପ ହେଉଛି କରୋନା ସ୍ଥିତି



ଭୁବନେଶ୍ୱର,୩୦/୦୩ (ନି.ପ୍ର): କରୋନାର ପ୍ରତିଦିନର ସଂଖ୍ୟା ବଢୁଥିଲେ ବି ଏହାକୁ ହାଲକା ଭାବେ ନିଆଯାଇ ପାରିବ ନାହିଁ । ଆଜି କେନ୍ଦ୍ର ସରକାରଙ୍କ ତରଫରୁ ନୀତି ଆୟୋଗର ସଦସ୍ୟ ଭି.କେ ପଲ୍ ଏଭଳି ସତର୍କବାଣୀ ଶୁଣାଇଛନ୍ତି । ସେ କହିଛନ୍ତି, ଦେଶରେ କରୋନା ସ୍ଥିତି ଖରାପରୁ ଅତି ଖରାପ ଆଡକୁ ଯାଉଛି । ଏହା ଉଦବେଗ୍ର କାରଣ ଏବଂ ଭାଇରସ ବର୍ତ୍ତମାନ ସକ୍ରିୟ ଅଛି ବୋଲି କହିଛନ୍ତି । ଏପରିକି କରୋନା ମୁକାବିଲା ପାଇଁ ଦେଶରେ ତିଆରି ହୋଇଥିବା ସୁରକ୍ଷା ବ୍ୟବସ୍ଥାକୁ ଭାଇରସ ଭେଦ କରିଯାଇପାରେ ବୋଲି ଆଶଙ୍କା କରୁଛନ୍ତି । ଖରାପରୁ ଅତିଖରାପ ହେଉଛି ପରିସ୍ଥିତି, ଭାଇରସ୍ ଅତ୍ୟନ୍ତ ସକ୍ରିୟ ହୋଇ ଉଠିଛି, ଆମ ସୁରକ୍ଷାକୁ ଭେଦ କରିପାରିବ କରୋନା, ଯଦି ଆମେ ଅନେକ ସମୟରେ ଭାବି ନେଉଛୁ ଯେ, କରୋନାର ଦ୍ୱିତୀୟ ଲହର ତୀବ୍ର ବେଗରେ ବ୍ୟାପିଲେ ବି ସେତେ କ୍ଷତି କରିବ ନାହିଁ, ତେବେ ଆମେ ଭୁଲ ଭାବୁଛୁ । ନୀତି ଆୟୋଗର ସଦସ୍ୟ ଭି.କେ ପଲ୍ ସତର୍କ କରାଇ ଦେଇଛନ୍ତି, ଯେ କରୋନା ଭାଇରସ ଆମକୁ ଚକମା ଦେଇ ଆଗକୁ ବଢୁଛି । ମହାରାଷ୍ଟ୍ରର ଉଦାହରଣ ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କହିଛନ୍ତି, ଏବେ ଅବହେଳା କରିବାର ସମୟ ନାହିଁ ।

## ଭୟଙ୍କର ଅଗ୍ନିକାଣ୍ଡ : ଜଳିଗଲା ୧୮ ବଖରା



ଭଞ୍ଜନଗର,୩୦/୦୩ (ନି.ପ୍ର): ଚାହୁଁ ଚାହୁଁ ଜଳିଗଲା ୯ଟି ପରିବାରର ୧୮ ବଖରା ଘର। ଏହାସହ ଲକ୍ଷାଧିକ ଟଙ୍କାର ସମ୍ପତି ଜଳି ପୋଡି ପାଉଁଶ ହୋଇଯାଇଛି। ଏମିତି ଏକ ଅଘଟଣ ଦେଖିବାକୁ ମିଳିଛି ଗଂଜାମ ଜିଲ୍ଲା ସୋରଡ଼ା ଥାନା ରାଧାକୃଷ୍ଣପୁର ଗାଁରେ। ଆଜି ଗ୍ରାମର ଲୋକେ ଇଲେକ୍ଟ୍ରିବିଲ ବାନ୍ଧିବାକୁ ସୋରଡ଼ାକୁ ଯାଇଥିବାବେଳେ ହଠାତ୍ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁ ଏତେ ଜୋରରେ ଲାଗିଲା ଯେ ଗାଁ ଲୋକେ ଏହାକୁ ଆୟ କରିପାରି ନଥିଲେ। ଖବରପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଛି। ଘରର ଆସବାବପତ୍ର ପତ୍ରଠୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ନିଆଁରେ ପୋଡି ଯାଇଛି। ପିନ୍ଧା ଲୁଗା ଛାଡିଦେଲେ ପାଖରେ ଆଉ କିଛି ବି ପାଖରେ ନାହିଁ। ସରକାରୀ ସାହାଯ୍ୟକୁ ଦାବି କରିଛନ୍ତି ସ୍ଥାନୀୟ ଲୋକେ। ବିଦ୍ୟୁତ ସଟସର୍କିଟ୍ ଘଟି କୌଣସି କାରଣରୁ ନିଆଁ ଲାଗିଥିବା ସୂଚନା ମିଳିଛି। ତେବେ ଏହି ଅଗ୍ନିକାଣ୍ଡରେ କାହାରିକୁ କୌଣସି କ୍ଷତି ହୋଇନଥିବା ଜଣାପଡ଼ିଛି।

## ସ୍ୱାଭାବିକ ହେବ ପ୍ରଶାନ୍ତି ବିଶେଷ ଏକ୍ସପ୍ରେସ ଚଳାଚଳ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ଯାତ୍ରୀମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ବିଶେଷ ଟ୍ରେନକୁ ଏହାର ନିର୍ଦ୍ଧାରିତ ଚଳାଚଳ ପଥରେ ଚଳାଇବାପାଇଁ ଏବଂ ଗୁଂଟୁର-ବିଶାଖାପାଟନମ୍-ଗୁଂଟୁର ବିଶେଷ ଟ୍ରେନକୁ ପୁନଃ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦକ୍ଷିଣ ▶▶ପୃଷ୍ଠା ୭

## ଭାରତ ଓ ଆମେରିକା ମଧ୍ୟରେ ରଣନୈତିକ ଉର୍ଜା ସମ୍ପର୍କର ହେବ ପୁନଃପ୍ରତିଷ୍ଠା : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୩୦/୦୩ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଆମେରିକାର ନୂଆ ଉର୍ଜା ସଚିବ ଜେନିଫର ଗ୍ରାନହୋଲମଙ୍କ ମଧ୍ୟରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ପ୍ରଧାନ ଆମେରିକାର ନୂଆ ଉର୍ଜା ସଚିବ ଜେନିଫର ଗ୍ରାନହୋଲମଙ୍କୁ ନୂଆ ପଦରେ ଅବସ୍ଥାପିତ ପାଇଁ ଅଭିନନ୍ଦନ ଜଣାଇବା ସହ ଭାରତ ଓ ଆମେରିକା ମଧ୍ୟରେ ରଣନୈତିକ ଉର୍ଜା ସମ୍ପର୍କ ଉପରେ ସମୀକ୍ଷା କରିଥିଲେ। ଉଭୟ ନେତୃତ୍ୱ ଭାରତ-ଆମେରିକା ମଧ୍ୟରେ ରଣନୈତିକ ଉର୍ଜା ସମ୍ପର୍କର ପୁନଃପ୍ରତିଷ୍ଠାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକାର ରାଷ୍ଟ୍ରପତି ଜୋ ବାଇଡ଼େନଙ୍କ ନୂଆ ପ୍ରାଥମିକତାରେ ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୨୧୮ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୦୬୨୦

ଭୁବନେଶ୍ୱର,୩୦/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୧୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୦୬୨୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୬୮୦୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୮୩୭ ରହିଛି । ଆଜି ଚିହ୍ନଟ ହୋଇଥିବା ୨୧୮ ଜଣଙ୍କ ମଧ୍ୟରୁ ୧୨୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୩୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬ ଜଣ, ବରଗଡ଼ରୁ ୩୪ ଜଣ, ଭଦ୍ରକରୁ ଜଣେ, ବଲାଙ୍ଗୀରରୁ ୯ ଜଣ, କଟକରୁ ୧୬ ଜଣ, ଢେଙ୍କାନାଳରୁ ୩ ଜଣ, ଗଞ୍ଜାମରୁ ୬ ଜଣ, ଜଗତ୍‌ସିଂହପୁରରୁ ୩ ଜଣ, ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ଜଣେ, କଳାହାଣ୍ଡିରୁ ୧୩ ଜଣ, କନ୍ଧମାଳରୁ ଜଣେ, କେନ୍ଦୁଝରରୁ ୨ ଜଣ, ଖୋର୍ଦ୍ଧାରୁ ୨୫ ଜଣ, ମୟୂରଭଞ୍ଜରୁ ୫ ଜଣ, ନବରଙ୍ଗପୁରରୁ ୬ ଜଣ, ନୟାଗଡ଼ରୁ ୩ ଜଣ, ନୂଆପଡ଼ାରୁ ୨୯ ଜଣ, ରାୟଗଡ଼ାରୁ ୩ ଜଣ, ସମ୍ବଲପୁରରୁ ଜଣେ, ସୋନପୁରରୁ ଜଣେ, ସୁନ୍ଦରଗଡ଼ରୁ ୨୬ ଜଣ ଓ ଷ୍ଟେଟ୍ ପୁଲ୍‌ରୁ ୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୪୦ ଡିଗ୍ରୀ ଉପରେ ୧୬ ସହର, ବାରିପଦାରେ ୪୪.୬

ଭୁବନେଶ୍ୱର,୩୦/୦୩(ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢିବାରେ ଲାଗିଛି। ଏହି କ୍ରମରେ ମଙ୍ଗଳବାର ରାଜ୍ୟର ୧୬ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ୪୪.୬ ଡିଗ୍ରୀ ସହ ବାରିପଦା ରାଜ୍ୟର ସବୁଠାରୁ ଉତପ୍ତ ସହର ରହିଥିଲା। ସେହିପରି ତାଳଚେରରେ ତାପମାତ୍ରା ୪୨.୭ ଡିଗ୍ରୀ ରହିଥିବା ବେଳେ ବୌଦ୍ଧରେ ୪୨.୫, ବଲାଙ୍ଗିରରେ ୪୨.୨, ଝାରସୁଗୁଡ଼ାରେ ୪୨.୨, ଟିଟିଲାଗଡ଼ରେ ୪୨, ଅନୁଗୋଳରେ ୪୧.୯, ସୋନପୁରରେ ୪୧.୮, ନୟାଗଡ଼ରେ ୪୧.୭, ବାଲେଶ୍ୱରରେ ୪୧.୪, ହୀରାକୁଦରେ ୪୧.୪, ସମ୍ବଲପୁରରେ ୪୧.୩, ସୁନ୍ଦରଗଡ଼ରେ ୪୧, ଭବାନୀପାଟଣାରେ ୪୧, ମାଲକାନଗିରିରେ ୪୧ ଓ କଟକରେ ୪୦.୫ ଡିଗ୍ରୀ ରେକର୍ଡ କରାଯାଇଛି। ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୩୯.୮ ଡିଗ୍ରୀ ରହିଥିଲା। ଚାନ୍ଦବାଲିରେ ତାପମାତ୍ର ୩୯.୨ ଡିଗ୍ରୀ ରହିଥିବା ବେଳେ ପାରାଦୀପରେ ୩୧.୬, ଗୋପାଳପୁରରେ ୩୨, ପୁରୀରେ ୩୩, କେନ୍ଦୁଝରରେ ୩୯, କୋରାପୁଟରେ ୩୬, ଦାରିଙ୍ଗବାଡ଼ିରେ ୩୬, ଛତ୍ରପୁରରେ ୩୫ ଓ ପାରଳାଖେମୁଣ୍ଡିରେ ୩୪.୫ ଡିଗ୍ରୀ ରେକର୍ଡ କରାଯାଇଛି।

## ପିପିଲି ଉପନିର୍ବାଚନ : ବିଜେପିର ୩୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା

ଭୁବନେଶ୍ୱର,୩୦/୦୩ (ନି.ପ୍ର): ପିପିଲି ଉପନିର୍ବାଚନ ପାଇଁ ୩୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି ବିଜେପି। ତାଲିକାରେ ବିଜେପି ରାଜ୍ୟ ସଭାପତି ସଭାପତି ସମୀର ମହାନ୍ତିଙ୍କ ସହ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ, ବିଜେପି ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ମଧ ଷ୍ଟାର ପ୍ରଚାରକ ତାଲିକାରେ ଅଛନ୍ତି। ସେହିପରି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବିଜେପି ସହପ୍ରଭାରୀ ବିଜୟପାଲ ସିଂ ତୋମାର, ସାଂସଦ ଜୁଏଲ ଓରାମ ,ସାଂସଦ ଅପରାଜିତା ଷଡ଼ଙ୍ଗୀ, ବସନ୍ତ ପଣ୍ଡା, ସୁରେଶ ପୂଜାରୀ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ବରିଷ୍ଠ ବିଜେପି ନେତା କନକ ବର୍ଦ୍ଧନ ସିଂହ ଦେଓ, ବିଜୟ ମହାପାତ୍ର, ସମ୍ବିତ ପାତ୍ରଙ୍କ ନାଁ ମଧ ତାଲିକାରେ ରହିଛି। ସେହିପରି ବରିଷ୍ଠ ନେତା ପୃଥୀରାଜ ହରିଚନ୍ଦନ,ଗୋଲକ ମହାପାତ୍ର, ଲେଖାଶ୍ରୀ ସାମନ୍ତ ସିଂହାର, ପ୍ରକାଶ ମିଶ୍ର ମଧ୍ୟ ଷ୍ଟାର ପ୍ରଚାରକ ତାଲିକାରେ ରହିଛନ୍ତି।

## ଏପ୍ରିଲ ୩ ଯାଏଁ ଗ୍ରୀଷ୍ମ ଲହରୀ

### ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୩୦/୦୩(ନି.ପ୍ର): ପଶ୍ଚିମ ଦିଗରୁ ଓଡିଶା ମଧ୍ୟକୁ ଶୁଷ୍କ ବାୟୁ ତଥା ସ୍ଥାନୀୟ ଗରମ ପ୍ରଭାବରୁ ଉତର ଆଭୟନ୍ତରୀଣ ଓଡିଶାର ସମସ୍ତ ଜିଲ୍ଲା, ସଂଲଗ୍ନ ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶାର କିଛିଜିଲ୍ଲା ତଥା କିଛି ଉପକୂଳବର୍ତୀ ଜିଲ୍ଲା ଗୁଡିକରେ ଆଗାମୀ ୩ ଦିନ ଯାଏଁ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆସନ୍ତା ୪୮ ଘଂଟା ମଧ୍ୟରେ ଦିନର ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇପାରେ। ଏ ନେଇ ପାଣିପାଗ ବିଭାଗ ଏପ୍ରିଲ୍ ୨ ତାରିଖ ଯାଏ ୨୦ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହି ଜିଲ୍ଲା ଗୁଡିକ ହେଲା ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବରଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, ନୟାଗଡ଼, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର। ତେବେ ୩ ତାରିଖରୁ ପାଗରେ ସାମାନ୍ୟ ପରିବର୍ତନ ଆସିପାରେ। ଏପ୍ରିଲ୍ ୩ରୁ ୪ ତାରିଖ ଭିତରେ ରାଜ୍ୟର କିଛି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଶେଷକରି ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର ଓ କୋରାପୁଟରେ ଘଡ଼ଘଡ଼ି ଏବଂ ବିଜୁଳି ସହ ପବନର ଘଂଟାପ୍ରତି ୩୦ରୁ ୪୦ କିମି ବେଗରେ ବୋହିବାର ସମ୍ଭାବନା ରହିଛି। ଅପରପକ୍ଷରେ ସ୍ୱତନ୍ତ୍ର ରିଲିଫ୍ କମିଶନର ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶରେ କୁହାଯାଇଛି।

## ସର୍ବେଶ୍ୱର ବେହେରାଙ୍କ ଉପରେ ଆକ୍ରମଣ ଘଟଣା ବିଧାନସଭାରେ ଉଠିଲା

### ପୀଡିତ ପରିବାରକୁ ସୁରକ୍ଷା ପ୍ରଦାନ କରାଯାଉ ଓ ଦୋଷୀଙ୍କୁ ଗିରଫ କରାଯାଉ



ଭୁବନେଶ୍ୱର,୩୦/୦୩ (ନି.ପ୍ର): ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହେରାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ବିଧାନସଭାରେ ଉଠାଇ ଏହା ପଛରେ ସ୍ଥାନୀୟ ବିଧାୟକ ଓ ଅନ୍ୟ ଦୁର୍ନୀତିଗ୍ରସ୍ତ ବିଜେଡି ଲୋକ ମାନଙ୍କର ହାତ ରହିଥିବା ଅଭିଯୋଗ କରିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ। ସେ ପୀଡିତଙ୍କ ପରିବାରକୁ ସୁରକ୍ଷା ପ୍ରଦାନ କରିବା ସହ ଦୋଷୀ ମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଷୁଡି ପଡିଥିବା ନେଇ ସେ ଅଭିଯୋଗ କରିଛନ୍ତି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ନାଏକ କହିଛନ୍ତି ଯେ , ରାଜ୍ୟର ଜଣେ ଜଣାଶୁଣା ସୂଚନା ଅଧୀକାର କର୍ମୀ ତଥା ଯାଜପୁର ଜିଲ୍ଲାରେ ଦୁର୍ନୀତି ବିରୋଧରେ କ୍ରମାଗତ ଭାବରେ ସ୍ୱର ଉଠାଇ ଆସୁଥିବା ସର୍ବେଶ୍ୱର ବେହେରାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି । ଏ ସମସ୍ତ ବେଆଇନ କାଣ୍ଡକାରନାମାରେ ସାମିଲ ଥିବା ଅସାମାଜିକ ତତ୍ତ୍ୱମାନେ ହିଁ ତାଙ୍କ ଉପରେ ଆକ୍ରମଣ କରିଛନ୍ତି । ଡଙ୍କାରି ପାହାଡ, ପିଡିଏସ ଦୁର୍ନୀତି, ଇନ୍ଦିରା ଆବାସ ଦୁର୍ନୀତି, ମାମୁ ଭଣଜା ଘାଇ ମାମଲାରେ ଦୋଷୀ ଲୋକ ମାନେ ହିଁ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଛନ୍ତି । ଏହି ସମସ୍ତ ଦୁର୍ନୀତି ସମ୍ପର୍କରେ ସେ ସ୍ୱର ଉଠାଉଥିଲେ । ଏହି ଘଟଣା ପ୍ରମାଣିତ କରୁଛି ଯେ ରାଜ୍ୟରେ ଆଇନର ଶାସନ ନାହିଁ । ଶାସକ ଦଳ ଓ ମୁଖ୍ୟମନ୍ତ୍ରୀଙ୍କ ବିନା ପ୍ରୋତ୍ସାହନରେ ଏପରି ଆକ୍ରମଣ କରା ଯାଇ ପାରିବ ନାହିଁ । ସେ କହିଛନ୍ତି ଯେ ଏହି ବିଭିନ୍ନ ଦୁର୍ନୀତିର ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ପୋଲିସ କିମ୍ବା ପ୍ରଶାସନ ହାତ ବାନ୍ଧି ବସିଛି । ସେ କହିଛନ୍ତି ଯେ ଦୋଷୀଙ୍କୁ ତୁରନ୍ତ ଗିରଫ, ଉକ୍ତ ଆକ୍ରମଣର ପଛରେ କେଉଁ ପ୍ରଭାବଶାଳୀ ବ୍ୟକ୍ତିମାନେ ଅଛନ୍ତି ଏହାର ଖୁଲାସା ପାଇଁ ଉଚ୍ଚ ସ୍ତରୀୟ ତଦନ୍ତ ଓ ସର୍ବେଶ୍ୱରଙ୍କ ପରିବାରକୁ ୨୪ ଘଂଟିଆ ସୁରକ୍ଷା ଯୋଗାଇ ଦେବାପାଇଁ ସେ ଦାବି କରିବା ସହ ବାଚସ୍ପତି ଏହି ପ୍ରସଙ୍ଗକୁ ଦେଖିବାକୁ ସେ ଅନୁରୋଧ କରିଥିଲେ ।

# ସ୍ମୃତିଲିପି ସାହିତ୍ୟ ପତ୍ରିକାର ରଜତ ଜୟନ୍ତୀ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ




ଭୁବନେଶ୍ୱର,୩୦।୩ (ନି.ପ୍ର): 'ସ୍ମୃତିଲିପି'ର ରଜତ ଜୟନ୍ତୀ ଉତ୍ସବ ଓ ପୁସ୍ତକ ଉନ୍ମୋଚନ ସହ ସାରସ୍ୱତ ସମ୍ବର୍ଦ୍ଧନା ପର୍ବ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମ ଅଧିବେଶନଟି ଡକ୍ଟର ସୁଚେତା ରାଉତ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ମଞ୍ଚରେ ଉଦ୍‌ଘାଟକ ଭାବେ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ କଳିଙ୍ଗ ନଗର ଯୋଗଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ଡ. ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ସଂପାଦକ କୋରାଇ ମଣ୍ଡଳ ସାହିତ୍ୟ ସଂସଦ, ସମ୍ମାନିତ ଅତିଥି ଭାବେ ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ, ବାହାଦୁର ପାଟ୍ଟସାହାଣୀ, ଅଧ୍ୟାପିକା ଡ. ମାନସୀ କର, ପ୍ରମୁଖ ଯୋଗ ଦେଇ ଆଜି ସମାଜରେ କିପରି ଭଲ ରୁଚି ସମ୍ପନ୍ନ କବିତା ରଚନା କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ କବିତା ପାଠୋତ୍ସବକୁ ବିଜୟଲକ୍ଷ୍ମୀ ସାହୁ, ଡ. ଦେବୀପ୍ରସାଦ ମହାପାତ୍ର ଓ ସସ୍ମିତା ସାହୁଙ୍କ ମିଳିତ ସଂଯୋଜନାରେ ବିଜୟା ଲକ୍ଷ୍ମୀ ମହାପାତ୍ର, ଇଂ. ପ୍ରତାପ କିଶୋର ନାୟକ, ସରୋଜ ବିଶ୍ୱାଳ, ଡକ୍ଟର କୁମାର ବାବୁଲି, ରୁଦ୍ର ନାରାୟଣ ଦାଶ, ସରିତା ପାଟ୍ଟସାହାଣୀ, ସବିତା ରଥ, ପଦ୍ମଲୋଚନ ଜେନା, ଶ୍ୟାମାକିଙ୍କର ମହାନ୍ତି, ପ୍ରଫୁଲ୍ଲ ମହାଲିକ୍, ରେଣୁବାଳା ଦଳାଇ, ପ୍ରମୋଦା ମଞ୍ଜରୀ ବଳ, ମନୋରମା ସାହୁ, ନିରଞ୍ଜନ ସାହୁ, ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ, ଇତିଶ୍ରୀ ପତି, ସସ୍ମିତା ମହାପାତ୍ର ପ୍ରମୁଖ ଶତାଧିକ କବି ନିଜର ସ୍ୱରଚିତ କବିତା ପାଠ କରିଥିଲେ । ପରିଶେଷରେ ସ୍ମୃତିଲିପି ସଭାପତି ଜୟକୃଷ୍ଣ ତ୍ରିପାଠୀଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ପର୍ବ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ଅତିଥି ମାନଙ୍କର ପରିଚୟ ମଧୁ ଓଡ଼ିଆ ସେନାର ରାଜ୍ୟ ସଭାପତି ପଦ୍ମାକର ଗୁରୁ ପ୍ରଦାନ କରିଥିବାବେଳେ ସ୍ୱାଗତ ଭାଷଣ ପତ୍ରିକାର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୟାନିଧି ନାୟକ ଦେଇଥିଲେ ଓ ସମ୍ପାଦକୀୟ ପାଠ କରିଥିଲେ ପତ୍ରିକାର ସମ୍ପାଦକ ଭୁବନ ମୋହନ ମହାନ୍ତି । ଏହି ଅବସରରେ ସ୍ମୃତିଲିପିର ରଜତ ଜୟନ୍ତୀ ବିଶେଷାଙ୍କ ଓ କବି ନାରାୟଣ ମହାଲିକଙ୍କର କବିତା ସଂକଳନ 'ନର୍କ ନିର୍ମାଲ୍ୟ' ମୁଖ୍ୟ ଅତିଥି ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବରେଣ୍ୟ ଅତିଥି ପଦ୍ମଶ୍ରୀ ଡ. ରଜତ କୁମାର କର, ବରିଷ୍ଠ ସାହିତ୍ୟିକ ବିଜୟ କୁମାର ନାୟକ, ସମ୍ମାନିତ ଅତିଥି ଧରଣୀଧର ନାୟକଙ୍କର ମିଳିତ ଉଦ୍ୟମରେ ଲୋକାର୍ପିତ କରାଯାଇଥିଲା । ପରେ ପରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା । ଏ ବର୍ଷର 'ସ୍ମୃତିଲିପି ରଜତ ଜୟନ୍ତୀ ପ୍ରତିଭା ସମ୍ମାନ' ପ୍ରଣତୀ ପ୍ରତିନନ୍ଦା ନାୟକ, ଗୌରାଂଗ କୁମାର ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଶାନ୍ତିଲତା ପଲେଇ, କମଳିନୀ ଦେବୀ, ରୀତା ମିଶ୍ର, କୁଳମଣି ସାହୁ, ନୃସିଂହାନନ୍ଦ ମହାପାତ୍ର, ବିଣାପାଣୀ ଚୌଧୁରୀ, ଲୋକନାଥ ମହାପାତ୍ର, ଡ. ଅଂଶୁମାନ ମିଶ୍ର, ଡ. ଦିପ୍ତୀମୟୀ ବେହେରା, ମନିଷା ରାୟ, ପ୍ରଶାନ୍ତ ମହାପାତ୍ର, ନିର୍ମଳ କୁମାର ବିଶ୍ୱାଳ, ରାଜଲକ୍ଷ୍ମୀ ପାତ୍ର, ଫଜରୁଲ ରେହମାନଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଥିବା ବେଳେ, 'ସ୍ମୃତିଲିପି' ମାଧ୍ୟମରେ ପ୍ରଦତ୍ତ 'ସ୍ମୃତି ପୁରସ୍କାର' ଯଥାକ୍ରମେ ଅବ୍‌ଦୁଲ୍ଲ ସତ୍ତାର ସ୍ମୃତି ସମ୍ମାନ ଡ. ବୈଜୟନ୍ତୀ ମିଶ୍ର , ଆଇନ୍‌ଜୀବି ପ୍ରଫୁଲ୍ଲ କୁମାର ଧଳ ସ୍ମୃତିସମ୍ମାନ, ଡ. ମନୋରଂଜନ ମହାନ୍ତିଙ୍କୁ, ରଜନୀ ମିଶ୍ର ସ୍ମୃତି ସମ୍ମାନ, ସଦାଶିବ ମିଶ୍ର, ସଂପାଦକ ସୁଲେଖାଙ୍କୁ ପ୍ରଦାନ କରାଯାଇଥିବା ବେଳେ, ରାମଚନ୍ଦ୍ର ବିଶ୍ୱାଳ ସ୍ମୃତି ସମ୍ମାନ ଡ. ଚିତ୍ତରଂଜନ ମହାନ୍ତି, ସରୋଜିନୀ ମହାନ୍ତି ସ୍ମୃତି ସମ୍ମାନ ଜୟନ୍ତୀ ପଢିଆରୀ ସଂପାଦିକ ମଧୁର ଭାରତୀଙ୍କୁ ପ୍ରଦାନ କରାଯାଇଥିଲା । ସ୍ମୃତିଲିପିର ସ୍ୱତନ୍ତ୍ର ପ୍ରତିଭା ସମ୍ମାନ-୨୦୨୦ "ଇଫିକୋ" ପାରାଦ୍ୱୀପ, "ଇମ୍ପା" କାଳିଆପାଣି, "ବ୍ୟାଙ୍କ୍‌ଅଫ୍ ଇଣ୍ଡିଆ" ଭୁବନେଶ୍ୱର, ଉଦୟ ନାରାୟଣ ଚଇନି, ମହାପାତ୍ର ପ୍ରିଣ୍ଟିଂ ପ୍ରେସ୍, ମମତାଜ୍ ଅଲ୍ଲୀ, ଡକ୍ଟର ମଞ୍ଜୁର ଅଲ୍ଲୀ, ସାମ୍ବାଦିକ ମଳୟ କୁମାର ମଲ୍ଲିକ୍, ଚୌଧୁରୀ ବରଦା ପ୍ରସନ୍ନ ଦାସ, ରୁମ୍‌ରୁମ୍ ନାୟକ, ମନୋଜ କୁମାର ରାଉତ, ଡାକ୍ତର ରବିନାରାୟଣ ସେନାପତି, ଅଧ୍ୟାପିକା ରୀନା ମହାପାତ୍ର, ଡକ୍ଟର ଅଶୋକ କୁମାର ସିଂହ, କାନନ ବାଳା ପଟ୍ଟନାୟକ, ଆରତୀ ମହାନ୍ତି, ସୁଶାନ୍ତ କୁମାର ନାୟକ, ନିରଞ୍ଜନ ଗୁରୁ, ନାରାୟଣ ମହାଲିକ ପ୍ରମୁଖ ୨୫ଜଣଙ୍କୁ ସ୍ମୃତିଲିପି ସ୍ୱତନ୍ତ୍ର ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଉକ୍ତ ଉତ୍ସବଟିକୁ ସଂଚାଳନା କରିଥିଲେ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ୱଦା । ଉତ୍ସବ ପ୍ରାରମ୍ଭରେ ସୁଶ୍ରୀ ଦିବ୍ୟା ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଉକ୍ତ ଦୁଇଟି ଅଧିବେଶନରେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଥମଟିରେ ଯୁବକବି କାର୍ତ୍ତିକ ସାହୁ ଓ ଦ୍ୱିତୀୟ ଅଧିବେଶନ ଅରବିନ୍ଦ ତ୍ରିପାଠୀ, ଉତ୍ସବରେ ସହାୟତା କରିଥିଲେ କବି କାନନବାଳା ପଟ୍ଟନାୟକ, ଆରତୀ ମହାନ୍ତି, ମନୋଜ କୁମାର ରାଉତ, ନିରଂଜନ ଗୁରୁ ପ୍ରମୁଖ ସହଯୋଗ କରିଥିଲେ ।

# ପରିବେଶବିତ୍ ପାଳିଲେ କ୍ଲିନ୍ ହୋଲି-ଗ୍ରୀନ୍ ହୋଲି




ଭୁବନେଶ୍ୱର,୩୦।୩ (ନି.ପ୍ର): ରଙ୍ଗର ପର୍ବ ହୋଲିକୁ ସ୍ମାର୍ଟ ନଗରୀ ଭୁବନେଶ୍ୱରର ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଏକ ନିଆରା ଢଙ୍ଗରେ ପରିବେଶ ଉପଯୋଗୀ ବଳିଷ୍ଠ ବାର୍ତ୍ତା ଦେଇ ନିରାଡ଼ମ୍ବର ଭାବେ ପାଳନ କରିଥିଲେ । ଘରର ଛାତ ଉପରେ ରଙ୍ଗ ବେରଙ୍ଗ ମୁରୁଜ ପକାଇ ତିଆରିଥିଲେ ଏକ ରଙ୍ଗୀନ ବୃକ୍ଷ । ଏଥିରେ ଦର୍ଶାଇଥିଲେ ରଙ୍ଗ ହେଉଛି ପ୍ରକୃତିର ଅନନ୍ୟ ସୃଷ୍ଟି । ଏଣୁ ରାସାୟନିକ ରଙ୍ଗ ଠାରୁ ଦୂରରେ ରହି ପ୍ରାକୃତିକ ରଙ୍ଗ ତଥା ହଳଦୀ, ଡ଼ାଳିଆ ଫୁଲ, ମନ୍ଦାର ଫୁଲ, ଲାଲ ଚନ୍ଦନ, ଚାଉଳ ଗୁଣ୍ଡ, ଡ଼ାଳିମ୍ବ ଚୋପା, ନିମ୍ବ ପତ୍ର, ପାଳଙ୍ଗ ଓ ମେହେନ୍ଦି ପାଉଡ଼ର ବ୍ୟବହାର କରି ନିରାପଦ ଓ ସୁରକ୍ଷିତ ହୋଲି ପାଳନ ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଯଦ୍ୱାରା ଆମେ ଜଳ ଓ ବାୟୁ ପ୍ରଦୂଷଣକୁ ଅନେକ ମାତ୍ରାରେ ରକ୍ଷା କରିପାରିବା ବୋଲି ସେ ଏହି ମର୍ମରେ କହିଥିଲେ । ରଙ୍ଗର ପର୍ବକୁ କ୍ଲିନ ହୋଲି-ଗ୍ରୀନ୍ ହୋଲି ରୂପେ ସମସ୍ତେ ପାଳନ କରନ୍ତୁ ବୋଲି ଶ୍ରୀ ସାହୁ ଏହି ଅବସରରେ ଆଶା ପ୍ରକଟ କରିଥିଲେ ।

# ଡଙ୍ଗା ବୁଡ଼ି ନଦୀରେ ନିଖୋଜ ଘଟଣା: ତିନି ଦିନ ପରେ ମୃତଦେହ ଉଦ୍ଧାର

ଲମତାପୁଟ ,୩୦।୩ (ନି.ପ୍ର):ମାଛକୁଣ୍ଡ ନଦୀକୁ ମାଛ ଧରିବା ପାଇଁ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ଶବ ସୋମବାର ଉଦ୍ଧାର କରାଯାଇଛି । କୋରାପୁଟ ଓଡ୍ରାଫ୍ ଟିମ୍ ମାଛକୁଣ୍ଡ ନଦୀରୁ ଯୁବକଙ୍କ ଶବ ଉଦ୍ଧାର କରିବା ପରେ ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରକାଶ ଥାଉକି, ମାଛକୁଣ୍ଡ ଥାନା ଅନ୍ତର୍ଗତ ହନ୍ତାଳପୁଟ ଗ୍ରାମର ସମରା ଗୋଲରୀ ନିଜ ପତ୍ନୀ ମଣିମାଙ୍କ ସହିତ ଶୁକ୍ରବାର ଅପରାହ୍ନରେ ମାଛକୁଣ୍ଡ ନଦୀ ବିଦ୍ୟୁତ ପ୍ରକଳ୍ପର ତଳ ଭାଗକୁ ମାଛ ଧରିବା ପାଇଁ ଯାଇଥିଲେ । ମଣିମା ନଦୀ ମୁହାଣରେ ବସିଥିବା ବେଳେ ସୋମରା ମାଛ ଧରିବାକୁ ଏକ ଡଙ୍ଗାରେ ନଦୀର ଅପର ପାର୍ଶ୍ୱ ତଥା ଆନ୍ଧ୍ର ସୀମାନ୍ତକୁ ଯାଇଥିଲେ । ତେବେ ମାଛ ଧରୁଥିବା ସମୟରେ ହଠାତ୍ ଭାରସାମ୍ୟ ହରାଇ ଡଙ୍ଗାଟି ବୁଡ଼ି ଯିବାରୁ ସମରା ମଧ ନଦୀରେ ବୁଡ଼ି ନିଖୋଜ ହୋଇଯାଇଥିଲେ । ସମରା ନଦୀରେ ବୁଡ଼ି ଯିବା ନେଇ ପତ୍ନୀ ସଂପର୍କୀୟ ମାନଙ୍କୁ ଜଣାଇଥିଲେ । ଖବର ପାଇଁ ଲମତାପୁଟ ଅଗ୍ନିଶମ ବିଭାଗ କର୍ମଚାରୀ ଶନିବାର ଦିନ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ସମରାଙ୍କୁ ଉଦ୍ଧାର କରିପାରି ନଥିଲେ । ନଦୀରେ ପାଣିର ସ୍ରୋତ ପ୍ରଖର ଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ମାଛକୁଣ୍ଡ ତହସିଲଦାର ମାନସ ରଞ୍ଜନ ପଟ୍ଟନାୟକ ଓଡ୍ରାଫ୍ ଟିମ୍‌ର ସହାୟତା ପାଇଁ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ । ରବିବାର କୋରାପୁଟ ଓଡ୍ରାଫ୍ ଟିମ୍‌ର ୮ଜଣ ସଦସ୍ୟ ମାଛକୁଣ୍ଡ ନଦୀରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୀର୍ଘ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଖୋଜାଖୋଜି କରିବା ପରେ ଘଟଣା ସ୍ଥଳରୁ ପ୍ରାୟ ୧ କିଲୋମିଟର ଦୂରରୁ ନିଖୋଜ ସମରାଙ୍କ ଶବକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ଖବର ପାଇ ମାଛକୁଣ୍ଡ ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ଲାକ୍ରା, ହାବିଲଦାର ଚୈତନ୍ୟ ନାୟକ ଓ ଅନକାଡେଲୀ ସରପଞ୍ଚ ଜଗନ୍ନାଥ ହନ୍ତାଲ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପରେ ମାଛକୁଣ୍ଡ ପୁଲିସ ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ସମରାଙ୍କ ଶବ ଉଦ୍ଧାର ହେବା ପରେ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

# ୩୦ରେ ଗାନ୍ଧିଜୀଙ୍କ ବ୍ରହ୍ମପୁର ଆଗମନରେ ବ୍ରହ୍ମପୁର ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବ୍ରହ୍ମପୁର,୩୦।୩ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀ ୧୯୨୧ ମସିହା ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଆଗମନ କରିଥିଲେ । ସେହି ଆଗମନର ସ୍ମୃତିକୁ ଶହେ ବର୍ଷ ପୂର୍ତ୍ତି ହେଉଛି । ଏହି ଅବସରରେ ମଙ୍ଗଳବାର ଭୋରରେ ଗାନ୍ଧୀ ପ୍ରାର୍ଥନା ସହ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ଗାନ୍ଧିନଗରସ୍ଥିତ ମହାତ୍ମା ଗାନ୍ଧୀ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମେତ ଇଞ୍ଜିନିୟରିଂ ସ୍କୁଲ ପରିସରରେ ଥିବା ଉମା ଚରଣ ପଟ୍ଟନାୟକ, ଲିଙ୍ଗରାଜ ଲ' କଲେଜ ପରିସରରେ ଥିବା ଲିଙ୍ଗରାଜ ପାଣିଗ୍ରାହୀ, ଏମକେସିଜି ମେଡିକାଲ କଲେଜ ପରିସରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ସ୍ୱାମୀ ବିବେକାନନ୍ଦ କମାପଲ୍ଲୀ ଛକସ୍ଥିତ ବୃନ୍ଦାବନ ନାୟକ, ଗିରିରୋଡ଼ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସ, ଖଲିକୋଟ କଲେଜ ପରିସରସ୍ଥ ରାଜା ହରିହର ମର୍ଦ୍ଦରାଜ ଓ ରାମଚନ୍ଦ୍ର ମର୍ଦ୍ଦରାଜ, ପିଭିଏନ ରାଓ ଛକସ୍ଥିତ ସୁବାଷ ଚନ୍ଦ୍ର ବୋଷ, ବ୍ରହ୍ମପୁର ମଣ୍ଡଳ କାରାଗାର ପରିସରସ୍ଥ ଶହୀଦ ଲକ୍ଷ୍ମଣ ନାୟକ, ସଂସ୍କୃତି ଭବନ ପରିସରରେ ଥିବା କବିସୂର୍ଯ୍ୟ ବଳଦେବ ରଥ, ଉପେନ୍ଦ୍ର ଭଞ୍ଜ, ଗଙ୍ଗାଧର ମେହେର, ପୌର ନିଗମ ଅତିଥି ଭବନ ପରିସରସ୍ଥ ବିଶ୍ୱନାଥ ଦାସ, ପୁରୁଣା ବସଷ୍ଟାଣ୍ଡ ଟ୍ରାଫିକ ପୋଷ୍ଟ ପରିସରସ୍ଥ ଶଶି ଭୂଷଣ ରଥ, ପୁରୁଣା ବସଷ୍ଟାଣ୍ଡସ୍ଥିତ ଇନ୍ଦିରା ଗାନ୍ଧୀ, ବିଜୟା ପେଣ୍ଡାଲ ସମ୍ମୁଖସ୍ଥ କୃଷ୍ଣଚନ୍ଦ୍ର ଗଜପତି, ଦେଶି ବେହେରା ସାହିସ୍ଥିତ ବିଜୁ ପଟ୍ଟନାୟକ, ସବରେଜିଷ୍ଟ୍ରାର ଅଫିସ ପରିସରସ୍ଥ ପଦ୍ମଶ୍ରୀ ମୋହନ ନାୟକ,



କୋର୍ଟପେଟା ଛକସ୍ଥିତ ଦିବାକର ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି କାଯର୍ୟକ୍ରମରେ ମହାତ୍ମା ଗାନ୍ଧୀଙ୍କ ବ୍ରହ୍ମପୁର ଆଗମନର ଶତବାର୍ଷିକୀ ପାଳନ କମିଟିର ସଂଯୋଜକ ରବି ରଥଙ୍କ ସମେତ କମିଟିର ସଦସ୍ୟ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ମେଜର ରମା ରମଣ ପାଢ଼ୀ, ବିଜେଡି ନେତା ଟି.ଗୋପୀ, ଭାଜପା ନେତା ଡ଼ା.ସୁବାସ ଚନ୍ଦ୍ର ସାହୁ, ଲୋକ ସେବକ ମଣ୍ଡଳ ସଦସ୍ୟ ରାଜେନ୍ଦ୍ର ଜେନା, ଡ଼ା. ସାଗର ରଞ୍ଜନ ତ୍ରିପାଠୀ, ସମାଜସେବୀ ସୁଶାନ୍ତ ସାବତ, ସୁରେଶ ତ୍ରିପାଠୀ, ଡ଼. ଡ଼ମ୍ବରୁଧର ସାହୁ, ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲର ପ୍ରିନ୍ସିପାଲ ସୂର୍ଯ୍ୟନାରାୟଣ ଧର ଓ ଇଂ. ସନ୍ତୋଷ ପାଢ଼ୀଙ୍କ ସମେତ ବହୁ ବରିଷ୍ଠ ନାଗରିକ, ସମାଜସେବୀ ଉପସ୍ଥିତ ଥିଲେ ।

# ଘାରୁଛି ବେପାର ଚିନ୍ତା: ଟମାଟୋ କିଲୋ ୧ ଟଙ୍କା



ବାସୁଦେବପୁର,୩୦।୩ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ପରିବା ଚାଷୀଙ୍କୁ ଘାରୁଛି ବେପାର ଚିନ୍ତା । ଫସଲ ସିନା ଭଲ ହୋଇଛି, କିନ୍ତୁ ବିକ୍ରିବଟା ହୋଇପାରୁନଥିବାରୁ ନଷ୍ଟ ହେବାରେ ଲାଗିଛି ପରିବା । ମିରିଗା, ଅଫୁଲା, ଦେଉଳୀ, ଭୈରବପୁର, ଲୁଙ୍ଗା, ଅରଣ୍ଡୁଆ ଅଂଚଳରେ ଟମାଟୋ ଠାରୁ ଆରମ୍ଭ କରି ବାଇଗଣ ଚାଷ ଭଲ ହୋଇଛି । ହେଲେ ବଜାରରେ ଚାହିଦା କମ ଥିବାରୁ ବ୍ୟବସାୟୀ କିଣୁନଥିବା ଅଭିଯୋଗ ହୋଇଛି । ଟମାଟୋ କିଲୋ ପିଛା ୧ ଟଙ୍କାରେ ବିକ୍ରି ହେଉଛି । ସେହିପରି ଚାଷୀଙ୍କ ଠାରୁ ବାଇଗଣ କିଲୋ ପିଛା ୫ ଟଙ୍କା ଓ କୋବି ଗୋଟାଏ ୩ରୁ ୪ଟଙ୍କାରେ ବିକ୍ରି କରିବାକୁ ପଡୁଛି । ଏହାଦ୍ୱାରା ଚାଷୀ ଖର୍ଚ୍ଚ କରିଥିବା ଅର୍ଥ ବି ବାହାରି ପାରୁନି । ଏମିତିକି ଚାଷୀ କ୍ଷେତରୁ ଟମାଟୋ ନ ତୋଳି ଲୋକଙ୍କୁ ସେମିତି ଦେଇଦେଉଥିବା କହିଛନ୍ତି । ଚାଷୀଙ୍କ ଏହି ଦୁର୍ଦ୍ଦିନ ସମୟରେ କୃଷି କି ଉଦ୍ୟାନ ବିଭାଗର ଦେଖାନାହିଁ । ଏପରି କି ଅଞ୍ଚଳରେ ଶୀତଳ ଭଣ୍ଡାର ଥିଲେ ଚାଷୀ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି ।

# ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ବରିଷ୍ଠ ନାଗରିକଙ୍କ ପରାମର୍ଶ ଅପରିହାର୍ଯ୍ୟ



ବ୍ରହ୍ମପୁର,୩୦।୩ (ନି.ପ୍ର): ସମାଜର ସର୍ବାଙ୍ଗୀନ ବିକାଶ ଓ ସମାଜରେ ଦେଖା ଦେଇଥିବା ସାମାଜିକ ବିଶୃଙ୍ଖଳାର ବିଲୋପ ପାଇଁ ବରିଷ୍ଠ ନାଗରିକମାନଙ୍କ ପରାମର୍ଶ ଅପରିହାର୍ଯ୍ୟ ବୋଲି ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ତଥା ନବୀନର ସମ୍ପାଦକ ରବି ରଥ ପ୍ରକାଶ କରିଛନ୍ତି । ସ୍ଥାନୀୟ ଗୋଷାଇଁ ନୂଆଗାଁସ୍ଥିତ ବରିଷ୍ଠ ନାଗରିକ ବିଗ୍ରର ମଞ୍ଚ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ରଥ ସମାଜରେ ଦେଖା ଦେଇଥିବା ସ୍ଥିତି ସମ୍ପର୍କରେ ଅବଗତ କରିବା ସହ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ସାମାଜିକ ସମସ୍ୟାକୁ ଦୂର କରିବା ପାଇଁ ସରକାରଙ୍କ ସହାୟତା ଏକାନ୍ତ କାମ୍ୟ ବୋଲି କହିଥିଲେ । ମଞ୍ଚର ସଭାପତି ଇଂ.ପ୍ରଫୁଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ଆଡ଼ଭୋକେଟ ପ୍ରତାପ ଚନ୍ଦ୍ର ଦାଶ ଗତ ମାସର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ସଭାପତି ଶ୍ରୀ ପାତ୍ର ସଂଘର ୧୨ତମ ବାର୍ଷିକ ଉତ୍ସବ ଆସନ୍ତା ଏପ୍ରିଲ ୧୧, ୨୦୨୧ (ରବିବାର) ସ୍ଥାନୀୟ ଉତ୍ତରେଶ୍ୱର ଭବନ ପରିସରରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ । ସଦସ୍ୟମାନଙ୍କ ଜନ୍ମଦିନ ଉତ୍ସବରେ ମହାମୃତ୍ୟୁଞ୍ଜୟ ଉଚ୍ଚାରଣ ସହିତ ପୁଷ୍ପବୃଷ୍ଟି କରାଯାଇ ସେମାନଙ୍କ ଦୀର୍ଘଜୀବନ କାମନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ପଣ୍ଡା, ହରିବନ୍ଧୁ ମହାପାତ୍ର, ନରହରି ପାଣିଗ୍ରାହୀ, ସନ୍ତୋଷ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗଙ୍ଗାଧର ପାଢ଼ୀ, ଜୟକୃଷ୍ଣ ମିଶ୍ର, ଉଦୟ ଚୌଧୁରୀ, କିଶୋର ଚୌଧୁରୀ, ଅର୍ଜୁନ କର, ଲୋକନାଥ ସାହୁ, ସୁରେନ୍ଦ୍ର ମହାପାତ୍ର, ହରିହର ଚୌଧୁରୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ ଉପସଭାପତି ଇଂ. ଶ୍ରୀବତ୍ସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହ ଶେଷରେ ଜାତୀୟ ସଂଗୀତ ଗାନ ପରେ ସଭା ଶେଷ ହୋଇଥିଲା ।

# ପ୍ରଥମ କରି ଚଢେଇୟା ନାଟର ଅଡିଓ ଭର୍ସନ ଉନ୍ମୋଚିତ

## ବାଲେଶ୍ୱରୀ ଚଢେଇୟା ନାଟ ଏବେ ୟୁଟ୍ୟୁବ ଚ୍ୟାନେଲରେ

ବାଲେଶ୍ୱର,୩୦।୩ (ନି.ପ୍ର): ରେମୁଣାର ବାଲେଶ୍ୱର ଜିଲ୍ଲା କଳାଗ୍ରାମ ଗୁଡୁଦା ପାଟଣା ( କଳାଘୋଡ଼ାର ଦେଶ)ର ହାଟ ପଡିଆରେ ରେମୁଣାର ସୁବର୍ଣ୍ଣ ସମ୍ପର୍କ ପରିବାର ଓ ଗୁଡୁଦା ପାଟଣାର ମାଆ ଭଗବତୀ ଚଢେଇୟା ନାଟ ଦଳର ମିଳିତ ଆନୁକୂଲ୍ୟରେ ଚଢେଇୟା ନାଟର ଅଡିଓ ଭାର୍ସନ ସିଡି ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରେମୁଣା ବ୍ଲକ ଲୋକକଳା ସଂସ୍କୃତି ପରିଷଦର ଉପସଭାପତି ବିଶିଷ୍ଟ ପାଲା ଗାୟକ ଦୀନବନ୍ଧୁ ଦାସ ଏହି ଅଡିଓ ଭାର୍ସନ ସିଡିକୁ ଉନ୍ମୋଚନ କରି ଏପରି ସମୟୋଚିତ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । ରେମୁଣା ସୁବର୍ଣ୍ଣ ସମ୍ପର୍କର ମୁଖ୍ୟ ତଥ ଅୟୋଜକ ସମାଜସେବୀ ଇଂ ବିଜୟ କୁମାର ସେଠୀ ସଭାପତିତ୍ୱ କରି କହିଥିଲେ ଯେ ବାଲେଶ୍ୱର ଜିଲ୍ଲାର ଅନ୍ୟତମ ସାଂସ୍କୃତିକ ପରିଚୟ ଚଢେଇୟା ନାଟର କଳା ଓ କଳାକାରକୁ ଉଜ୍ଜିବିତ ରଖି ଆଗେଇ ନେବା ପାଇଁ ସରକାରଙ୍କ ଆନ୍ତରିକ ସହ ଯୋଗ ଦରକାର । ଲୋକକଳା ସଂସ୍କୃତି ସଚେତକ ଓ ଉଦ୍ଧାରକ ଶିଳ୍ପୀ କେଶୁଦାସ ପ୍ରାକ୍ ସୂଚନା ଦେଇଥିବା ବେଳେ ଯୁବ କଳାକାର ଜଗଦୀଶ୍ୱର ଜେନା ଅତିଥିଙ୍କୁ ମଂଚ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ବ୍ୟକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଓ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଲୋକନାଟର ଉତ୍ପତି, ଐତିହ୍ୟ ଓ ପରମ୍ପରା ବିଷୟରେ ସବିଶେଷ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କେମେରାମ୍ୟାନ ଓ ନିର୍ଦ୍ଦେଶକ ବ୍ରଜ ଷଡଙ୍ଗୀ, ମଧୁସୂଦନ ନାୟକ, ବନମାଳୀ ମନ୍ତ୍ରୀ ଯୋଗ ଦେଇଥିବା ବେଳେ ପଂଚାନନ ଦଳାଇ ଧନ୍ୟବାଦ ପ୍ରଦାନ କରିଥିଲେ । ୪୫ ମିନିଟର ଏହି ଚଢେଇୟାନାଟ ଗୀତ ଶିଳ୍ପୀ କେଶୁଦାସ (Silpi Kesudas Youtube) ୟୁଟୁବ ଚେନାଲରେ ଶୁଣିପାରିବେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନାଟ ଦଳର କଳାକାର ଓ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରକାଶ ଥାଉ କି କଳା, ସଂସ୍କୃତି ଓ ସାହିତ୍ୟର ଅନନ୍ୟ ଜିଲ୍ଲା ବାଲେଶ୍ୱର । ଏହାର ପ୍ରାଚୀନ ଲୋକକଳା, ଲୋକକଥା, ଲୋକନାଟ, ଲୋକଗୀତ, ଲୋକ ପରମ୍ପରା ଇତ୍ୟାଦି ବାଲେଶ୍ୱରକୁ ସର୍ବଦା ଗୌରବ ମଣ୍ଡିତ କରିଆସିଛି । ଓଡିଶାର ଅବିଭକ୍ତ ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାର ଅନକେ ଅଂଚଳରେ ୫୦/୫୫ ବର୍ଷ ତଳେ ଲୋକପ୍ରିୟ ଓ ବହୁ ପ୍ରସାରିତ ଲୋକନାଟ ଥିଲା ଚଢେଇୟା ନାଟ । ଏହା କେବେ ଓ କିଏ ଆରମ୍ଭ କରିଥିଲା କହିବା କଷ୍ଟ ।



ସେତେବେଳେ ପୃଥିବୀର ବିଭିନ୍ନ ଅଂଚଳରେ ମନୋରଂଜନର ମାଧ୍ୟମ ଭାବରେ ଅଂଚଳ ଭିତିକ ଲୋକ ନାଟ, ଲୋକ ନୃତ୍ୟ ଓ ଲୋକ ଗୀତ ହିଁ ଥିଲା । ପରବର୍ତ୍ତି ସମୟରେ ସେହି ଲୋକ ନାଟ, ଲୋକ ନୃତ୍ୟ ଓ ଲୋକ ଗୀତ ସବୁ ସେହି ଅଂଚଳର ସାଂସ୍କୃତିକ ଐତିହ୍ୟ ଭାବେ ପରିଗଣିତ ହେଲା । ଓଡିଶାର ପ୍ରାୟତଃ ଅଧିକାଂଶ ଲୋକନାଟ, ଲୋକଗୀତ ଓ ଲୋକନୃତ୍ୟର କାହାଣୀ ବା ବିଷୟବସ୍ତୁ ପୁରାଣ ଭିତିକ ହୋଇଥିବା ବେଳେ ଚଢେଇୟା ନାଟ ବୌଦ୍ଧିକ ଓ ସାଧାରଣ ଜ୍ଞାନ ଆଧାରିତ । ଦିନ ସାରା ପରିଶ୍ରମ କରି ସନ୍ଧ୍ୟାରେ ଶ୍ରମ ଲାଘବ ପାଇଁ ଲୋକମାନେ ଏକାଠି ହୋଇ ମନର ସରଳ ଆବେଗକୁ ପରିପ୍ରକାଶ କରୁଥିଲେ । ଏଥିରେ ନାଚ, ଗୀତ ଓ ବାଜା ସହ ଲୋକକଥା, ଲୋକସାହିତ୍ୟ ଓ ସରଳ ଅଭିନୟର ମିଶ୍ରଣରେ ଆରମ୍ଭ ହେଲା ଏକ ସମ୍ପୁର୍ଣ୍ଣ ଚଢେଇୟା ନାଟ । ଏଥିରେ ମୁଖ୍ୟତଃ ନଦୀ କୂଳର ଧୀବର ଓ ହରିଜନ ଲୋକମାନଙ୍କ ଦ୍ୱାରା ଏହି ନାଟ ଦଳ ଗଠିତ ହେଲା । ପରବର୍ତ୍ତିସମୟରେ ଏହି ଚଢେଇୟା ନାଟ ବିଭିନ୍ନ ପର୍ବ ପର୍ବାଣୀ, ମେଳା ମହୋତ୍ସବ ଓ ବ୍ରତ ଓଷା ମାନଙ୍କରେ ପରିବେଷଣ କରି କୋଲମାନଙ୍କ ମନୋରନ କରିବା ସହ ଜ୍ଞାନ ବିତରଣ କରୁଥିଲେ । ବାଲେଶ୍ୱରରେ ୫୦ ବର୍ଷ ତଳେ ୫୦ରୁ ଅଧିକ ଚଢେଇୟା ନାଟ ଦଳ ଥିବା ବେଳେ ଏବେ ମାତ୍ର ୫ଟି ଦଳ ବହୁ କଷ୍ଟରେ ବଂଚି ରହିଛି । ଓଡିଶାର ଗଂଜାମ ଜିଲ୍ଲାରେ ଚଢେଇୟା ନାଟ ନାମରେ ଏକ ଲୋକ ନାଟ ଭାବେ ଲୋକପ୍ରିୟ ଅଛି । ଉତର ଓଡିଶାର ଚଢେଇୟା ନାଟ ଓ ଦକ୍ଷିଣ ଓଡିଶାର ଚଢେଇୟା ନାଟ ମଧ୍ୟରେ ବେଶ କିଛି ପାର୍ଥକ ଦେଖିବାକୁ ମିଳେ । ଆଧୁନିକତାର କଷାଘାତ ଓ ପୃଷ୍ଠପୋଷକତାର ଅଭାବରେ ସବୁ ଲୋକକଳା ସଂସ୍କୃତି ମରି ମରି ଯାଉଥିବା ବେଳେ ଚଢେଇୟା ନାଟର ଅବସ୍ଥା ମଧ୍ୟ ତଦ୍ରୁପ । ବାଲେଶ୍ୱରର ଏହି ପ୍ରାଚୀନ ଲୋକନାଟକୁ ଉଜ୍ଜିବିତ କରି ବଂଚାଇ ରଖିବା ପାଇଁ ଲୋକକଳା ସଂସ୍କୃତି ସଚେତକ ଓ ଉଦ୍ଧାରକ ଶିଳ୍ପୀ କେଶୁଦାସଙ୍କ ଆହ୍ୱାନ କ୍ରମେ ୨୦୧୯ରେ ଚଢେଇୟା ନାଟ ପ୍ରଚାର ପ୍ରସାର ଅଭିଯାନ ଆରମ୍ଭ କରି ଗ୍ରାମାଂଚଳ ଚଢେଇୟା ନାଟର କଳାକାରମାନଙ୍କୁ ନେଇ କର୍ମଶାଳା, ଆଲୋଚନା, ସମ୍ବର୍ଦ୍ଧନା ଓ ପରିବେଷଣ କରିଆସୁଛନ୍ତି ।

# ନନ୍ଦନକାନନରେ ଗ୍ରୀଷ୍ମ ସତର୍କତା
# ଜୀବଜନ୍ତୁଙ୍କ ପାଇଁ
# ସ୍ୱତନ୍ତ୍ର ବ୍ୟବସ୍ଥା

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ପରିଲକ୍ଷିତ ହୋଇଥିବା ବେଳେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ମଧ୍ୟ ଏଥିରୁ ବାଦ ପଡ଼ିନି । ସକାଳ ୮ଟା ପରଠାରୁ ସୂର୍ଯ୍ୟଙ୍କ ପ୍ରକୋପ ବଢ଼ିବା ସହ ତାପମାତ୍ରା ୪୦ ଡିଗ୍ରୀ ଡେଇଁଯାଇଛି । ପ୍ରଚଣ୍ଡ ରୌଦ୍ରତାପରେ ମଣିଙ୍କଠାରୁ ଆରମ୍ଭ କରି ଜୀବଜନ୍ତୁଙ୍କ ପର୍ଯ୍ୟନ୍ତ ସମସ୍ତେ କଲବଲ ହେଉଛନ୍ତି । ପ୍ରାଣୀ ଉଦ୍ୟାନରେ ରହୁଥିବା ପଶୁପକ୍ଷୀଙ୍କୁ ସୁରକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି ।

ପ୍ରାଣୀ ଉଦ୍ୟାନରେ ରହୁଥିବା ୪୨ ପ୍ରଜାତିର ୧୨୩୫ ସ୍ତନ୍ୟପାୟୀ, ୮୧ ପ୍ରଜାତିର୧୬୦ ପକ୍ଷୀ, ୨୭ ପ୍ରଜାତିର ୨୯୩ ସରୀସୃପ ୬ପ୍ରଜାତିର ୨୧ ବେଙ୍ଗ, ଏମାନେ ରହୁଥିବା ୧୬ଟି ଆବଦ୍ଧ ଖୁଆଡ଼, ୧୯୫ଟି ମୁକ୍ତ ଖୁଆଡ଼ ବ୍ୟବସ୍ଥା କରାଯାଇଛି । ସମସ୍ତ ଜୀବଜନ୍ତୁଙ୍କ ଘରକୁ ରହିବା ଲାଗି ସେମାନଙ୍କ ଘର ଉପରେ ନଡ଼ା ଓ ବାଉଁଶ ତାଟରେ ଛପର କରାଯାଇଛି । ବାଘ, ଭାଲୁ, ସିଂହ ଘରେ ଥଣ୍ଡା ପାଣି ପକାଇବା ଓ ସେମାନଙ୍କ ଖୁହାଡର କୁଣ୍ଡରେ ପର୍ଯ୍ୟପ୍ତ ପାଣି ରଖିବା ସହିତ ବରଫ ପକାଇବା ବ୍ୟବସ୍ଥା ହୋଇଛି । ଅଧିକ ଗରମ ଅନୁଭୂତ ହେବାରୁ ସେମାନେ ସେହି କୁଣ୍ଡରେ ବାରମ୍ବାର ଗାଧୋଇ ଦେହକୁ ଥଣ୍ଡା କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ସେହିପରି ହାତୀମାନେ ଗରମ ସହି ନପାରି ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳୁଛି ।





ଓରାଙ୍ଗଉଟାନ, ସିମ୍ପାଜି, ମାଙ୍କଡ଼ ଓ ସରୀସୃପଙ୍କ ଖୁଆଡ଼କୁ ଥଣ୍ଡା ରଖିବା ଲାଗି କୁଲର ଲଗାଇଯାଇଛି । ସେମାନଙ୍କୁ ଶୀତଳ ଖାଦ୍ୟ ଆକାରରେ ଫଳ, ତରଭୁଜ, ପଇଡ଼ ପାଣି ଆଦି ଦିଆଯାଉଛି । ହାତୀଙ୍କୁ ତିନିଥର ଗାଧେଇ ଦେବା ସହ କଦଳୀ ସହ ଆଖୁ ଖାଇବାକୁ ଦିଆଯାଉଛି । ସିଲଭର ଫିଜା, ଜାଣ୍ଡିଆ କନୁର, ସନ କନୁର, ଲରିକେଟ, କଲାଟିଏଲ, ମାକାଓ ପ୍ରଭୃତିଙ୍କ ଲାଗି କାକୁଡ଼ି, କଦଳୀ, ସେଓ, ଅଙ୍ଗୁର, ତରଭୁଜ ଖାଦ୍ୟ ଆକାରରେ ଦିଆଯାଉଛି । ପଶୁପକ୍ଷୀଙ୍କ ଲାଗି ବାସସ୍ଥାନ, ଖାଦ୍ୟ ଓ ପାଣି ଉପରେ ଗୁରୁତ୍ୱ ଦିଆଯାଉଛି । ଗ୍ରୀଷ୍ମଦାଉରୁ ପ୍ରାଣୀଙ୍କୁଚ ରକ୍ଷା କରିବା ଲାଗି ଅସ୍ଥାୟୀ ସେଡ ପ୍ରସ୍ତୁତ କରାଯାଇଛି । ଏହା ମୁଖ୍ୟତଃ ନଡ଼ାପର ଓ ବାଉଁଶ ଚାଞ୍ଚରାରେ କରାଯାଇଛି । ବିଶ୍ରାମସ୍ଥଳକୁ ଥଣ୍ଡା ରଖିବା ଲାଗି ଗ୍ରୀଷ୍ମପ୍ରବାହ ବେଳେ ଜଳସିଞ୍ଚନ ବ୍ୟବସ୍ଥା କରାଯାଇଛି। ସେହିପରି ବାଘ, ଜିରାଫ, ମଣିପୁରୀ ହରିଣ, ଭାଲୁ, କୁମ୍ଭୀର ପାଇଁ ମଧ୍ୟ ପାଣି ସିଞ୍ଚନର ବ୍ୟବସ୍ଥା ରହିଛି । ମାର୍ଚ୍ଚ ପ୍ରଥମ ସପ୍ତାହରୁ ବର୍ଷା ଆସିବା ଯାଏ ଜୀବଜନ୍ତୁଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଜନ୍ତୁ ରେଞ୍ଜର ଅଞ୍ଜନ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

ଗରମ ଦାଉରୁ ରକ୍ଷା ଲାଗି ହାତୀମାନେ ଏଠାରେ ଥିବା ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଛି । ହାତୀଙ୍କ ଲାଗି ଉଦ୍ଦିଷ୍ଟ ସ୍ଥାନରେ ଥିବା ପୋଖରୀରେ ପର୍ଯ୍ୟପ୍ତ ପାଣି ରଖାଯାଇଛି । ଏହାଛଡ଼ା ସେମାନଙ୍କ ଉପରେ ଜଳ ସିଞ୍ଚନର ବ୍ୟବସ୍ଥା ମଧ୍ୟ କରାଯାଇଛି । ଖାଦ୍ୟ ଆକାରରେ କଦଳୀ, ଆଖୁ ସହିତ ଅଧିକ ପାଣି ଥିବା ଫଳ ଦିଆଯାଉଛି ।



### ସିମ୍ପାଜି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ବିଶେଷକରି ସିମ୍ପାଜି ଉପରେ ଖରାଦିନେ ଅଧିକ ନଜର



ରଖାଯାଉଛି । କାରଣ ବିଗତ ଦିନରେ ପ୍ରବଳ ଗ୍ରୀଷ୍ମପ୍ରବାହ କିଛି ସିମ୍ପାଜି ଅଂଶୁଘାତରେ ଆକ୍ରାନ୍ତ ହୋଇଥିଲେ । ସିମ୍ପାଜି ରହୁଥିବା ଖୁଆଡ଼କୁ ଥଣ୍ଡା ରଖିବା ଲାଗି କୁଲର ବ୍ୟବସ୍ଥା ହୋଇଥିଲା ବେଳେ ଅଂଶୁଘାତରୁ ରକ୍ଷା ପାଇଁ ଖାଦ୍ୟପେୟ ଉପରେ ଧ୍ୟାନ ଦିଆଯାଉଛି । ସେମାନଙ୍କୁ ତରଭୁଜ ଖାଦ୍ୟ ଆକାରରେ ଦିଆଯାଉଥିବା ବେଳେ ପଇଡ ପାଣି ପିଇବାକୁ ଦିଆଯାଉଛି ।

### ପର୍ଯ୍ୟଟକଙ୍କ ଲାଗି ସୂଚନା

କେବଳ ପଶୁପକ୍ଷୀ ନୁହନ୍ତି ପାଣୀଉଦ୍ୟାନକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ୧୦ଟି ବିଶ୍ରାମସ୍ଥଳୀ ସାଙ୍ଗକୁ ବାଘ ଲନରେ ପାଣି ସିଞ୍ଚନ କରାଯାଇ ଥଣ୍ଡା ପାନୀୟ ବ୍ୟବସ୍ଥା କରାଯାଇଛି । ଏଥିସହ ଅଂଶୁଘାତରେ ଆକ୍ରାନ୍ତ ହେଉଥିବା ପର୍ଯ୍ୟଟକଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ସହ ନିକଟସ୍ଥ ଡାକ୍ତରଖାନାକୁ ପଠାଇବା ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକମାନେ ନନ୍ଦନକାନନ ବୁଲିବା ସମୟରେ ମୁଣ୍ଡରେ ଟୋପି, ଗାମୁଛା ଆଖିରେ କଳା ଚଷମା ଲଗାଇ ହାତରେ ପାଣି ବୋତଲ, ଛତା ଧରି ବୁଲିବା ପାଇଁ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ତରଫରୁ ସୂଚନା ଦିଆଯାଉଛି ।

# ସମର ଫ୍ୟାଶନ୍

**ଖରାଦିନେ ଫ୍ୟାଶନ୍ କୁଲ୍ ହେବା ଦରକାର । ଏପରି ଡ୍ରେସ୍ ବାଛନ୍ତୁ ଯାହାକି ଆପଣଙ୍କୁ ହାଲକା ଏବଂ କମ୍ଫର୍ଟେବୁଲ ଲାଗିବ । ଗେଟ୍ଅପ୍ ୟୁନିକ୍ ହେବା ସହ ଟ୍ରେଣ୍ଡି ବି ଲାଗିବେ....**

### କଲର ପ୍ରତି ଧ୍ୟାନ ରଖନ୍ତୁ:

ଖରାଦିନେ ଡ୍ରେସ୍ ମ୍ୟାଟେରିଆଲ ସହ କଲର ପ୍ରତି ଧ୍ୟାନ ଦିଅନ୍ତୁ । କଟନ୍ ମିକ୍ସ ସିଲ୍କ, ସିଫନ୍, ନାଇଲନ୍, ଜରଜେଟ୍ କିମ୍ବା ହାଣ୍ଡଲୁମ ଡ୍ରେସ ଆପଣାନ୍ତୁ । ଏହି ଦିନେ ଗରମରୁ ବର୍ତ୍ତିବା ପାଇଁ ଅନେକ ସ୍ଲିଭଲେସ ଡ୍ରେସ୍ ପିନ୍ଧିଥାନ୍ତି । ହେଲେ ଏହାଦ୍ୱାରା ତ୍ୱଚାରେ ଟ୍ୟାନିଂ ହୋଇଥାଏ । ତେଣୁ ଖରାରେ ବାହାରକୁ ଯିବବେଳେ କଟନ ଏବଂ ଫୁଲ ସ୍ଲିଭ ଡ୍ରେସ ପିନ୍ଧନ୍ତୁ । ରାତିରେ ଆପଣ ଚାହିଁଲେ ସ୍ଲିଭଲେସ୍ ଡ୍ରେସ୍ ପିନ୍ଧିପାରିବେ ।

### ହେଭିଓ୍ୱର୍କ ଡ୍ରେସ୍ ପିନ୍ଧନ୍ତୁ ନାହିଁ:

କଟନ୍ ଏବଂ ସିଫନର ଡ୍ରେସ ଫର୍ମାଲ ଲୁକ୍ ପାଇଁ ପିନ୍ଧନ୍ତୁ । ଏହିଦିନେ ନାଇଲନ୍ ଏବଂ ଜରଜେଟର ଲଙ୍ଗ ସ୍କର୍ଟ ପିନ୍ଧନ୍ତୁ । ଷ୍ଟାଇଲିଶ୍ ଖଦିର ଢ଼ିଲା କୁର୍ତ୍ତା ସହ ଚୁଡ଼ିଦାର ସାଲଓ୍ୱାର ବି ପିନ୍ଧିପାରିବେ ।

### ଏହି କପଡ଼ାଠାରୁ ଦୂରରେ ରୁହନ୍ତୁ:

ସିଲ୍କ, ସାଟିନ୍, ସିନ୍ଥେଟିକ୍, ନାଇଲନ୍, ଭେଲଭେଟ୍ କପଡ଼ା ଏହିଦିନେ ପିନ୍ଧିବା ଦ୍ୱାରା ତ୍ୱଚାରେ ବେଳେ ଇନଫେକସନ୍ ହୋଇଥାଏ । ହେଭି ଫ୍ୟାବ୍ରିଫେକସନ୍ ହୋଇଥାଏ । ହେଭି ଫ୍ୟାବ୍ରିକର କପଡ଼ା ପିନ୍ଧନ୍ତୁ ନାହିଁ, ଯାହାକୁ ସମ୍ଭାଳିବା କଷ୍ଟକର ହୋଇଥାଏ ।

ଖରାଦିନେ ଘେର ଥିବା କୁର୍ତ୍ତା, ଜରଜେଟ୍ କିମ୍ବା ସିଫନ୍ କପଡ଼ାରେ ଥିବା ଫ୍ଲୋରାଲ ପ୍ରିଣ୍ଟ, କଟନ୍ ସିଲ୍କ, ଟସରର ବ୍ୟବହାର ଅଧିକ ହୋଇଥାଏ । ଅଧିକ ବ୍ରାଇଟ୍ କଲର ଥିବା ଡ୍ରେସ୍ ପିନ୍ଧନ୍ତୁ ନାହିଁ । ନାଇଲନ୍ ଏବଂ କଟନ୍ କପଡ଼ାର ବ୍ୟବହାର କରନ୍ତୁ । ବ୍ରସ୍ ପେଣ୍ଟିଂର ହାଇ ପେଣ୍ଟିଂ ଡ୍ରେସ୍ ଆପଣାନ୍ତୁ ।

ଟାଇଟ୍ଫିଟିଂ ଡ୍ରେସ୍ ଆପଣଙ୍କ ଗେଟ୍ ଅପକୁ ସୁନ୍ଦର ଲାଗିଥାଇପାରେ, କିନ୍ତୁ ଖରାଦିନେ ଏହା ଆପଣଙ୍କୁ କମ୍ଫର୍ଟେବୁଲ ଲାଗିବ ନାହିଁ । ବରଂ ଶରୀରରୁ ଅଧିକ ଝାଳ ବାହାରିବ । କ୍ୟାପ୍ରି ସହିତ କୁର୍ତ୍ତା କିମ୍ବା ଢ଼ିଲା ପ୍ୟାଣ୍ଟ ସହ କଟନ୍ ଶାର୍ଟ ଆପଣଙ୍କୁ ବେଶ୍ ଭଲ ଲାଗିବ ।









# ପେଟ କମାଇବ ପାନୀୟ

**ଖୁବ ସୁନ୍ଦର ଚେହେରା ଥିବ, କିନ୍ତୁ ପେଟ ବଢ଼ିଯାଇଥିବ- ଏହା ବ୍ୟକ୍ତିତ୍ୱ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ । ଆଜିକାଲି ମେଦବହୁଳତା ଏବଂ ପେଟ ବଢ଼ିବାର ସମସ୍ୟା ପ୍ରାୟ ଦେଖାଯାଉଛି ଏହାର କାରଣ ହେଉଛି ଲୋକଙ୍କର ଅନିୟମିତ ଖାଦ୍ୟପାନୀୟ ଏବଂ ଜୀବନଶୈଳୀ । ମେଦବହୁଳତା କାରଣରୁ ଦୈନନ୍ଦିନ ବିଭିନ୍ନ କାର୍ଯ୍ୟ କରିବାରେ ସମସ୍ୟା ହୋଇଥାଏ । ଏହା ଯଦିଓ କୌଣସି ରୋଗ ନୁହେଁ, ତେବେ ଏକାଧିକ ରୋଗର କାରଣ । ମେଦବହୁଳତାର ସମାଧାନ ମଧ୍ୟ ପ୍ରକୃତିରେ ରହିଛି । ଏପରି ୬ଟି ପାନୀୟ ସମ୍ପର୍କରେ ଜାଣନ୍ତୁ, ଯାହା ଓ ଜନ ସହିତ ପେଟ କମାଇ ସୁସ୍ଥ ଓ ସୁନ୍ଦର ରଖିବ ।**



### ବରଫ ପାଣି:

ଏପରି ପାଣି ପିଇଲେ ଶରୀରର ମେଟାବଲିକ୍ ପ୍ରକ୍ରିୟା ଦ୍ରୁତ ହୁଏ ଏବଂ ସେହି ବଗେରେ କ୍ୟାଲୋଣୀ କ୍ଷୟ ହୋଇଥାଏ । କେବଳ ଏକ ଗ୍ଲାସ ସାଦା ପାଣିରେ। ଖଣ୍ଡେ ଆଇସକ୍ୟୁବ୍ ପକାଇ ପିଇବା ଉଚିତ । ଯଦି ଓଜନ କମାଇବାକୁ ଚାହୁଁଥାନ୍ତି, ତେବେ ପ୍ରତିଦିନ ପ୍ରାୟ ଅଧା ଲିଟର ଏପରି ପାଣି ପିଇବାକୁ ହେବ । ମନେରଖନ୍ତୁ, ସକାଳୁସକାଳୁ ବରଫ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଅଧିକ ଥଣ୍ଡା ପାଣି ପିଇବା ମଧ୍ୟ ମନା । କାରଣ, ଏହାଦ୍ୱାରା ସର୍ଦି ଏବଂ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୋଇପାରେ ।



### ପରିବା ଜୁସ୍:

ପନିପରିବାରେ ତ ଏକାଧିକ ପୁଷ୍ଟିସାର ତତ୍ତ୍ୱ ରହିଛି । ଏଥିରେ ଥିବା ମିନେରାଲସ, ଭିଟାମିନ ଏବଂ ଆଣ୍ଟିଅକ୍ସିଡାଣ୍ଟ ମଣିଷକୁ ସୁସ୍ଥ ରଖିବା ସହିତ ଦ୍ରୁତ ବେଗରେ ଓଜନ ହ୍ରାସ କରାଇବାରେ ସହାୟକ ହୋଇଥାନ୍ତି । ପରିବା ଜୁସ୍ ତୁରନ୍ତ ଭୋକ ଶାନ୍ତ କରିବା ସହିତ ଶରୀରରେ ଶକ୍ତି ଭରିଦି, । ଏକଗ୍ଲାସ ମିଶ୍ରିତ ପରିବା ଜୁସ ଯୋଗେ ୧୩୫ କ୍ୟାଲୋରୀ ନଷ୍ଟ କରିପାରିବେ ।

### ପଇଡ଼ପାଣି:

ଏଥିରେ ଅନ୍ୟ ପାନୀୟ ଅପେକ୍ଷା ଅଧିକ ଇଲେକ୍ଟ୍ରାଲାଇଟସ ଥାଏ । ତେଣୁ ଏହା ଶରୀରକୁ ଅଧିକ ସମୟ ଆର୍ଦ୍ର ରଖିପାରେ । ସ୍ୱାଦିଷ୍ଟ ହୋଇଥିବାରୁ ଏଥିରେ କୌଣସି ପ୍ରକାର କୃତ୍ରିମ ମିଠା କିମ୍ବା ସ୍ୱାଦ ମିଶାଇବାକୁ ହୁଏନାହିଁ । ପଇଡ଼ପାଣି ପିଇଲେ ଦ୍ରୁତ ବେଗରେ ଓଜନ ହ୍ରାସ ହୋଇପାରିବ ।

### ଚର୍ବିମୁକ୍ତ କ୍ଷୀର:

ସ୍କିମଡ ବା ଚର୍ବିମୁକ୍ତ କ୍ଷୀର ପିଇଲେ ଦ୍ରୁତ ବେଗରେ ଓଜନ କମାଇ ପାରିବେ । ଏହା ଶରୀରରୁ ଚର୍ବିଅଂଶ କମାଇଦିଏ । ପ୍ରତିଦିନ ଏପରିକ୍ଷୀର ପିଇଲେ କ୍ଷୀର ପିଉନଥିବା ବ୍ୟକ୍ତିଙ୍କୁ ତୁଳନାରେ ୭୦% ଅଧିକ ଓ ଓଜନ ହ୍ରାସ କରିପାରିବେ । ସବୁଜ କିମ୍ବା ନାଲି ଚା ସବୁଜ ବା ଗ୍ରୀନ୍ ଟି ଶରୀରର ମେଟାବଲିଜମ ପ୍ରକ୍ରିୟା ଦ୍ରୁତ କରି ଓଜନ କମାଇବାରେ ସହାୟକ ହୋଇଥାଏ । ସେହିପରି ନାଲି ଚା ବା ବ୍ଲାକ ଟି ପିଇବା ଦ୍ୱାରା ମଧ୍ୟ ଓଜନ କମାଇପାରିବେ । ତେବେ ଗ୍ରୀନ ଟି ଓଜନ ହ୍ରାସପ୍ରକ୍ରିୟା ୪୩୫ ବଢ଼ାଇଦି, ।



### ତରଭୁଜ ଜୁସ୍:

ଚିନି ନମିଶାଇ ତରଭୁଜର ସ୍ମୁଦି ପ୍ରସ୍ତୁତ କରି ପିଇଲେ ଏହି ସ୍ୱାଦିଟେ ପାନୀୟ ଦ୍ରୁତଗତିରେ ଓଜନ କମାଇପାରେ । ତରୁଭୁଜରେ ରିଜିନିନ ନାମକ ଆମିନୋ ଏସିଡ ରହିଛି ଯାହା ଚର୍ବି ନଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।



# ଅବସାଦ ଆଶଙ୍କା ବଢ଼ାଏ ମାତ୍ରାଧିକ ଫଳ

ସୁସ୍ଥ ରହିବା ପାଇଁ ପ୍ରତ୍ୟେକ ଦିନ ଫଳ ଖାଇବା ଜରୁରି । ଏହି ନିଶାରେ ଅଧିକାଂଶ ବ୍ୟକ୍ତି ଆବଶ୍ୟକତାଠାରୁ ଅଧିକ ଫଳ ଖାଇଥାନ୍ତି । ଯଦି ଆପଣ ବି ଏପରି କରୁଥାନ୍ତି ତେବେ ସଚେତନ ହୋଇଯାଆନ୍ତୁ । କାରଣ ଆବଶ୍ୟକତାଠାରୁ ଅଧିକ ଫଳ ଖାଇବା ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ବିଶେଷ କରି କିଶୋର ବୟସର ପିଲାମାନଙ୍କଠାରେ ଏହା ମାନସିକ ଅବସାନର କାରଣ ସାଜିଥାଏ । ନିକଟରେ ଏପରି ସୂଚନା ଦେଇଛନ୍ତି । ଅଟାଲାଣ୍ଟା ଏମୋରୀ ୟୁନିଭର୍ସିଟିର ବିଶେଷଜ୍ଞ କାଷ୍ଟେନ୍ସ ହେରେଲ । ତାଙ୍କ ଅଧ୍ୟୟନ ଅନୁସାରେ ବିଭିନ୍ନ ଫଳରେ ଶର୍କରା ପରିମାଣ ରହିଥାଏ ଯାହାକି ଫ୍ରୁକ୍ଟୋଜ୍ ସୃଷ୍ଟି ପାଇଁ ଦାୟୀ ହୋଇଥାଏ । ଏହି ଫ୍ରୁକ୍ଟୋଜର ମାତ୍ରା ଆବଶ୍ୟକତାଠାରୁ ଅଧିକ ହେଲେ ମାନସିକ ଅସନ୍ତୁଳନ ଆଶଙ୍କା ସୃଷ୍ଟି ହୁଏ । ତେଣୁ ମାତ୍ରାଧିକ ଫଳ ଖାଇବା ଦ୍ୱାରା ପିଲାଙ୍କଠାରେ ଅବସାଦ, ଚିଡ଼ିଚିଡ଼ା ପଣ ବୃଦ୍ଧି ହେବା ସହ ସେମାନଙ୍କ ମାନସିଙ୍କ ମାନସିକତା ମଧ୍ୟ ପ୍ରଭାବିତ ହୋଇଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୧ ମାର୍ଚ୍ଚ ୨୦୨୧, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମନ୍ଥର ଅର୍ଥନୀତ...

କରୋନାର ଦ୍ୱିତୀୟ ଲହର ଉତ୍କଟ ରୂପ ନେବା ସମୟକୁ ଆଶଙ୍କା ଦେଖାଦେଲାଣି ଯେ, ଏପ୍ରିଲ ମାସରେ କୁଆଡ଼େ ସଂକ୍ରମଣ ଶୀର୍ଷ ବିନ୍ଦୁ ଛୁଇଁବ । ଏବେଠାରୁ ପ୍ରତିଦିନ ଚକ୍ରବୃଦ୍ଧି ହାରରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାର ପ୍ରମାଣ ସବୁଠାରେ ମିଳିସାରିଥିବା ବେଳେ, ପୂର୍ବବର୍ଷ ଭଳି ଅର୍ଥନୀତି ଉପରେ ଚାପ ରହିବା କଥା ଜଳଜଳ ଦିଶିଯାଉଛି । କୋଭିଡ୍-୧୯ର ପ୍ରତିକୂଳ ପ୍ରଭାବରୁ ସାମାନ୍ୟ ମୁକୁଳିବା ସକାଶେ ଅର୍ଥନୈତିକ ସ୍ତରରେ ହେଉଥିବା ଉଦ୍ୟମ ଉପରେ ଏବେ କରୋନା ମାଡ଼ ପଡ଼ିଲାଣି । ଯଦି ସେୟାର ବଜାରରେ ସୂଚକାଙ୍କ ସ୍ଥିତିକୁ ମାପକାଠି ଭାବେ ଧରାଯାଏ, ଜାଣିହେବ କି ଅଦୂର-ଭବିଷ୍ୟତରେ ସଙ୍କଟ କେତେ ଗଭୀର ହେବାକୁ ଯାଉଛି । ଦୁଇଦିନ ତଳେ ଷ୍ଟକ୍ ଏକ୍ସଚେଂଜରେ କେଇ ଲକ୍ଷ କୋଟିର ଧନରାଶି ଧୋଇଗଲା । ଏହା ଅନ୍ୟ କୌଣସି କାରଣରୁ ନୁହେଁ, କେବଳ କରୋନା ମାଡ଼ ପାଇଁ ହୋଇଛି । ଅର୍ଥନୀତିକୁ ପୂର୍ବ ଗୁଳାକୁ ଫେରାଇ ଆଣିବା ସକାଶେ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ତାହା ସମ୍ଭାବତ ଷ୍ଟ୍ରେନ ସଂକ୍ରମଣ ଲାଗି ଶତପ୍ରତିଶତ ପ୍ରଭାବିତ ହୋଇଥିବାର ଦେଖାଯାଇଛି । ତମାମ ପ୍ରଶାସନ କରୋନା-ବିରୋଧୀ ଲଢ଼େଇ ପାଇଁ ଦିନ-ରାତିକୁ ଏକାକାର କରି କିଭଳି ପ୍ରଦର୍ଶନ ଦେଇଛନ୍ତି, ତାହା ବିଶ୍ୱ ଦେଖିଛି । ସାମାଜିକ ଦୂରତା ରକ୍ଷା ହେଉ କି' ମାସ୍କ ପରିଧାନ ଓ ହସ୍ତପ୍ରକ୍ଷାଳନ ଭଳି ଉପଚାରର ଅନୁପାଳନ ଦ୍ୱାରା ଯେତିକି ସମ୍ଭବ ସଚେତନତା ସୃଷ୍ଟି କରାଗଲା, ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗ ଦ୍ୱାରା ଭାରତ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ରଖିପାରିଲା । ଏବେ ଯୁକ୍ତରାଜ୍ୟ ବ୍ରିଟେନ୍, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାରୁ ଆସିଥିବା ଷ୍ଟ୍ରେନ୍ ଭୂତାଣୁ ପୂର୍ବପେକ୍ଷା ଅଧିକ ଭୟଙ୍କର ପ୍ରଭାବର କାରଣ ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ଯେଉଁ ହାରରେ ସଂକ୍ରମଣ ବୃଦ୍ଧି ପାଉଛି, ତାହାକୁ ତୁରନ୍ତ ରୋକାନଗଲେ କେଉଁ ଭାବରେ ତାହା ସର୍ବତ୍ର ଚରିଯିବ କୁହାଯାଇନପାରେ । ସେହି ଆଶଙ୍କା ଦୃଷ୍ଟିରୁ ଅର୍ଥନୀତି ଉପରେ ଦେଖାଦେଇଥିବା ଚାପର ରୂପରେଖକୁ ମଧ୍ୟ କଳନା କରାଯିବା ସମ୍ଭବ । କରୋନା ସଂକ୍ରମଣର ଯଥେଷ୍ଟ ପୂର୍ବରୁ ସରକାର ଅଧୋମୁଖୀ ଅର୍ଥନୀତିକୁ ଉପଯୁକ୍ତ ମାର୍ଗ ଦେଖାଇବା ସକାଶେ ପଦକ୍ଷେପ ନେବା ଆରମ୍ଭ କରିଦେଇଥିଲେ । ତାହାରି ଭିତରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରୁ ପୁଂଜି ପ୍ରତ୍ୟାହାର ପାଇଁ ବିଧିବଦ୍ଧ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇସାରିଥିଲା । କରୋନା ସଂକ୍ରମଣ କରାଳ ରୂପ ଦେଖାଯିବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ବିନିବେଶ ଉଦ୍ୟମରୁ ସାମାନ୍ୟ ଦୂରେଇ ଯାଇଥିଲେ । ସାମାନ୍ୟ ପଛଘୁଂଚାକୁ କେତେକ ମହଲ ବିଚାରିଥିଲେ ଯେ, ସରକାର ଆପାତତଃ ବ୍ୟାଙ୍କ ଘରୋଇକରଣ ପାଇଁ ଆଗେଇବ ନାହିଁ । ମୋଦି ସରକାରଙ୍କର ତାହା ଏକ ଆପତ୍‌କାଳୀନ ରଣନୀତି ଥିଲା । ବର୍ତ୍ତମାନ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକରୁ ପୁଂଜି ପ୍ରତ୍ୟାହାର ନୀତି ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବା ଭିତରେ ରୁଗ୍‌ଣ ତଥା ଏନ୍‌ପିଏ- ଭାରାକ୍ରାନ୍ତ ବ୍ୟାଙ୍କ ସମୂହକୁ ଘରୋଇ ପରିଚାଳନାଧୀନ କରିବା ଉଦ୍ୟମ ଅଧିକ ଦେଖାଯାଉଛି । ଏକ ସମୟରେ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ପଦକ୍ଷେପ ନେଇଥିଲେ । ବହୁ ବର୍ଷ ପରେ ସେହି ଆର୍ଥିକ ସଂସ୍ଥାଗୁଡ଼ିକରେ କୁପରିଚାଳନା ମାତ୍ରାତିରିକ୍ତ ହେବାରୁ ଏବଂ ଆର୍ଥିକ ଦେବାଳିଆ ହୋଇଯିବା ପରେ ସେଗୁଡ଼ିକର ଘରୋଇକରଣ ପାଇଁ କେନ୍ଦ୍ର ସରକାର ଅଂଟା ଭିଡ଼ି ବାହାରିଛନ୍ତି । ନିଜେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସୂଚାଇଛନ୍ତି, କେନ୍ଦ୍ର ସହ କଥିତ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସୂଚାଇଛନ୍ତି, କେନ୍ଦ୍ର ସହ କଥିତ ଘରୋଇକରଣ ପ୍ରସ୍ତାବ ନେଇ ଏବେ ବିଚାରବିମର୍ଶ ଚାଲିଛି । ଯେତେଦୂର ସମ୍ଭବ ଏହି ପ୍ରକ୍ରିୟା ଶୀଘ୍ର ବେଗ ଧରିବ ।

## ଧିକ୍ ନେତାଗିରି



ମାୟାଧର ନାୟକ

**ନେତାମାନେ ଏବେ ଦରମା- ଭତା-ଓ ଅନ୍ୟାନ୍ୟ ସୁବିଧାପାଇଁ ପାଗଳ । ସେମାନେ ଆଉ ଜନଗଣଙ୍କର ପ୍ରତିନିଧି ନୁହଁନ୍ତି । ସେମାନେ ସରକାରୀ ଚାକିରିଆ ଭଳି ମନେ କରୁଛନ୍ତି । ଭୋଟବେଳେ ଲୋକଙ୍କୁ ନାନା ମିଥ୍ୟା ପ୍ରଲୋଭନ ଦେଖାଇ କୌଣସିମତେ କ୍ଷମତା ହାସଲ କଲାପରେ ଅର୍ଥ ଉପାର୍ଜନରେ ଲାଗିପଡୁଛନ୍ତି । ଯାହାଫଳରେ ଦେଶର ରାଜକୋଷ ଲୁଣ୍ଠନ କରି ଅମାପ-ମାପ ସମ୍ପତିର ମାଲିକ ସାଜିଛନ୍ତି । ଏଥିପାଇଁ ଦେଶକୁ କିମ୍ବା ରାଜ୍ୟ-ଅଂଚଳକୁ ଦେଶୀ-ବିଦେଶୀ ପୁଂଜିପତିଙ୍କୁ ବିକ୍ରି କରିବାରେ ଏମାନଙ୍କର ତିଳେମାତ୍ର କୁଣ୍ଠାବୋଧ ନାହିଁ । ରାତାରାତି କୋଟିପତି ନିଶା ଏମାନଙ୍କୁ ପାଗଳ କରି ଦେଲାଣି ।**

ଆମେ ଜଣେ ଶ୍ରମିକନେତା ଭାବେ ଜଣାଶୁଣା । ଏବେ ଏ ବିଶ୍ଳେଷଣଟି ଭାରି ଅଡୁଆ ଲାଗୁଛି । ଜଣେ ସାଧୁ ବ୍ୟଭିଚାରୀ ହେଲେ ଲୋକେ ପୁରା ସାଧୁସମାଜକୁ ସନ୍ଦେହ ଚକ୍ଷୁରେ ଦେଖନ୍ତି । ଆଗର ସେ ସର୍ବତ୍ୟାଗୀ ବିପ୍ଳବୀ ଶ୍ରମିକନେତାମାନେ ନାହାଁନ୍ତି । ଏବେକାର ବହୁଳାଂଶ ଶ୍ରମିକନେତା ମାଲିକଶ୍ରେଣୀର ଦଲାଲ ହୋଇଯାଇଥିବାରୁ ଶ୍ରମିକମାନେ ବିଶେଷକରି ସାଧାରଣ ଲୋକେ ଶ୍ରମିକନେତାମାନଙ୍କୁ ଆଉ ଭଲ ଦୃଷ୍ଟିରେ ଦେଖୁନାହାଁନ୍ତି । କେବଳ କ'ଣ ଶ୍ରମିକନେତା - ଏଇ ବିଶ୍ୱରେ ଅନେକ ରାଜନେତା ଅଛନ୍ତି - ସେମାନେ ନେଇ-ନେଇ ନେତା ବୋଲାଉଛନ୍ତି । ଧିକ୍ ନେତାଗିରି ।

ନେତାମାନେ ଏବେ ଦରମା-ଭତା-ଓ ଅନ୍ୟାନ୍ୟ ସୁବିଧାପାଇଁ ପାଗଳ । ସେମାନେ ଆଉ ଜନଗଣଙ୍କର ପ୍ରତିନିଧି ନୁହଁନ୍ତି । ସେମାନେ ସରକାରୀ ଚାକିରିଆ ଭଳି ମନେ କରୁଛନ୍ତି । ଭୋଟବେଳେ ଲୋକଙ୍କୁ ନାନା ମିଥ୍ୟା ପ୍ରଲୋଭନ ଦେଖାଇ କୌଣସିମତେ କ୍ଷମତା ହାସଲ କଲାପରେ ଅର୍ଥ ଉପାର୍ଜନରେ ଲାଗିପଡୁଛନ୍ତି । ଯାହାଫଳରେ ଦେଶର ରାଜକୋଷ ଲୁଣ୍ଠନ କରି ଅମାପ-ମାପ ସମ୍ପତିର ମାଲିକ ସାଜିଛନ୍ତି । ଏଥିପାଇଁ ଦେଶକୁ କିମ୍ବା ରାଜ୍ୟ-ଅଂଚଳକୁ ଦେଶୀ-ବିଦେଶୀ ପୁଂଜିପତିଙ୍କୁ ବିକ୍ରି କରିବାରେ ଏମାନଙ୍କର ତିଳେମାତ୍ର କୁଣ୍ଠାବୋଧ ନାହିଁ । ରାତାରାତି କୋଟିପତି ନିଶା ଏମାନଙ୍କୁ ପାଗଳ କରି ଦେଲାଣି ।

ଯୋଗ୍ୟନେତା ହିଁ ଦେଶ ଓ ଜନସମାଜକୁ ନେତୃତ୍ୱ ଦେଲେ ବିକାଶ ସମ୍ଭବ । ଯୋଗ୍ୟ ନେତାଙ୍କର ପ୍ରଥମ ଗୁଣ ହେଲା ତ୍ୟାଗ । ନେତାଙ୍କର ତ୍ୟାଗ ହେଉଛି ଗଛର ମୂଳ, ସୌଧର ତଳ, ସମାଜର ଭିତି । ସେ ନେତାଙ୍କର ଭାବବିନିମୟ, କାଣ୍ଡଜ୍ଞାନ, ସଦିଚ୍ଛା, ପରଦୁଃଖରେ କାତର, ଶିଷ୍ଟାଚାର, ବିଚାରବନ୍ତ, ତାଙ୍କ ଉପରେ ନ୍ୟସ୍ତ ଥିବା ଦାୟିତ୍ୱକୁ ସୁଚାରୁରୂପେ ସଂପାଦନ କରିବା, ସାହସୀ, ବିଶ୍ୱାସଯୋଗ୍ୟ, ଆଗ୍ରହ, ସତମିଛ ଜାଣିବାର ପ୍ରବୃତି, ନୂଆନୂଆ ସୃଷ୍ଟିକରିବାର କ୍ଷମତା ପ୍ରଭୃତି ସଦ୍‌ଗୁଣ ଥିଲେ ସେହିସବୁ ନେତାଙ୍କୁ ଯୋଗ୍ୟ ତାଲିକାରେ ଧରାଯାଏ ।

ଯଦି ନେତାଙ୍କ ମଧରେ ଲୋଭ, ଧନଲୋଭ କ୍ଷମତା ଉପଭୋଗର ନିଶା, ଆଳସ୍ୟ, କର୍ମକୋଡୀ, ଅତିରିକ୍ତ ଭୋଜନ କରିବାର ଲାଳସା, ଇର୍ଷା, ଅପରାଧ, ଚୋରି, ଦୁର୍ନୀତି କରି ବାହାଦୁରୀ ନେବା ଗୁଣ ଥାଏ ସେ ନେତା ଦେଶର ପ୍ରଧାନମନ୍ତ୍ରୀ ହୁଅନ୍ତୁ ମୁଖ୍ୟମନ୍ତ୍ରୀ ହୁଅନ୍ତୁ କି ୱାର୍ଡମେମ୍ବର ହୁଅନ୍ତୁ ସେମାନେ ଅଯୋଗ୍ୟ ତାଲିକାରେ ଗଣାହେବେ । ଆମ ଦେଶ ତଥା ବିଦେଶରେ ଅଯୋଗ୍ୟ ନେତାଙ୍କ ସଂଖ୍ୟା ୯୯ ଭାଗ ହେବ ।

ଆମ ଭାରତବର୍ଷରେ ସଂପ୍ରତି ଅଯୋଗ୍ୟ ନେତାଙ୍କର ଧାଡି ଲମ୍ୱା ହେବାରେ ଲାଗିଛି । ରାଜକୋଷ ଲୁଣ୍ଠନ ଏମାନଙ୍କର ଅସ୍ଥିମଜାଗତ ହୋଇଗଲାଣି । ଦୁର୍ନୀତି କ୍ୟାନସର ଭଳି ମାଡି ଗଲାଣି । ନକଲି ନେତାଙ୍କ ପ୍ରାଦୁର୍ଭାବରେ ନିରୀହ ଜନତା ତ୍ରାହୀତ୍ରାହୀ ଡାକ ଦେଲେଣି ।

ଭାରତବର୍ଷର ରାଜନୀତିରେ ଆଜି ସତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ସୌରଭ ନାହିଁ - ନାହିଁ ଆଦର୍ଶ, ନାହିଁ ମୂଲ୍ୟବୋଧ । ସ୍ୱାଧୀନତା ପରବର୍ତୀ ପର୍ଯ୍ୟାୟରେ ରାଜନୀତି ହୋଇପଡିଛି ବୈଶ୍ୟ ବୃତି । ଯାହା ଥିଲା ଦିନେ ବ୍ରତ, ତାହା ଏବେ ହୋଇପଡିଛି ବୃତି ! ନେତୃତ୍ୱ କହିଲେ ଆମ ଆଖି ଆଗରେ ଯେଉଁ ବ୍ୟକ୍ତିତ୍ୱର ଝଲକ ଝଟକିଉଠେ, ଯେଉଁ ଭାବମୂର୍ତି ଫୁଟିଉଠେ - ସେ ନେତୃତ୍ୱ ଆଜିର ରାଜନୀତିରେ ଖୋଜି ପାଇବା କାଠିକର ପାଠ । ବରଂ ନକଲି ନେତୃତ୍ୱ ନିୟନ୍ତ୍ରଣାଧୀନ ସାଂପ୍ରତିକ ଭାରତୀୟ ରାଜନୀତି । ଏ ରାଜୀନତି ରକ୍ତପାତର ରାଜନୀତି, ଗୁଣ୍ଡାଗର୍ଦ୍ଦିର ରାଜନୀତି, କଳାଟଙ୍କାର ରାଜନୀତି, ନୀତିନୈତିକତାହୀନ ଶଠ-ଶେଠମାନଙ୍କର ରାଜନୀତି । ଏ ରାଜନୀତି ଜନସାଧାରଣଙ୍କୁ ଭୁଲାଏ, ଭଣ୍ଡାଏ, ଭୂଆଁ ବୁଲାଏ ବରାବର । ଏ ରାଜନୀତି ସ୍ୱବିରୋଧର ରାଜନୀତି - ଯେଉଁଠି ଗରିବକୁ ଭତା ନ ମିଳୁ ପଛେ ଧନୀକୁ ମିଳେ ନିର୍ଣ୍ଣିତ ନିରାପତା-ମୂଲିଆକୁ ମଜୁରି ନ ମିଳୁ ପଛେ ମନାଫାଖୋର କଳାବଜାରୀକୁ ମିଳେ ନିରଙ୍କୁଶ ମର୍ଯ୍ୟାଦା ! ଭାରତବର୍ଷର ରାଜନୀତି ଆଜି ନକଲି ନେତା ଏବଂ ନିଷ୍ଠୁର ବଣିକବର୍ଗଙ୍କର ଗୋଟାଏ ଅସାଧୁ ମେଂଟ !

ଭାରତୀୟ ରାଜନୀତିରେ ଏକ ସମାନ୍ତରାଳ ଗଣତାନ୍ତ୍ରିକ ବିରୋଧୀ ଧାରାର ପରୀକ୍ଷା ନିରୀକ୍ଷା ବ୍ୟର୍ଥ ସାବ୍ୟସ୍ତ ହୋଇଆସିଛି ବରାବର । ଏଠି ବହୁ ଦଳ, ବହୁ ଧ୍ୱଜା, ବହୁ ଧ୍ୱନି - ଅଜସ୍ର ଚିହ୍ନ ବା ପ୍ରତୀକ - କିନ୍ତୁ ନିରେଖି ଦେଖିଲେ ପରସ୍ପର ସହିତ ଲଢାଲଢି ହେଉଥିବା ଏସବୁ ଦଳର ଚରିତ୍ର ସଂପୂର୍ଣ୍ଣ ସମାନ । ବିଭିନ୍ନ ସାଇନ୍-ବୋର୍ଡ ଝୁଲାଇ ରାଜନୀତିର ଗୋଟାଏ ବିରାଟ ବଜାର ବିଛାଇ ବସିଛନ୍ତି କ୍ଷମତା-ଦଲାଲମାନେ-ସମଗ୍ର ଭାରତବର୍ଷରେ ଚାଲିଛି କିଣାବିକାର ରାଜନୀତି, ଦୋକାନଦାରିର ରାଜନୀତି, ଚାନ୍ଦା ଭେଦାର ରାଜନୀତି, ଗୋଲକ ଧନ୍ଦାର ରାଜନୀତି । ଆଜି ଯିଏ ଶାସକ ଦଳରେ, କାଲି ତାକୁ ଦେଖିବାକୁ ମିଳୁଚି ବିରୋଧୀ ଦଳରେ - ଆଜି ଯିଏ ବିରୋଧୀ ଶିବିରରେ ଥାଇ ବଦ୍ଧମୁଷ୍ଟି ଉତୋଳନ କରୁଛି, କାଲି ସିଏ ହାତ ମିଳାଉଛି ଶାସକ ଦଳର କାର୍ପଟ୍‌ଦାରମାନଙ୍କ ସହିତ । ଯେହେତୁ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ, ନିର୍ଦ୍ଧାରିତ ଦର୍ଶନ ବା ଦୃଷ୍ଟିଭଙ୍ଗୀ ନାହିଁ - ସେଇଥିପାଇଁ ଭାରତବର୍ଷର ଗଣତନ୍ତ୍ରରେ ବାରମ୍ୱାର ପ୍ରତ୍ୟକ୍ଷ କରିବାକୁ ପଡୁଛି ଏ ପ୍ରହସନର ପର୍ବ ! ଦଳବଦଳର ଦୃଷ୍ଟାନ୍ତ ସବୁ ଭାରତୀୟ ରାଜନୀତିରେ ଅତି ମାମୁଲି ଘଟଣା । କାହାକୁ ବିଶ୍ୱାସ କରିବା ? କାହା କଥାକୁ ବେଦର ଗାର ଭଳି ଗ୍ରହଣ କରିନେବା ? ନା, ଆଜିର ଭାରତୀୟ ମୂଳଦୁଆ ଛିଡା ହୋଇଛି ଗୋଟାଏ ବିରାଟ ବିଶ୍ୱାସଭଙ୍ଗ ଉପରେ ! ରାଜନେତାମାନେ ବିଶ୍ୱାସଘାତକତା କରୁଛନ୍ତି ଜନଗଣଙ୍କ ପ୍ରତି, ରାଜନୈତିକ ଦଳମାନେ ଆଖିଠାର ମାରୁଛନ୍ତି ତମାମ୍ ଦେଶକୁ । ଯିଏ ଯେତେ ବେଶି ଦୁର୍ନିତୀ କରି ଧନ ଠୁଳ କଲା, ସିଏ ବୋଲାଇଲା ସେତେବଡ ଛାମୁନେତା- ଯିଏ ଯେତେ ବେଶି ଗୁଣ୍ଡା ପୋଷି ପାରିଲା, ସିଏ ହେଲା ସେତେବଡ କରିତ୍‌କର୍ମା କାର୍ପଟ୍‌ଦାର ! ଏଇ ହେଉଛି ଆଜିର ହାଲ୍‌ଚାଲ୍ ।

ସ୍ୱାଧୀନତା ପୂର୍ବରୁ ସେ ଥିଲା ଅଗ୍ନିଯୁଗ - କ୍ରାନ୍ତିର ସଂକ୍ରାନ୍ତି । ବହୁମତ, ବହୁପଥ... ତା' ଭିତରେ ବାଟ ଚାଲୁଥିଲା ଭାରତବର୍ଷର ବିଦ୍ରୋହ, ବିପ୍ଳବ... ବିଭିନ୍ନ ପତାକା ଓ ପାଗ ପଟୁଆରମାନ ଦେଖିବାକୁ ମିଳୁଥିଲା ସବୁ ଦିଗ, ସବୁ ଦିଗନ୍ତରେ । ଚାଷୀ ଆନ୍ଦୋଳନ କରୁଥିଲା, ମୂଲିଆ ମୁଷ୍ଟି ଉତୋଳନ କରୁଥିଲା, ସାଧାରଣ ଜନତା ବି ବରାବର ସାମିଲ୍ ରହିଥିଲା ପ୍ରତିବାଦର ମହାପ୍ରବାହରେ ।

୧୯୪୭... ସ୍ୱାଧୀନତା ଆସିଲା । ଝଣ୍ଡା ଉଡିଲା ତ୍ରିରଙ୍ଗା । ଅଗଷ୍ଟ ୧୫ ପ୍ରତିଧ୍ୱନିତ ହେଲା ମଧ୍ୟରାତ୍ରିର ମୁକ୍ତି ସଂଗୀତରେ । ମାତ୍ର ତା'ପରଠାରୁ ଆମେ ଦେଖିଲେ ଦାରୁଣ ଦୃଶ୍ୟ । ବିଶ୍ୱାସ କରି ହେଲାନି ନୂଆ ଭାରତବର୍ଷକୁ ଆଉ । ସ୍ୱାଧୀନତାକୁ ଆମେସବୁ ଉପଲବ୍ଧି କଲେ କ୍ଷମତାର ହସ୍ତାନ୍ତର ଭାବରେ କେବଳ । ବିଦେଶୀ ଶାସନ ସମୟରେ ଆମ ସ୍ୱଦେଶୀ ଆନ୍ଦୋଳନର ସ୍ରୋତ ଥିଲା ଆକୁମାରୀ ହିମାଚଳବ୍ୟାପୀ ଏକ ଅଗ୍ନିପ୍ଲାବନ । ସେ ଅଗ୍ନିପ୍ଲାବନରୁ ଜନ୍ମ ନେଇଥିଲା ଭାରତୀୟ ରାଜନୈତିକ ସଂସ୍କୃତିର ମହାର୍ଘ ମୂଲ୍ୟବୋଧ । ସେତେବେଳର ବହୁ ନେତୃପୁରୁଷଙ୍କୁ ସମାଜ ମଣୁଥିଲା ମହାପୁରୁଷ - ଯୁଗାବତାର - ଯେଉଁମାନେ କି କୌଣସି ସନ୍ଥ, ସନ୍ୟାସୀ ବା ଯୋଗୀପୁରୁଷଙ୍କ ଠାରୁ ସୁଦ୍ଧା କମ୍ ପୂଜା ପାଉ ନଥିଲେ । ମାତ୍ର ତଥାକଥିତ ମୁକ୍ତି ମିଳିଯିବା ପରେ ଭାରତୀୟ ରାଜନୀତି ପରିଣତ ହେଲା ଏକ ରାଜିନାମାରେ ରାଜନୀତିରେ । ଏ କ୍ଷେତ୍ରରେ ଆମେ ଆଉ ବିଶାଳ ବ୍ୟକ୍ତିତ୍ୱମାନଙ୍କୁ ନ ଦେଖି, ଭେଟିଲୁ ବିଳାସୀ ବାମନମାନଙ୍କୁ । ସେଦିନର ବ୍ୟାପକ ଭାରତୀୟ ରାଜନୀତି ରୂପାନ୍ତରିତ ହେଲା ଏକ ବ୍ୟୂହବଦ୍ଧ ବାମନତନ୍ତ୍ରରେ ।

ଲୋକଚରିତ୍ର କ'ଣ ବଦଳିଗଲା ? ସେ ଲୋକମାନେ ଆଉ କାହାନ୍ତି - ଯେଉଁମାନେ ରାଜପଥକୁ କରିଥିଲେ ପାନିପଥ, ଗ୍ରାମ ଓ ନଗରଗୁଡିକୁ ସଂଗ୍ରାମର ମଇଦାନ ? ସବୁ ଘର ସେତେବେଳେ ନିଜ ମାଟିର ମର୍ଯ୍ୟାଦା ପାଇଁ ପାଲଟିଥିଲା ଏକ ମହାନ୍ ଯୁଦ୍ଧର ଘାଟି ! ଏପରିକି ନିଷିଦ୍ଧ ଗଳିର ପତିତା ନାରୀ ମଧ ସୁରକ୍ଷା ଦେଇପାରୁଥିଲା ସେଦିନର ସଂପୃକ୍ତ ସନ୍ତ୍ରାସବାଦୀକୁ ! ସମସ୍ତେ ଥିଲେ ଶପଥବଦ୍ଧ ସେଦିନ । ଗୋଟିଏ ଲକ୍ଷ୍ୟ - ଗୋଟିଏ ଲୟ - ସ୍ୱାଧୀନତାର ଗିରିଶିଖର ।

ସତ ହେଲା ସଂଗ୍ରାମର ସ୍ୱପ୍ନ । ସାକାର ହେଲା ଭାବମୟୀ ଭାରତମାତାର ମଙ୍ଗଳମୂର୍ତି । ଦେଶୀ ଶାସନର ସଡକରେ ରଥଯାତ୍ରା ରଚନା କଲା ଭାରତବର୍ଷର ରାଜନୀତି । କିନ୍ତୁ ଏ କ'ଣ ହେଲା ? ଆରମ୍ଭ ହେଲା ଦଙ୍ଗା ହଙ୍ଗାମା, ଲୁଟତରାଜ, ଧର୍ଷଣ, ଦୁର୍ନୀତି, ଭ୍ରଷ୍ଟାଚାରର ଭୟଙ୍କର ବାସ୍ତବତା । ଆଇନ୍ କାନୁନ୍‌କୁ ଆଖିଠାରି ଦେଶୀ ଶାସନର ପୃଷ୍ଟପୋଷକତାରେ କ୍ରମେ ଗଣତନ୍ତ୍ର ସହ ହାତ ମିଳାଇଲା ଗୁଣ୍ଡାରାଜ । ଜନବାହିନୀ ଓ ସୈନ୍ୟବାହିନୀ ଆଢୁଆଳରେ ଗଢିଉଠିଲା କ୍ରମେ ଗୁପ୍ତବାହିନୀ, ପଂଚମ ବାହିନୀ ଓ ମାଫିଆ ଡନ୍‌ମାନଙ୍କର ଘାତକ ବାହିନୀ ।

ଆଜି ଗୁଣ୍ଡାମି ଓ ଗୁପ୍ତଧନକୁ ନେଇ ପ୍ରସ୍ତୁତ ହେଉଚି ମୁକ୍ତଭାରତର ନକଲି ନେତୃତ୍ୱ । ଦେଶ ନୁହେଁ, ଦଳର ପତାକା ହିଁ ଆଜି ଫରଫର ଉଡୁଚି ଆଖି ସାମ୍ନାରେ । ଭାରତବର୍ଷରେ ଧର୍ମ ଯେପରି ଦୂରେଇ ଆସିଛି ଭଗବାନଙ୍କଠାରୁ, ରାଜନୀତି ମଧ ସେହିପରି ଦୂରେଇ ଆସିଛି ମଣିଷଠାରୁ । ସଇତାନର ଧର୍ମ ଓ ଅମଣିଷର ରାଜନୀତି - ଅର୍ଥାତ୍ ଅଧର୍ମ ଓ ଅରାଜକତାରେ ଆକ୍ରାନ୍ତ ଏ ଦେଶ ଏବେ । ଲୋକଚରିତ୍ର କ'ଣ ବଦଳିଗଲା ସତରେ ? ବିକୃତ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ସଜା ଯାଉଥିବା ପୁଷ୍ପତୋରଣ ? ଆମେ କ'ଣ ସେଇମାନଙ୍କୁ ପାଛୋଟି ଆଣୁଥିବା ଗଣତନ୍ତ୍ରର ଗୋଲାପ ବଗିଚାକୁ ଯେଉଁମାନେ ଆମରି କଳିଜା କାଟି ରକ୍ତରେ ରଙ୍ଗାଉଥିବେ ଆମ ସନ୍ତାନମାନଙ୍କର ସରଳ ସକାଳମାନଙ୍କୁ ? ଲୋକଚରିତ୍ର କ'ଣ ଆଜି ସଂପୂର୍ଣ୍ଣ ସ୍ଥିତାବସ୍ଥାବାଦୀ ? ବିପ୍ଳବ-ବିରୋଧୀ ? ତା'ହେଲେ ଭବିଷ୍ୟତରେ ସଂଗ୍ରାମ ପାଇଁ କେଉଁଠି ସନ୍ଧାନ କରିବା ନୂଆ ମହାଭାରତୀୟ କୁରୁକ୍ଷେତ୍ର ?

+ଯାଜପୁର ରୋଡ, ଯାଜପୁର

ମୋ : ୯୮୬୧୦୩୪୧୬୩

## କବିତା କୋଣାର୍କ

### ବୋଉକଥା..



ବୃନ୍ଦାବନ ଦାସ

ବୋଉକଥା ମନେପଡିଲେ
ଦୁଃଖମାନେ
ଅତି ଆପଣାର ଲାଗନ୍ତି ।
ବୋଉ ଏବେ ନାହିଁ
କାଳେ ସେ ଆକାଶରେ
ତାରା ହୋଇ ଜଳୁଛି
ଛାଡି ଚାଲିଗଲା ପରେ ବି
ଆଗପରି ଅନେକ
ମୋହରେ ଆକ୍ରାନ୍ତ ,
ଅନ୍ଧାର ଭିତରେ ଝଟକୁଛି
ଆଶିଷର ଝୋଟିହେଇ ।
ଅନାଥ ମୁଁ
ସାରା ଆକାଶର
ସବୁ ତାରାଙ୍କ ମୁହଁରେ
ବୋଉକୁ ଖୋଜୁଛି
ହାୟ ! ହତଭାଗ୍ୟ ପାଉନି ମୁଁ ତାକୁ
ଯେତେ ଖୋଜିଲେ ବି
ଅସଂଖ୍ୟ ଭିଡରେ ସେ
କେଉଁଠି ହଜିଛି ।
ବୋଉ ମୋ କେତେ ଜଞ୍ଜାଳର
ମହମ ମୂର୍ତ୍ତିଟେ
କରୁଣାର ଆଦ୍ରତାରେ ଜଳୁଥାଏ
ଯେ ଜଳୁଥାଏ
ଶେଷ ନହେବା ଯାଏଁ ,
ତା' ତମାମ ବର୍ତ୍ତମାନକୁ
ମୁଁ ଲଦିଦେଇ ଥାଏ ସିନା
ଅଝଟପଣରେ
ବିନା ପ୍ରତିବାଦରେ ଗଧପରି
ବହି ଚାଲିଥାଏ
ମୋ ଅଜସ୍ର ଦାବିର
ଦୁଷ୍ଟ ଅଦଉତିକୁ ।
ସବୁ ବୋଉମାନେ କଣ ଏମିତି
ଯେମିତି ମୋ ବୋଉ !
ଆଖିପତାରୁ ନିଦକୁ ହଜେଇ
ଦୁଃଖକୁ କୋଳେଇ କାଖେଇ
ସମୟକୁ ଖୁଚୁରା ପଇସା କରି
କେତେ ବ୍ୟସ୍ତତାରେ ପୁଣି ତାକୁ
ଅଣ୍ଟାରେ ଖୋସି,
ସୂର୍ଯ୍ୟୋଦୟର ଢେର ଆଗରୁ
କୁଆଁତାରା ହଜିବା ଯାଏଁ
ନିଜକୁ ସମୟ ନିର୍ଘଣ୍ଟ
କରିବାର ଅସୀମ ବଳ
କେଉଁଠୁ ପାଏ କେଜାଣି !
ଆଜି ବୋଉକଥା
ହୃଦୟରେ ଭରିଦିଏ
ଅବୁଝା ଅସରା ବ୍ୟଥା
ପ୍ରତି ପାହୁଣ୍ଡରେ
ଝୁଣ୍ଟୁଝୁଣ୍ଟୁ ବୋଉସ୍ମୃତି
ଛିଡାହେବାର ପବିତ୍ର ପ୍ରେରଣା ।
ବୋଉ କଣ ନାହିଁ କି !
ପବନର ଶୀତଳ ଛୁଆଁରେ ତ'
ବୋଉହାତ କୋମଳ ପରଶ
ଗଛତଳ ଶୀତଳ ଛାଇରେ ତ'
ବୋଉକାନି ସୁରକ୍ଷାର
ଦୁର୍ଭେଦ୍ୟ ବଳୟ
ହଁ , ବୋଉ ଅଛି
ପାଖେପାଖେ ଚିରକାଳ ।

ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା -୭୫୪୨୮୯
ମୋ- ୯୭୭୭୮୪୩୦୩୧

## ମୋ ସ୍କୁଲ ଅଭିଯାନ : ଏହି ବିଶେଷ କ୍ଷେତ୍ରରେ ବାଲେଶ୍ୱର ୨.୭୭ କୋଟି ଟଙ୍କା ଦେଇ ଓଡ଼ିଶାରେ ପ୍ରଥମ

ସୁବ୍ରତ କର



ଏହାକୁ ମୁଁ ବିଶେଷ କ୍ଷେତ୍ର କହିଲି କାରଣ ଏହା ଏକ ସରକାରଙ୍କ ନୂଆ ଯୋଜନା । ଏହି ଯୋଜନାଟି ସରକାରଙ୍କ ଦ୍ୱାରା ଗତ ତିନିବର୍ଷ ହେବ ଆରମ୍ଭ ହୋଇଛି ଏବଂ ଏହା ମଧ୍ୟ କହିବାକୁ ଗଲେ ସାରା ଦେଶରେ ପ୍ରଥମ ଯୋଜନା । ମୋ ସ୍କୁଲ ଅଭିଯାନ ହେଉଛି ଅତି ସାଧାସିଧା ଭାବରେ ବୁଝିବାକୁ ଗଲେ ମୁଁ ସ୍କୁଲ ତରଫରୁ ୧୦୦ ଟଙ୍କା ଦେଲେ ସରକାର ଏହି ବାବଦକୁ ଆଉ ୨୦୦ ଟଙ୍କା ଦେବେ ଏବଂ ସର୍ବମୋଟ ୩୦୦ ଟଙ୍କା ଏବଂ ଏହାକୁ ଅର୍ଥଦାତାଙ୍କ ପରାମର୍ଶକ୍ରମେ ସ୍କୁଲର ଉନ୍ନତି କଳ୍ପେ ଖର୍ଚ୍ଚ ହେବ । ଏହି ଅଭିଯାନାରେ ଯେ କୌଣସି ବ୍ୟକ୍ତି ବିଶେଷ ହୁଅନ୍ତୁ, ପୁରୁଣା ଛାତ୍ର ପରିଷଦ ହେଉ ବା ଏପରିକି ସ୍କୁଲକୁ ଭଲ ପାଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଦାନ ଦେଇପାରିବେ । ମୋ ଜାଣିବାରେ ରାଜ୍ୟରେ ଏବେ ପ୍ରାୟ ୪୭୦୦ ସ୍କୁଲ ରହିଛି । ସବୁ ସ୍କୁଲରେ ଅଛି ଏବଂ ଏହାଦ୍ୱାରା ପ୍ରତି ବିଦ୍ୟାଳୟ ଏବେ ପୁରାତନ ଛାତ୍ର ସଂସଦ ଖୋଲି ନିଜ ସ୍କୁଲକୁ ସାହାଯ୍ୟର ହାତ ବଢ଼ାଇବା ପାଇଁ ସରକାର ସୁଯୋଗ ତିଆରି କରି ଦେଇଛନ୍ତି । ଏହି ଅଭିଯାନରେ ଆମ ଜିଲ୍ଲା ଗତ ତିନିବର୍ଷ ହେବା ପ୍ରଥମ ସ୍ଥାନ ଅଧିକାର କରି ଆସିଛି ଏବଂ ଏହା ମୁଁ କହୁନାହିଁ ୪-୫୫ ଦିନ ତଳେ ବିଦ୍ୟାଳୟ ଗଣଶିକ୍ଷା ବିଭାଗରେ ପ୍ରମୁଖ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ବାଲେଶ୍ୱରର ଜିଲ୍ଲା ସ୍କୁଲଠାରେ ତାଙ୍କର ମନ୍ତବ୍ୟ ଦେଇ ବାଲେଶ୍ୱରର ସବୁବର୍ଗର ଛାତ୍ରଛାତ୍ରୀମାନଙ୍କୁ, ପୁରୁଣା ଛାତ୍ର ସଂସଦକୁ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ମୁଁ ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରୀତ ହୋଇଥିଲି ଟାଉନ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ସଭାପତି ଭାବରେ । ଏହି ଅଭିଯାନ ସହିତ ସତ୍ୟବ୍ରତ ବାବୁ ଏତେ ଅତ୍‌ପ୍ରୋତ୍ ଭାବରେ ଜଡ଼ିତ ହୋଇଛନ୍ତି । କାରଣ ମୋ ସ୍କୁଲ ଅଭିଯାନରେ ଏବେ ରେକର୍ଡ଼ି ହୋଇ ବାଜୁଥିବା ଗୀତଟି ସେ ନିଜେ ଗାଇଛନ୍ତି ଏବଂ ତାଙ୍କ ସାଙ୍ଗରେ ଆସିଥିବା ଯୁଗ୍ମ ନିର୍ଦ୍ଦେଶକ ପଣ୍ଡା ବାବୁ ଲେଖିଛନ୍ତି ଏବଂ କଟକର ଜଣେ ଶିକ୍ଷକ ଏହାକୁ ସୁର ଦେଇଛନ୍ତି । ଆଶ୍ଚର୍ଯ୍ୟର କଥା ହେଲା ସେ ନିଜେ ଛାତ୍ର ଛାତ୍ରୀମାନଙ୍କ ସହିତ ସ୍ୱର ମିଳାଇ ଗୀତଟି ଷ୍ଟେଜରେ ଗାଇଲେ । ମୁଁ ମୋ ଜୀବନରେ ବହୁତ ଆଇ.ଏ.ଏସ ଅଫିସର ଦେଖିଛି କିନ୍ତୁ ଜଣେ ପ୍ରମୁଖ ସଚିବ ହୋଇ ଏହି ସ୍ତରକୁ ଆସିବାଟା ଏହା ଏକ ଉପସ୍ଥିତ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଆଦର୍ଶ ହୋଇ ରହିବ । ମୁଁ ଜାଣେ ନାହିଁ ସେମାନେ କିଛି ଶିଖିଲେ କି ନାହିଁ ? ତାଙ୍କର ଇଚ୍ଛା ପ୍ରକାଶ କରିବାକୁ ଯାଇ କହିଲେ ପାଠ ଛଡ଼ା ପିଲାମାନଙ୍କୁ ଛତୁଚାଷ, ମାଛଚାଷ, ଫୁଲଚାଷ, କୁକୁଡ଼ା ଚାଷ ଏବଂ ପରିବା ଚାଷ ଏହିଭଳି ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେବାପାଇଁ । ଏବଂ ଏକଦମ ଠିକ କଥା କହିଛନ୍ତି କିନ୍ତୁ ଉପସ୍ଥିତ ଥିବା ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଏହାକୁ କେତେଦୂର ଗୁରୁତର ସହିତ ଗ୍ରହଣ କରି ଏହିସବୁ କାର୍ଯ୍ୟକ୍ରମକୁ ହାତକୁ ନେଇ କାର୍ଯ୍ୟକାରୀ କରିବେ ଦେଖିବାକୁ ବାକି ରହିଲା ।

## କବିତା କୋଣାର୍କ

### ଘାସ...

ଦୁଷ୍ମନ୍ତ ବେହେରା



ଜନ୍ମ ଭୂମି ମାଟିରେ କିଛି
କରିବି ବୋଲି ଭାବି
ଅସୁମାରୀର ଆଲୋକ
ଜୀବନର ଉଙ୍କି ମାରୁଥିଲା
ଏତେ ପରେ ମୁଁ ମାଟି ପାଇଁ
କିରଣର ଆଶା ନେଇ ଆସିଥିଲି
ତୁମ ପାଖକୁ ଧାଇଁ
ଜୀବନର କ୍ଷଣକ ଦୀପ
ତୁମ ପାଇଁ କିଛି କରିବି
ବୋଲି ଚାହିଁ ବସିଛି
ତୁମରି ଦେହରେ ଜନ୍ମ
ମୋର କଳୁଶୀତ କରୁଥିଲା
ଦେହ ରକ୍ତ ହାଡ ମାଂସ
ବହୁଥିଲା ମୋ ମାଟିର ମହକରେ
ଅପେକ୍ଷା କରିଥିଲି ମାଟି
ତୁମ ପାଇଁ କିଛି କରିବି ବୋଲି
କ୍ଷଣକ ସାଗର ଆଶାର
ଦୀପ ଲିଭିଯାଇଥିଲା
ଏତେ ପରେ ବନ୍ଧୁବାନ୍ଧବ
ପରିଜନ ମଶାଣିର
ଶେଷ ଠିକଣା ବାନ୍ଧିଦେଲା
ଜୀବନର ଆଲୋକ
ଶରୀର ମୋ ଜଳିଲା
ହେଲି ମୁଁ ଅଙ୍ଗାର
କିଛି କ୍ଷଣ ଗଲାପରେ
ଶରୀର ମୋ ମାଟି
ତଥାପି ମୁଁ ଦୁଃଖ କରିନି
ଭାବିଥିଲି କିଛି କରିବି
ଅପେକ୍ଷା କଲି ମୁଁ
ପାଉଁଶ ହେଲା
ମୋ ମାଟିରୁ ମୁଁ ଦ୍ୱବ
ଘାସଟିଏ ହୋଇ ଉଠିଲି
ତୁମରି ଦେହରେ ଜନ୍ମ
ମୋ ଗାଁ ମାଟି ପାଇଁ
କିଛି ତ କଲି ନାହିଁ
ଏତିକି ତ କରିପାରିବି
ମୋ ଶରୀରର ମାଟିରେ
ଘାସଟିଏ ହୋଇ
ତୁମ ପାଇଁ ପବନଟିଏ ହେବି
ତୁମ ଆଖପାଖରେ ବୁଲିବି
ଘାସ ମୁଁ ଘାସ ମୁଁ ।

+ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

### ପ୍ରତିଧ୍ୱନି...

ସୁବ୍ରତ ମଲିକ



ତୁମେ ଫେରିଗଲା ପରେ
ଜୀବନର ଋତୁଚକ୍ରରୁ
ମନର ଶାରଦୀୟ ଆକାଶ
ଦିଶୁନାହିଁ ଧୋବ ଫରଫର
ଘାଣ୍ଟିଚକଟି ହୋଇଯାଇଛି
ତୁମ ପ୍ରଦତ୍ତ ଛଳନା, କପଟତା,
ସ୍ୱାର୍ଥପରତା, ପ୍ରତାରଣାର ପ୍ରଲେପରେ
ଅଭିଷ୍ଟ ଉପହାର ତୁମର
କେମିତି ବା କରିଥାନ୍ତି ପ୍ରତ୍ୟାଖ୍ୟାନ
ହୃଦୟହୀନ ପ୍ରେମିକଟେ ପରି
ଜାଣ ବି ତ ତୁମେ ଭଲ ଭାବେ
ହୃଦୟ ଅଛି ବୋଲି ମୋର
ପାଇଥିଲି ଭଲ ନିଜଠୁ
ଅଧିକ ଦିନେ ତୁମକୁ ।।
ତୁମେ ଫେରିଗଲା ପରେ
ଜୀବନର ଋତୁଚକ୍ରରୁ
ହସ ଖୁସିର କାକରବିନ୍ଦୁ
ଟୋପା ଟୋପା ହୋଇ
ଆଉ ଝରୁନାହାନ୍ତି ପୂର୍ବବତ
ଶୀତ ସକାଳର ଆଗମନେ
ପ୍ରତ୍ୟାଖ୍ୟାତ ଏ ମନର ଅଗଣାରେ
କେମିତି ବା ଝରନ୍ତେ
ନିଜ ସାଥିରେ ନେଇଯାଇଛ
କରି ନିଜ ଅନୁଗାମୀ
ମୋତେ ଯେମିତି କରିଥିଲ ଦିନେ
ସାଜିଥିଲି ତୁମ ସୌନ୍ଦର୍ଯ୍ୟର ପୂଜାରୀ
ଆଜି ଛାଡ଼ିଦେଇଯାଇଛ
କେବଳ ମୋ ପାଇଁ
ପ୍ରତିକ୍ରିୟାହୀନ ଅସହ୍ୟ ଯନ୍ତ୍ରଣା
ଯାହାର ଶୁଭେ ଶବ୍ଦ ହୀନ ପ୍ରତିଧ୍ୱନି
ଗଗନ କାନନେ ପ୍ରତି କ୍ଷଣେ
ଆସ୍ତେ ଆସ୍ତେ ଧୀରେ ଧୀରେ ।

ମଙ୍ଗଳପୁର, ଅସୁରାଳି,
ଭଦ୍ରକ-୭୫୬୧୩୭

# ସଂକ୍ଷେପରେ ଚୈତ୍ର



ଡକ୍ଟର ଶ୍ରୀହରି ପଣ୍ଡା
ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ.୮୬୫୮୫୦୫୯୭୮

ଧରିତ୍ରୀ ବକ୍ଷରେ ଯୌବନର କାଉଁରୀ କାଠି ଛୁଆଁଇ,ପ୍ରକୃତିକୁ ଉନ୍ମନା କରି, ମଳୟ ଦୋଳିରେ ଝୁଲା ଝୁଲିହୋଇ ମଧୁମାସ ଚୈତ୍ର ଆସେ । ପ୍ରକୃତି ବାସନ୍ତୀ ସୁଷମାରେ ସୁଷମାନ୍ୱିତ ହୋଇ, ଅନଙ୍ଗର ଲୀଳାଗାର ଧରିତ୍ରୀ ମଧୁଗର୍ଭା ହୋଇ ଚୈତ୍ର ଆସେ । କୋଇଲି ସ୍ୱାଗତିକା ତୋଳେ । ଦକ୍ଷିଣା ପବନର ମୃଦୁସ୍ପର୍ଶ ମଣିଷର ତନୁମନରେ ଅପୂର୍ବ ପୁଲକ ସୃଷ୍ଟି କରି, ଆମ୍ର ମଞ୍ଜରୀରେ ପୁଲକ ଖେଳାଇ ଚୈତ୍ର ଆସେ । ସମସ୍ତଙ୍କୁ ଅହ୍ଲାଦିତ କରଙ୍କାଳିଦାସଙ୍କର 'ସର୍ବଂ ପ୍ରିୟେ ଚାରୁତରଂ ବସନ୍ତେ' ଉକ୍ତିକୁ ସତ୍ୟ ପ୍ରମାଣିତ କରି ଚୈତ୍ର ଆସେ । ସେହି ମଧୁମାସ ଚୈତ୍ର ସମ୍ପର୍କରେ ଏ କ୍ଷୁଦ୍ର ଆଲୋଚନା ।

ଋତୁ ଶବ୍ଦ 'ଋ'(ଗତିକରିବା) ଧାତୁ ନିଷ୍ପନ୍ନ ଅର୍ଥାତ୍ ଯାହା ସର୍ବଦା ଗମନ କରୁଅଛି । ଏଣୁ ଋତୁ ଅନୁସାରେ ସମସ୍ତ ଜଡ, ଚେତନ ପ୍ରଭୃତିଙ୍କ ଜୀବନଚକ୍ର ନିୟନ୍ତ୍ରିତ ହୋଇଥାଏ । ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଋତୁସ୍ରଷ୍ଟା ବୋଲି ବୈଦିକ ଆର୍ଯ୍ୟମାନେ ସ୍ୱୀକାର କରୁଥିବା ସ୍ଥଳେ ଚନ୍ଦ୍ରମାଙ୍କୁ ଋତୁର ବିଧାତା ରୂପେ ପରିକଳ୍ପନା କରିଛନ୍ତି । ଏଣୁ ସୂର୍ଯ୍ୟଙ୍କ 'ଋତାଗ୍ନି 'ଓ ଚନ୍ଦ୍ରଙ୍କ 'ସୋମରସ' ମିଶ୍ରଣ ହିଁ ଋତୁ । ସାଧାରଣତଃ ବର୍ଷକରେ ଷଡଋତୁ ପ୍ରଚଳିତ ଥିଲେ ହେଁ ମୁଖ୍ୟତଃ ତିନି ( ଗ୍ରୀଷ୍ମ, ବର୍ଷା, ହେମନ୍ତ ) ଋତୁର ପ୍ରାଧାନ୍ୟ ରହିଛି । ଗୋଟିଏ ଋତୁର ଜଳ ଶୁଷ୍କ ହେଉଥିବା ବେଳେ ଗୋଟିଏ ଋତୁରେ ଜଳପୂର୍ଣ୍ଣ ହୋଇଥାଏ । ତୃତୀୟ ଋତୁ ଶୀତ (ହେମନ୍ତ) ବା ହିମ ଶବ୍ଦ 'ହୁନ' ଧାତୁରୁ ହିଂସାର୍ଥକ ଓ 'ହି ' ଧାତୁରୁ ବୃଦ୍ଧ୍ୟର୍ଥକ । ହିଂସାର୍ଥକ ଅର୍ଥରେ କମଳର ଧ୍ୱଂସକର୍ତ୍ତା ହୋଇଥିବା ସ୍ଥଳେ ବୃଦ୍ଧ୍ୟର୍ଥକ ଅଥର୍ବରେ ଧାନଶସ୍ୟର ବୃଦ୍ଧିକାରକ । ଛଅ ଋତୁର ପ୍ରଚଳନ ବୈଦିକ ଶାସ୍ତ୍ର ସମ୍ମତ । ବସନ୍ତରେ ମଧୁ (ଚୈତ୍ର) ଓ ମାଧବ (ବୈଶାଖ) ମାସ, ଗ୍ରୀଷ୍ମରେ ଶୁକ୍ର ( ଜ୍ୟେଷ୍ଠ) ଓ ଶୁଚି ( ଆଷାଢ) ମାସ ଏବଂ ବର୍ଷାରେ ନଭସ୍ ( ଶ୍ରାବଣ) ଓ ନଭସ୍ୱ (ଭାଦ୍ରପଦ) ମାସ । ଶରତରେ ଇଷ ( ଆଶ୍ୱିନ) ଓ ଉର୍ଜ (କାର୍ତ୍ତିକ), ହେମନ୍ତରେ ସହସ ( ମାର୍ଗଶିର) ଓ ସହସ୍ୱ (ପୌଷ) ଏବଂ ଶିଶିରରେ ତପସ୍ ( ମାଘ) ଓ ତପସ୍ୱ (ଫାଲଗୁନ) । ପ୍ରାଚୀନ ଋତୁପର୍ଯ୍ୟାୟରେ ମଧୁମାସ ବା ଚୈତ୍ର ବସନ୍ତ ଋତୁର ଆଦ୍ୟମାସ ଭାବରେ ଗ୍ରହଣ କରାଯାଉଥିଲା ମାତ୍ର ଏବେ ଫାଲଗୁନ ଗ୍ରହଣୀୟ । କାରଣ ନିରୁକ୍ତର ବର୍ଣ୍ଣନା ଅନୁଯାୟୀ ମଧୁ ଏକ ପ୍ରକାର ରସ, ଯାହାକି ବୃକ୍ଷଲତା, ପ୍ରାଣୀ ସମସ୍ତଙ୍କୁ ଉନ୍ମତ୍ତ କରେ । ବୃଷ୍ଟି ନଥାଇ ଏମାସରେ ପାଦପବଲ୍ଲରୀ କୁସୁମିତ ହେବା ସହ ପ୍ରକୃତି ନୂତନ ସୁଷମାରେ ସୁଷମାନ୍ୱିତ ଓ ସୌରଭିତ ହୁଅନ୍ତି । ଜୀର୍ଣ୍ଣତା, ଶୀର୍ଣ୍ଣତା, ନୀରସତା ଓ ରୁକ୍ଷତାର ଅବସାନ ଘଟାଇ ମନରେ ଅପୂର୍ବ ଆହ୍ଲାଦ ଓ ଉଚ୍ଚାଟ ଭରିଦିଏ । ଏହି ମାସ ପୂର୍ଣ୍ଣିମାରେ ଚନ୍ଦ୍ର ସହ ଚିତ୍ରା ନକ୍ଷତ୍ରଯୁକ୍ତ ହୋଇ ଚୈତ୍ର ହୁଏ । ଚୈତ୍ରମାସର ମହତ୍ତ୍ୱ ବର୍ଣ୍ଣନା କରିବାକୁ ଯାଇ ଶ୍ରୀବିଷ୍ଣୁ ପୁରାଣରେ ଦ୍ୱାଦଶ ସୂର୍ଯ୍ୟ ବର୍ଣ୍ଣନାରେ ଏହି ମାସରୁ ହିଁ ସୂର୍ଯ୍ୟଙ୍କର ଗତି ଆରମ୍ଭ ହେଉଥିଲା । ଏହି ମାସରେ ସୂର୍ଯ୍ୟଙ୍କ ରଥରେ ଧାତା ନାମକ ଆଦିତ୍ୟ, କ୍ରତୁସ୍ଥଳା ଅପସରା, ପୁଲ୍ୟସ୍ତ ଋଷି, ବାସୁକି ସର୍ପ, ରଥଭୃତ୍ ଯକ୍ଷ, ହେତି ରାକ୍ଷସ ଓ ତୁମ୍ବୁର ଗନ୍ଧର୍ବ - ଏ ସାତମାସ ସାରା ରହନ୍ତି । ଏହି ମାସର ମହତ୍ତ୍ୱକୁ ସମ୍ପ୍ରସାରିତ କରେ ଏହିମାସରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ବର୍ଣ୍ଣାଢ୍ୟ ପର୍ବୋତ୍ସବ ମାନଙ୍କୁ ନେଇ ।

ସେଥିମଧ୍ୟରୁ ଚୈତ୍ର ଶୁକ୍ଳ ପ୍ରତିପଦା ସାମ୍ବତ୍ସରୀୟ ଦିବସ ରୂପେ ପରିଚିତ । ହିନ୍ଦୁମାନଙ୍କ ନିମନ୍ତେ ଏହା ଏକ ପବିତ୍ରତମ ଦିବସ କାରଣ ଉକ୍ତ ଦିବସରେ ସୃଷ୍ଟିକର୍ତ୍ତା ପିତାମହ ବ୍ରହ୍ମା ସର୍ଜନା ଆରମ୍ଭ କରିଥିଲେ । ଉକ୍ତତିଥିରେ ଯୁଗର ପ୍ରଥମ ଯୁଗ ସତ୍ୟଯୁଗର ଆରମ୍ଭ ହେବା ସହିତ ଉକ୍ତ ତିଥିର ରେବତୀ ନକ୍ଷତ୍ରରେ ବଷ୍କୁମ୍ଭ ଯୋଗରେ ଦିନବେଳା ଭଗବାନଙ୍କ ପ୍ରଥମ ଅବତାର ମତ୍ସ୍ୟରୂପର ଆବିର୍ଭାବ ଘଟିଥିଲା । ଶୁକ୍ଳ ଅଷ୍ଟମୀ ଅଶୋକାଷ୍ଟମୀ ନାମରେ ନାମିତ ହୋଇଥିବା ବେଳେ ଶୁକ୍ଳ ନବମୀ ଶ୍ରୀରାମନବମୀ, ଦ୍ୱାଦଶୀ ରୁ ଚତୁର୍ଦ୍ଦଶୀ ଦୟଣାଚୋରୀ ଉତ୍ସବ, ଚୈତ୍ର ପଚିଶ ଦିନ ମଦନୋତ୍ସବ ଏବଂ ଶୁକ୍ଳ ପୂର୍ଣ୍ଣିମା କେତେକଙ୍କ ମତରେ ହନୁମାନ ଜୟନ୍ତୀ ହୋଇଥିବାରୁ ଏ ମାସର ଗୁରୁତ୍ୱ ସର୍ବଜନବିଦିତ । କିମ୍ବଦନ୍ତୀ ଅନୁସାରେ ଚୈତ୍ର ଅଶୋକାଷ୍ଟମୀ ତିଥିରେ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ହୋଇଥିଲା ଓ ଏହି ପ୍ରତିଷ୍ଠୋତ୍ସବରେ ମହାପ୍ରଭୁ ଲିଙ୍ଗରାଜ ଯୋଗଦେଇଥିଲେ । ଏଣୁ ଏହାର ସ୍ମାରକୀ ସ୍ୱରୂପ ଅଶୋକାଷ୍ଟମୀରେ ରଥଯାତ୍ରା ବିଧାନ ପ୍ରଚଳିତ । ଚୈତ୍ର ମାସର ଶୁକ୍ଳନବମୀ ତିଥିରେ ପୁନର୍ବସୁ ନକ୍ଷତ୍ରରେ ମର୍ଯ୍ୟଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ରଙ୍କର ଜନ୍ମହୁଏ ଏଣୁ ଉକ୍ତଦିନ ରାମନବମୀ ବ୍ରତ କରାଯାଏ । ଏହିବ୍ରତ ଆଚରଣ କରୁଥିବା ବ୍ରତୀର ମନୋରଥ ପୂର୍ଣ୍ଣହୁଏ । ଏହା ସହିତ ପଣାସଂକ୍ରାନ୍ତି, ଝାମୁଯାତ୍ରା, ଚଇତି ପର୍ବ ଓ ଦୋଳଯାତ୍ରା ଉକ୍ତ ମାସର ଗୌରବ ବର୍ଦ୍ଧନ କରେ । ଚଇତ ମାସରେ ମଙ୍ଗଳବାର ପୂଜା ଉତ୍କଳୀୟ ନାରୀ ସମାଜରେ ବହୁଳ ଆଚରିତ ହେଉଥିବା ବ୍ରତ ଅଟେ । ଦେବୀ ଉପାସନା ନିମନ୍ତେ ଉକ୍ତ ମାସ ସର୍ବୋତ୍କୃଷ୍ଟ କାରଣ ଏହି ବସନ୍ତ ଋତୁରେ ହିଁ ଶ୍ରୀରାମ ବାସନ୍ତିକ ଦୁର୍ଗା ପୂଜା କରି ମନୋବାଞ୍ଛିତ ଫଳ ପ୍ରାପ୍ତ ହୋଇଥିଲେ । ସୃଷ୍ଟିର ମଙ୍ଗଳ ନିମନ୍ତେ ଶକ୍ତି ବିଭିନ୍ନ ରୂପନେଇ ପୂଜା ପାଉଛନ୍ତି । ତନ୍ମଧ୍ୟରୁ ମାଦୁର୍ଗାଙ୍କର ନିତ୍ୟନୈମିତ୍ତିକଭାବେ ପୂଜା ପ୍ରତ୍ୟହ ସମ୍ପନ୍ନ ହେଉଥିଲେ ସୁଦ୍ଧା ସାର୍ବଜନୀନ ଭାବେ ବର୍ଷକ ମଧ୍ୟରେ ଶାରଦୀୟ ଏବଂ ବାସନ୍ତୀକଭାବେ ୨ଥର ଅଭିନନ୍ଦନୀୟ ଅଟେ । ସେଥିରୁ ବାସନ୍ତୀକ ଦୁର୍ଗାପୂଜା ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦାଠାରୁ ନବରାତ୍ର ଉପାସନା ଆରମ୍ଭ ହୁଏ । ଦୟଣାଚୋରି ବା ଦମନୋକତ୍ସବ ମାହାଡମ୍ବରରେ ଶ୍ରୀମନ୍ଦିରରେ ପାଳିତ ହେଉଥିବା ବେଳେ କାମଦେବ ପୂଜା ବା ମଦନୋତ୍ସବ ପୂର୍ବ ସତ୍ତା ହରାଇ ହୋଲିରେ ମିଶିଗଲାଣି । ଦୋଳ ଯାତ୍ରା ଗୋପାଳଙ୍କ ଜାତିଭିତ୍ତିକ ପର୍ବରୁ ଗଣପର୍ବରେ ପରିବର୍ତ୍ତିତ ହୋଇଥିବା ସ୍ଥଳେ ଚଇତି ପୂର୍ଣ୍ଣିମାରେ କେଉଟ ସମ୍ପ୍ରଦାୟର ବିଶେଷ ପୂଜା ଅଟେ ଯାହାକି ଶ୍ରୀରାମଙ୍କ ବନବାସ କାଳରେ ଦାସରାଜାଙ୍କୁ ସରଯୁ ନଦୀ ପାର କରିଦେଇଥିବା ଖୁସିରେ ପ୍ରଦାନ କରିଥିବା ଘୋଡା ସ୍ମୃତିକୁ ଉଜାଗର କରେ । ଝାମୁଯାତ୍ରାରେ ପଟୁଆମାନଙ୍କ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥାଏ । ବହୁ ଉତ୍ସବର ଋଦ୍ଧିମନ୍ତ ଚୈତ୍ର ଏହିପରି ବର୍ଷକେ ଥରେ ସମସ୍ତଙ୍କୁ ନୂତନ ଛନ୍ଦରେ, ଅପୂର୍ବ ପୁଲକରେ, ବିପୁଳ ସୁଷମାରେ ଓ ନବୀନ ଉତ୍ସାହରେ ଅନୁପ୍ରାଣୀତ କରୁଛି ଏବଂ ସର୍ବଦା କରୁଥାଉ ।

॥ ଜୟ ଜଗନ୍ନାଥ ॥

## ହୋଲି ...

ଡଃ ମାଙ୍ଗଳିକା ମହାପାତ୍ର



ଫଗୁଣର ରଂଗରେ
ରଙ୍ଗେଇଲ ଯେ ମତେ
ଅବିରର ସଲ୍ଲଜ ଲାଳିମା
ବୋଳିଦେଲ କି ସତେ ..
ଆଖିରେ ଭରିଲ
ସପନ ସାତ ରଙ୍ଗର
ହୃଦୟ ଭରିଗଲା
ଭଲପାଇବାରେ ତୁମର
ମଥାରେ ଦେଲ
ରଙ୍ଗ ସିନ୍ଦୂରର
ଆଖିରେ ଦେଲ
ରଙ୍ଗ କଜ୍ଜଳର
ଅଧରେ ଦେଲ
ରଙ୍ଗ ପ୍ରେମର..
ଗାଲରେ ଦେଲ
ରଙ୍ଗ ଲାଜର ..
ଦେହରେ ବୋଳିଲ
ରଙ୍ଗ ସ୍ୱର୍ଣ୍ଣର
ସାରା ଜୀବନ କଟିଯାଉ
ବାହୁରେ ତୁମର ..
ଏ ରଙ୍ଗ ଅଲିଭା ହେଉ
ତୁମେ ଥାଅ ହୋଇ ମୋର
ପ୍ରିୟତମ ସାଥି
ସାତ ଜନମର ।

+ପ୍ରଶାନ୍ତି ବିହାର
କିଟ୍ ବିଶ୍ୱବିଦ୍ୟାଳୟ

## ହୋଲି...

ରତ୍ନକାନ୍ତି ମିଶ୍ର



ହର୍ଷ ଉଲ୍ଲାସର ପରବଟା ହୋଲି
ଧରିତ୍ରୀ ଉତ୍ସବମୟ
ସବୁ ପ୍ରାଣ ଆଜି ହେଉ ରସସିକ୍ତ
ଦୁଃଖର ହେଉ ବିଲୟ ॥

ନାଲି ନେଳି ଅବା ନାରଙ୍ଗୀ ସବୁଜ
ଫଗୁ ରଙ୍ଗେ ବୋଳି ହେବା
ମିଛ ଅହମିକା ଛଳନାର ରଙ୍ଗ
ଅନ୍ତରରୁ ଧୋଇ ଦେବା ॥

ହାତେ ପିଚକାରୀ ହାତରେ ସବୁରି
ଭିଜାଇବା ଆନ ଦେହ
ପ୍ରୀତି ଫଲ୍ଗୁ ଧାରା ଝରୁ ଅବାରିତ
ହୃଦେ ଜାଗୁ ସଦା ସ୍ନେହ ॥

ଦୋଳ ମଣ୍ଡପରେ ଯୁଗଳ ମୂରତି
ଆହା କି ସୁନ୍ଦର ଶୋଭା
ରାଇ ଦାମୋଦର ସାଥେ ରାସଲୀଳା
ଦୃଶ୍ୟ ରାଜି ମନଲୋଭା ॥

ମହାନ ସଂସ୍କୃତି ଶାନ୍ତି ମୈତ୍ରୀ ଆଉ
ଭାଇଚାରାର ଏ ପର୍ବ
ମଣିଷ ପଣିଆ ଜାଗରିତ ହେଉ
ଫୁଟି ଉଠୁ ଦିବ୍ୟ ଭାବ ॥

ଶାଶ୍ୱତ ସୁନ୍ଦର ପବିତ୍ର ସମ୍ପର୍କ
ରଙ୍ଗ ଭରୁ ଜୀବନରେ
ହର୍ଷ ଉଲ୍ଲାସର ଅମଳିନ ଛବି
ଫୁଟି ଉଠୁ ଏ ଧରାରେ ॥

+ଆଳି, କେନ୍ଦ୍ରାପଡା

# ଭାରତୀୟ ସଂସ୍କୃତିର ପର୍ବ



ଧ୍ରୁବ ଚରଣ ବେହେରା
ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ.୮୬୫୮୫୦୫୯୭୮

ଆମ ଦେଶ ଭାରତ ବର୍ଷ ଏକ କଳା ସଂସ୍କୃତିର ଦେଶ । ଆମ ଇତିହାସକୁ ଟିକେ ଫେରି ଚାହିଁଲେ ଏହି ଦେଶର ମହାନ ସଂସ୍କୃତି ସହିତ ଆମେ ବେଶ୍ ପରିଚିତ ହୋଇ ପାରିବା । ଯେବେଠୁ ମାନବ ସଭ୍ୟତା ପ୍ରସ୍ତର ଯୁଗରୁ ଆରମ୍ଭ ହୋଇ ଆଧୁନିକ ସଭ୍ୟତାରେ ପାଦ ଥାପିଲା ମଣିଷ ତାହା ସହିତ ଯତ୍ନଶୀଳ ହୋଇ ନିଜର ସଭ୍ୟତା ସଂସ୍କୃତି ବିଷୟରେ ଅନେକ ଶିକ୍ଷା ଲାଭ କଲା ଓ ଶିଖିବାକୁ ଆଶାୟୀ ମଧ ହେଲା । ବିକାଶ ପଥରେ ପଥିକ ହୋଇ ଧିରେ ଧିରେ ଦେବା ଦେବୀ ତଥା ସଂସ୍କୃତି ପୁରାଣ ଉପନିଶଦରେ ଜ୍ଞାନ ଅର୍ଜନ କରି ଆଗକୁ ଅଗ୍ରସର ହେବା ପାଇଁ ପାଦ ବଢାଇଲା । ପୁରାଣ ଉପନିଶଦର ଅଗ୍ରଗତି ତା'ର ବିଧି ପରମ୍ପରା ଓ ପୋଷାକ ପରିଚ୍ଛଦ ପବିତ୍ରତା ଏମିତି ଅନେକ କ୍ଷେତ୍ରରେ ଜ୍ଞାନ ଆହରଣ କଲା । ଆମ ଦେଶ ଭାରତ ବର୍ଷରେ ଅନେକ ପର୍ବ ପର୍ବାଣୀ ପାଳନ କରାଯାଏ ଯଥା ହୋଲି ଦଶହରା ଦୁର୍ଗାପୂଜା ଏହି ସବୁ ମୂଖ୍ୟ ପର୍ବ ଗୁଡିକ ମହା ଆଡମ୍ବର ରେ ପାଳନ କରା ଯାଇଥାଏ । ସେହି ପର୍ବ ମାନଙ୍କ ମଧରୁ ରଙ୍ଗର ପର୍ବ ହୋଲି ଭାରତୀୟ ସଂସ୍କୃତିରେ ତା' ପରିଚୟ ନିଆରା । ହୋଲି ଏକ ଗଣ ପର୍ବ ହୋଇଥିବାରୁ ଲୋକମାନେ ଏହି ପର୍ବକୁ ଭାଇଚାରାର ପର୍ବ ରୂପେ ପୁର ପଲ୍ଲୀରୁ ଆରମ୍ଭ କରି ସହର ଗଳି ମଧରେ ମହା ଆଡମ୍ବର ପୂର୍ଣ୍ଣ ଭାବରେ ପାଳନ କରିଥାନ୍ତି । ସାରା ଭାରତ ବର୍ଷରେ ଏହାକୁ ରଙ୍ଗର ପର୍ବ ବା ହୋଲି ବୋଲି କହିଥାନ୍ତି । ଏହା ଆନନ୍ଦ ଉଲ୍ଲାସର ପର୍ବ ଟିଏ । ମଣିଷ ତାର ଦୈନନ୍ଦିନ ଜୀବନରୁ ଟିକିଏ ଅବସର ବାହାର ନିଜକୁ କିଛି ସମୟ ହସ ଖୁସିରେ ସାମିଲ କରି, ନିଜର ମାନସିକ ଅବସାଦ ଗତ ଚିନ୍ତା ଧାରାରୁ ନିଜକୁ ମୁକ୍ତ କରିବା ପାଇଁ, ସେ ଏମିତି ଅନେକ ପର୍ବ ପର୍ବାଣୀ ଭିତରେ ନିଜକୁ ସାମିଲ କରିଥାଏ । ଏହା ଏକ ଆନନ୍ଦ ଉଲ୍ଲାସର ପର୍ବ ଭାବେ ବେଶ୍ ପରିଚିତ ହୋଇଥିବାରୁ ଆବାଳବୃଦ୍ଧବନିତା ସମସ୍ତେ ନିଜ ନିଜ ଭିତରେ ଖୁସିର ଆଦାନ ପ୍ରଦାନ କରି ଭାଇଚାରା ବନ୍ଧନରେ ନିଜକୁ ବାନ୍ଧି ଦେଇଥାନ୍ତି । କେହି କେହି ଏହାକୁ ରଙ୍ଗର ପର୍ବ ମଧ କହିଥାନ୍ତି । ସୁନ୍ଦର ଓ ଭାଇଚାରା ର ଏହି ପର୍ବଟି ସମସ୍ତଙ୍କ ମଧରେ ବାଣ୍ଟି ଦେଇ ଥାଏ ହସ ଖୁସି ସ୍ନେହ ମମତାର ଏକ ଅତୁଟ ସଂପର୍କ । ମଣିଷ ଜୀବନ ପାଇଁ ଭାଇଚାରା ଓ ବନ୍ଧୁତ୍ୱ ଅପରିହାର୍ଯ୍ୟ । ବନ୍ଧୁ ବିନା ଜୀବନ ଖାଲି ଖାଲି ଲାଗେ । ତେଣୁ ସ୍ତ୍ରୀ, ପିଲା, ପୁରୁଷ ସମସ୍ତେ ଏହି ପର୍ବରେ ସାମିଲ ହୋଇ ସେନେହ ମମତାର ଡୋରିରେ ବାନ୍ଧି ହୋଇଥାନ୍ତି । ଆନନ୍ଦ, ଖୁସୀ, ଭାଇଚାରା ଓ ଉତ୍ସାହର ପର୍ବରେ ସମସ୍ତେ ସାମିଲ ହୁଅନ୍ତି । ଏହି ପର୍ବଟି ଫଗୁଣ ମାସରେ ପଡିଥାଏ ଫଗୁଖେଳ ଓ ରାଧା କୃଷ୍ଣ ପ୍ରେମର ଏକ ନୂତନ ନିଦର୍ଶନ । ବସନ୍ତ ଆଗମନରେ ଧରଣୀର ଚିର ହରିତ ଶୋଭାର ପଣତରେ କୋକିଳ କଣ୍ଠର ମଧୁର ସଂଗୀତ ର ତାନ ମନ ଭିତରେ ଏକ ଅପୁ ପ୍ରେମ ସଞ୍ଚାର କରି ଦିଏ । ତା, ସହିତ ସବୁଜିମା ରାଜିର ନବ ରଙ୍ଗୀ ବେଶ, ସତେ ଯେମିତି ପ୍ରକୃତିର ପଣତ କାନି ରଙ୍ଗର ଓଢଣୀ ତଳେ ଲାଜେ ଲାଜେ ଚାହିଁ ଦେଖିଲା ପରି ମନେ ହୁଏ । ପବିତ୍ର ମହାନ୍ ପର୍ବର ଗାଥା ଯେତେ ବଖାଣିଲେ ସେତେ ଶବ୍ଦ କମ୍ ପଡେ । ଦୋଳ ମେଳଣର ସହିତ ପବିତ୍ର ଦୋଳ ପୂର୍ଣ୍ଣମୀ ତିଥିର ପର ଦିନ ଏହି ପର୍ବଟି ସମସ୍ତଙ୍କୁ ଆନନ୍ଦର ରଜ୍ଜୁରେ ବାନ୍ଧି ଦେଇଥାଏ । ଉତ୍ତର ଭାରତର ରାଜସ୍ଥାନରେ ଏହାକୁ ଲାଠିମାର ହୋଲି ଭାବେ ଲୋକମାନେ ପାଳନ କରନ୍ତି ଓ ଦକ୍ଷିଣ ପୂର୍ବ ଆସାମରେ ହୋଲି ପର୍ବକୁ ଫଗୁଆ ଦୋଳ ବୋଲି କହିଥାନ୍ତି , ମହାରାଷ୍ଟ୍ରରେ ଏହା ରଙ୍ଗ ପଞ୍ଚମୀ , ବିହାର ଫଗୁଆ, ଓଡିଶାରେ ଫଗୁଣ ଦୋଳ , ପଞ୍ଜାବରେ ଲୋହାତକ ପର୍ବ ବୋଲି କହିଥାନ୍ତି । ପଞ୍ଜାବରେ ଏହି ପର୍ବକୁ ଦୀର୍ଘ ଆଠ ଦିନ ଧରି ମହା ଆଡମ୍ବର ରେ ପାଳନ କରିଥିଲା ବେଳେ ମଣିପୁରୀମାନେ ଏହାକୁ ୟୋଶାଙ୍ଗ ପର୍ବ ଭାବରେ ଛଅ ଦିନ ଧରି ପାଳନ କରିଥାନ୍ତି । ମଣିପୁରରେ ଦୋଳ ପୂର୍ଣ୍ଣମୀ ରାତିରେ ଯୁବକ ଯୁବତୀ ମାନେ ଏକାଠି ହୋଇ ପାରମ୍ପାରିକ ରଙ୍ଗୀନ ପୋଷାକରେ ସଜାଇ ହୋଇ ସେମାନଙ୍କର ଲୋକ ନୃତ୍ୟ ଥୋବାଲ ଚୋଙ୍ଗବାର ଗୀତର ତାଳେ ତାଳେ ନାଚି ଭାଇଚାରାର ସ୍ନେହ ସହାନୁଭୂତି ବାଣ୍ଟି ଥାନ୍ତି । ଉତ୍କଳର ପବିତ୍ର ତୀର୍ଥ ଭୂମି ପୁରୀରେ ରାଧା କୃଷ୍ଣ ମିଳନର ଅନୁପମ ଝଲକ ମଧ ଦେଖିବାକୁ ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୀରଣ୍ୟକଶ୍ୟପୁର ଭଉଣୀ ହୋଲିକା ଭକ୍ତ ପ୍ରହଲ୍ଲାଦଙ୍କୁ ଅନଳ ଭିତରେ ମାରିବା ପାଇଁ ଚେଷ୍ଟା କରି ନିଜେ ସେହି ନିଆଁରେ ଦହନ ହୋଇ ଯାଇଥିଲା । ଭକ୍ତି ଦ୍ୱାରା ଭକ୍ତ ପ୍ରହଲ୍ଲାଦ ଭଗବାନଙ୍କୁ ପ୍ରୀତିରେ ବାନ୍ଧି ଦେଇ ହିଂସା କଲୁଷକୁ ମନରୁ ଦୂର କରି ହୋଲିକା ତଥା ନିଜ ପିତା ହୀରଣ୍ୟକଶ୍ୟପୁକୁ ଧର୍ମର ବିଜୟତା ଦେଖାଇ ଦେଇଥିଲେ । ସେଥିଲାଗି ଏହି ପର୍ବର ପୂର୍ବ ଦିନ ଅନେକ ସ୍ଥାନରେ ହୋଲିର ଦହନ କରାଯାଏ । ମହାନ୍ ହିନ୍ଦୁ ପର୍ବଟି କେବଳ ଭାରତ ବର୍ଷରେ ସୀମିତ ନ ରହି ଏସିଆ ମହାଦେଶର ଅନେକାଂଶରେ ଦେଖିବାକୁ ମିଳୁଛି । ନେପାଳବାସୀମାନେ ମଧ ଏହି ପର୍ବକୁ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ଭାରତ ଏକ ବିଶାଳ ସାମ୍ରାଜ୍ୟର ଭାଇଚାରା ଭୂମି । ଏଠି ସବୁ ଜାତି ସବୁ ଧର୍ମର ଲୋକ ବସବାସ କରନ୍ତି । ଆଜି କାଲି ହୋଲି ପର୍ବକୁ ସବୁ ଜାତି ସବୁ ଧର୍ମର ଲୋକ ସମ୍ମାନର ସହିତ ପାଳନ କଲେଣି । ମଣିଷ ସମାଜକୁ ପ୍ରଥା, ପରମ୍ପରା, ସଂସ୍କୃତି, ତାର ପର୍ବ ପର୍ବାଣୀ ଏକାଠି ବାନ୍ଧି ରଖେ ଯାହା ଦ୍ୱାରା ଆତ୍ମିୟତା , ଜାତି ପ୍ରେମ , ଦେଶ ଭକ୍ତି ସୃଷ୍ଟି ହୋଇଥାଏ । ଏହା ଛୋଟିଆ ଗ୍ରାମ, ବସ୍ତିର ମୂଳ ସୋପାନରୁ ଅଗ୍ରଗତି ହୋଇ ଦେଶ, ପୁଣି ଦେଶରୁ ବିଦେଶକୁ ଓ ସାରା ପୃଥିବୀକୁ ଏକତାର ସୁତ୍ରରେ ବାନ୍ଧି ଦେଇ ସାରା ବିଶ୍ୱକୁ ମହାନ ପୁରୁଷ ବିବେକାନନ୍ଦଙ୍କର ବାଣୀ ବସୁଧୈବେ କୁଟୁମ୍ବକମ୍ର ପରିଚୟ ଦେଇଥାଏ ।

ହୋଲି ଆମ ପରମ୍ପରା ଆମ ସଂସ୍କୃତି ଭାଇଚାରାର ଏ ସୁନ୍ଦର ପର୍ବ । କରୋନାର ମହାମାରୀ ବର୍ତ୍ତମାନ ସାରା ବିଶ୍ୱକୁ ତାର ବଳୟ ଭିତରେ ରଖି ମଣିଷ ସମାଜ ପ୍ରତି ବହୁତ କ୍ଷତି ଘଟାଇଲାଣି । ସରକାରଙ୍କର ଆଦେଶ ଏ ବର୍ଷର ହୋଲି କେହି ଖେଳିବେ ନାହିଁ । ଜଣେ ଭଲ ନାଗରିକ ହିସାବରେ ସରକାରଙ୍କର ଉଚିତ ପଦକ୍ଷେପ ମାନି ଚଳିବା ଏକ ମହାନ୍ ରାଷ୍ଟ୍ରର ନାଗରିକ ଭାବେ ଆମର ପରମ କର୍ତ୍ତବ୍ୟ । ଆଜିକାଲି ରଙ୍ଗର ଅପ ମିଶ୍ରଣ ମଧ ମାନବ ସମାଜର ସ୍ୱାସ୍ଥ୍ୟ ଉପରେ ଅନେକ କୁ ପ୍ରଭାବ ପକାଉଅଛି । ରଙ୍ଗ ଚର୍ମର ସଂସ୍ପର୍ଶରେ ଆସିଲେ ଅନେକ ପ୍ରକାର ରୋଗର କାରଣ ସୃଷ୍ଟି ହେଉଛି ଯଥା ବିଭିନ୍ନ ପ୍ରକାର ଚର୍ମ ରୋଗ କ୍ୟାନସର୍ ଓ ଚକ୍ଷୁରେ ପଡିଲେ ଚକ୍ଷୁ ନଷ୍ଟ ହୋଇ ଯିବାର ସମ୍ଭାବନା ମଧ ଦେଖାଯାଇପାରେ ।

ତେଣୁ ମୋର ଆପଣମାନଙ୍କୁ ଅନୁରୋଧ ସାମାଜିକ ଦୂରତ୍ୱକୁ ଅବଲମ୍ବନ କରି ରଙ୍ଗ ସହିତ ନ ଖେଳି କେବଳ ପରସ୍ପର ମଧ୍ୟରେ ଭାଇଚାରା ଓ ସ୍ନେହ କୁ ବାଣ୍ଟି ପବିତ୍ର ପାବନ ପର୍ବ ହୋଲିକୁ ସଫଳ କରନ୍ତୁ ।

+ଭାରତୀୟ ସାମରିକ ସେବା
ଝାଡଖଣ୍ଡ ।
ମୋ:୮୩୨୮୯୩୦୫୫୪

## ରଙ୍ଗ ଫଗୁଣ...

ଚିତ୍ତରଞ୍ଜନ ପୃଷ୍ଟି



ସପ୍ତରଙ୍ଗ ନେଇ ଆସିଛି ଧରାକୁ
ପ୍ରୀତିର ପରବ ହୋଲି
ପ୍ରୀତି ଭରିଦେ୍ୱ ସବୁରି ମନରେ
ରଙ୍ଗର ପସରା ମେଲି ।

ଫଗୁଣ ଆସିଛି ନବବଧୂ ସାଜି
ଆଣିଛି ଫଗୁ ଅବିର
ନୀଳ ନାଲି ସଙ୍ଗେ କଳା ହଳଦିଆ
ଆହାକେଡେ ମନୋହର ।

ଫଗୁ ଅବିରରେ ରଞ୍ଜିତ ହେବ
ଆମ ଏଇ ବସୁନ୍ଧରା
ପୁଷ୍ପ ସମ୍ଭାରର ଓଢଣୀକୁ ଟାଣି
ସଜେଇ ହେବ ଏଧରା ।

ଦୋଳ ପୂର୍ଣ୍ଣିମାରେ ଫଗୁ ଖେଳିବାକୁ
ଆସନ୍ତି ରାଧାମଧ୍ୱ
କୋଠ ଭୋଗଖାଇ ଅବିର ଲଗାଇ
ବାଣ୍ଟନ୍ତି ପ୍ରୀତିର ଭାବ ।

ହୋଲି ଅବସରେ ସବୁରି ମନରେ
ହେଉ ଆଶା ଉଜ୍ଜୀବିତ
ହିଂସାଦ୍ୱେଷ ଭୁଲି ମିଳିମିଶି ଆମେ
ଗାଇବା ମୈତ୍ରୀ ସଙ୍ଗୀତ ।

ସ୍ନେହ ବାଣ୍ଟିବାକୁ ଅବତରି ଆସେ
ରଙ୍ଗର ପରବ ହୋଲି
ଭେଦଭାବ ଭୁଲି ଭାଇଚାରା ଜାଗି
ଖେଳିବା ରଙ୍ଗ ରଙ୍ଗୋଲି ।

+ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

## ଫଗୁଣ ଆସିଛି ଫେରି...

ରାହାସ କୁମାର ବେହେରା



ମୁଠା ମୁଠା ଅବିରକୁ ନିଜ ହାତେ ଧରି
ଫଗୁଣ ଆସିଛି ଏବେ ଆମ ଗାଆଁ ଫେରି ।

ମହୁଲିଆ ସକାଳଟା ବାସ୍ନାରେ ବିଭୋର
ଗୋଧୂଳିର ସଞ୍ଜବତୀ ଭରେ ଭକ୍ତି ସ୍ୱର ।

ମଲ୍ଲି ମହକିଣ ବାସେ ଅତର ଅତର
ପଲାଶ ଫୁଲେ ଫୁଲେଇ ପ୍ରକୃତି ସମ୍ଭାର ।

ସୁମଧୁର ବଂଶୀ ସ୍ୱନ ମନ କରେ ଚୋରି
ରାଧା ନାମେ କୃଷ୍ଣ ଧାମେ ଶୁଭେ ହରି ହରି ।

କୋଇଲିର କୁହୁ କୁହୁ ସୁଖଦ ସୁନ୍ଦର
ହଳଦୀ ବସନ୍ତ ଦେଖି ଚିତ୍ତ ହୁଏ ସ୍ଥିର ।

ଆମ୍ବ ବଉଳ ମହକି କଷି ଧରିଲାଣି
ଘରେ ଘରେ ହସ ଖୁସି ଉଛୁଳି ଗଲାଣି ।

ମଦନ ମୋହନ ବିଜେ ଦୋଳ ବିମାନରେ
ଭୋଗ ଖାଆନ୍ତି ବୁଲିଣ ଭକତ ମେଳରେ ।

ଗୋପାଳ ବାଳକେ ଦେଖ ଖେଳନ୍ତି ଲଉଡ଼ି
କଂପିଯାଏ ଗାଁଆ ଦାଣ୍ଡ ମିଳେ ଆତ୍ମ ତୃପ୍ତି ।

ବାଜେ ଢୋଲ,ଖୋଳ,ପଡେ ଆଲଟ ଚାମର
ମେଳଣ ଯାତରା ସାଥେ ନୃତ୍ୟର ଆସର ।

ହୋଲି ରଙ୍ଗେ ଭାଙ୍ଗ ପଣା ଭାତୃତ୍ୱ ବନ୍ଧନ
ଗାଆଁ ପରିବେଶ ଦେଖ ସରଗ ସମାନ ।

+ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ-୭୫୯୦୧୫
ମୋ: ୯୪୩୮୨୧୧୪୩୬୮

## ଆନ୍ଥୋରିୟମ୍



ଏହା ଏକ ଉଚ୍ଚ ବର୍ଗର ଫୁଲ । ଏହି ଅତ୍ୟାଧୁନିକ ଫୁଲ ସାଧାରଣତଃ କଟ୍ ଫ୍ଲାଓ୍ୱାର ଭାବରେ ବ୍ୟବହୃତ ହୁଏ । ଏହା ଇନଡୋର ପ୍ଲାଣ୍ଟ ଭାବରେ ବ୍ୟବହୃତ ହୁଏ । ଏହି ଗଛ ଖୁବ କମ୍ ଖରା ଲୋଡ଼େ । ତେବେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ୭୫ପ୍ରତିଶତ ନେଟ୍ ଲଗାଇ ତାପମାତ୍ରା ରୋକି ହେବ । ଏହି ଗଛକୁ ସକାଳର ସୂର୍ଯ୍ୟକିରଣରେ ଦୁଇ ତିନି ଘଣ୍ଟା ତଥା ଖୋଲା ପବନ ମିଳୁଥିବା ଜାଗାରେ ରଖି ପାରିବେ । ଏପରି ସ୍ଥାନରେ ଗଛ ଭଲ ପଢ଼େ । ଗଛ ଲଗାଇବା ପାଇଁ କୁଣ୍ଡରେ ମୁଖ୍ୟତଃ କୋଇଲା ଓ ଇଟା ଖଣ୍ଡ ବ୍ୟବହୃତ ହୁଏ । ବର୍ଷସାରା ଏହି ଗଛରେ ଫୁଲ ଫୁଟେ । ଗଛ ଲଗାଇବା ବେଳେ ବା ରିପଟିଂ ବେଳେ କୁଣ୍ଡରେ ୫୦ଭାଗ ମାଟି, ୩୦ ଭାଗ ବାଲି, ପତ୍ର ଖତ ବା ଗୋବର ଖତ ୨୦ ଭାଗ ବ୍ୟବହାର କରାଯାଏ । ଗଛ ପାଇଁ ଖାଦ୍ୟ ରୂପେ ବୋନ ମିଲ, ସୋରିଷ ପିଡ଼ିଆ, ବାଦାମ, ନିମସିଲଡ ବ୍ୟବହାର କରିହେବ । ରୋଗ ନିରାକରଣ ପାଇଁ ୨୦ ଦିନରେ ଥରେ ବାଭିଷ୍ଟିନ୍ ସ୍ପ୍ରେ କରା ଯାଇପାରିବ ।

## ଅଧିକ ପିଆଜ ଖାଉଛନ୍ତି କି ?: ଜାଣନ୍ତୁ ଏହାର ସାଇଡ ଇଫେକ୍ଟ

ଘରେ ଘରେ ରହିଛି ପିଆଜର ଚାହିଦା । ବିନା ପିଆଜରେ ରୋଷେଇ ପାଇଁ ହାତ ଯାଏନି । ବିଭିନ୍ନ ବ୍ୟଞ୍ଜନର ସ୍ୱାଦ ବଢ଼ାଇ ଦେଇଥାଏ ପିଆଜ । ପୁଣି ଅଧିକାଂଶ ଲୋକ ଏହାକୁ କଞ୍ଚା ଖାଇବା ପାଇଁ ବେଶ୍ ଭଲ ପା'ନ୍ତି । ଦେଶରେ ପ୍ରତିଦିନ କୋଟି କୋଟି ଲୋକେ ପିଆଜର ବହୁଳ ବ୍ୟବହାର କରନ୍ତି । ତେବେ ପିଆଜିର ଯେତିକି ଭଲ ଗୁଣ ରହିଛି ସେତିକି ଖରାପ ଗୁଣ ମଧ୍ୟ ଅଛି । ଅଧିକ ପିଆଜ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ବିପଦ ଡାକି ଆଣିପାରେ । ତେବେ ଅଧିକ ପିଆଜ ଖାଇଲେ କ'ଣ ସବୁ ସାଇଡ ଇଫେକ୍ଟ ବାହାରେ ଆସନ୍ତୁ ଜାଣିବା ।

ପିଆଜରେ ଅଧିକ ମାତ୍ରାରେ ଫାଇଭର ରହିଛି । ଆବଶ୍ୟକତାଠାରୁ ଅଧିକ ଫାଇଭର ଆମ ଶରୀରର ପାଇଁ କ୍ଷତିକାରକ ହୋଇପାରେ । ଏହା ଆମ ପାଚନ ଶକ୍ତିକୁ ପ୍ରଭାବିତ କରିପାରେ । ଫଳରେ ଖାଦ୍ୟ ହଜମ ହୋଇପାରେ ନାହିଁ ଏବଂ ପେଟ ଜନିତ ସମସ୍ୟା ଉପୁଜେ । ଅଧିକ ଫାଇବର ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ମଧ୍ୟ ହୋଇପାରେ ।

ଅଧିକାଂଶ ଲୋକ କଞ୍ଚା ପିଆଜ ଖାଇବା ପାଇଁ ପସନ୍ଦ କରନ୍ତି । ଏହାକୁ ସାଲାଡ ରୂପେ ବ୍ୟବହାର କରନ୍ତି । କିନ୍ତୁ ଏଭଳି ଖାଇବା ଦ୍ୱାରା ପିଆଜକୁ ହଜମ କରିବା କଷ୍ଟକର ହୁଏ । ଫଳରେ ଆସିଡିଟି ଏବଂ ଛାତି ଜଳାପୋଡା ଭଳି ସମସ୍ୟା ସୃଷ୍ଟି ହୋଇପାରେ । ତେଣୁ ଆସିଡିଟି ଗ୍ୟାସ ସମସ୍ୟା ଥିବା ଲୋକେ କଞ୍ଚା ପିଆଜ କମ୍ ମାତ୍ରାରେ ଖାଇବା ଉଚିତ ।



# ‘ଚନ୍ଦ୍ରଭାଗା’, ‘କଳାକାର’, ‘ନାଚ୍’ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ୧୦୬ତମ ଜୟନ୍ତୀ ଓ ବିଶ୍ୱନାଟ୍ୟ ଦିବସ : ୨୦୨୧ ପାଳନ



ବାଲେଶ୍ୱର,୩୦।୩ (ନି.ପ୍ର): ‘ମାଟିବିନା ଗଛର ସ୍ଥିତି ଯେପରି ଅସମ୍ଭବ, ମୂଳବିନା ଗଛର ଶାଖା ପ୍ରଶାଖା ବି କେବେ ସଂଭବ ନୁହେଁ’ ବୋଲି ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ୧୦୬ତମ ଜୟନ୍ତୀ ତଥା ବିଶ୍ୱ ନାଟ୍ୟ ଦିବସ ୨୦୨୧ ପାଳନ ଅବସରରେ ମୁଖ୍ୟଅତିଥି ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ ନିଜ ବକ୍ତବ୍ୟରେ ଆଦର୍ଶ ପୁଣ୍ୟାତ୍ମା ପୂର୍ଣ୍ଣଚନ୍ଦ୍ରଙ୍କୁ ମନେପକାଇ ବର୍ତ୍ତମାନର ପିଢ଼ିମାନଙ୍କୁ ପୂଜ୍ୟପୂଜାର ମହତ୍ୱ ଉପରେ ଗଂଭୀର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଉତ୍ସବ ‘ଚନ୍ଦ୍ରଭାଗା’, ‘କଳାକାର’ ତଥା ‘ନାଚ୍’ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ‘ଏକତ୍ର ବାଲେଶ୍ୱର’ ଶୀର୍ଷକ ନାମକରଣରେ ଆୟୋଜନ କରାଯାଇଥିଲା ଏବଂ ଫକୀରମୋହନ ସାହିତ୍ୟ ପରିଷଦର ସଂପାଦକ ଡ. କୁମାର ଗୋପାଳଙ୍କ ପୌରୋହିତ୍ୟରେ ୯୩ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବ୍ରଜକିଶୋର ରାଉତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ‘ଚନ୍ଦ୍ରଭାଗା’ର ବର୍ଷୀୟାନ୍ ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ, ଡକ୍ଟର ଭାଗବତ ପାଣିଗ୍ରାହୀ, ‘ରେବତୀ’ ସଂପାଦିକା ସୁବାସିନୀ ଜେନା ଉପସ୍ଥିତ ରହି ପୂର୍ଣ୍ଣଚନ୍ଦ୍ରଙ୍କ ଜୀବନାଲୋକର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବିଶ୍ୱନାଟ୍ୟ ଦିବସ ପାଳନ ଅବସରରେ ‘କଳାକାର’ର ପ୍ରତିଷ୍ଠାତା ସୁରଂଜନ ଦାସମହାପାତ୍ରଙ୍କ ପୌରୋହିତ୍ୟ ଏବଂ ଅଧ୍ୟାପକ ସୌମ୍ୟରଂଜନ ପ୍ରଧାନଙ୍କ ଆବାହନରେ ‘ଶୁଭ୍ରାବରଣୀ’ର ଡକ୍ଟର ପ୍ରଦୀପ ଭୌମିକ, ‘ହୀରାଲାଲ୍ ଯାଦୁରତ୍ନ ନାଟ୍ୟ ପରିଷଦ’ର ଇଂ. ଚିନ୍ମୟ ରକ୍ଷିତ୍, ‘ଶୋଭା’ର ରାମଚନ୍ଦ୍ର ମହାପାତ୍ର, ‘ପରିଚୟ’ର ପ୍ରଦୀପ ମିଶ୍ର, ‘ରେମୁଣା ସାହିତ୍ୟ ପରିଷଦର’ର ଡକ୍ଟର ଭାଗବତ ପ୍ରସାଦ ଦାସ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିବାବେଳେ ‘ଚନ୍ଦ୍ରଭାଗା’ ତରଫରୁ କବି ଶ୍ରୀଦେବ ବିଶ୍ୱନାଟ୍ୟ ଦିବସର ବାର୍ତ୍ତା ପାଠ କରିଥିଲେ। ଶେଷରେ ‘କଳକାର’ ପ୍ରଯୋଜିତ ଶିଶୁକଳାକାରଙ୍କ ଦ୍ୱାରା ୨ଟି କ୍ଷୁଦ୍ର ନାଟକ ‘ପ୍ରାଇଭେଟ୍ କ୍ଲିନିକ୍’ ଓ ‘ମୀନାର ସ୍ୱପ୍ନ’ ସଫଳତାର ସହ ମଂଚସ୍ଥ କରାଯାଇଥିଲା ଏବଂ ‘ମୁନ୍ କମ୍ୟୁନିକେଶନ୍’ ତରଫରୁ ଅବନୀ ଜେନା ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଦ୍ୱିତୀୟ ଦିବସର ଆକର୍ଷଣ ଥିଲା ‘ମାଟିର ଗୌରବ’ ସମ୍ମାନରେ ସମ୍ମାନିତ ଖ୍ୟାତନାମା ଅଭିନେତା ପ୍ରେମରଂଜନ ପରିଡ଼ା ଏବଂ କବି ଶ୍ରୀଦେବଙ୍କ କବିତାପୁସ୍ତକ ‘ଚାଷବାସ’ର ପାଠକାର୍ପଣ କାର୍ଯ୍ୟକ୍ରମ। ଅଧ୍ୟାପକ ଆର୍ଯ୍ୟବ୍ରତ ଦାସଙ୍କ ସଂଚାଳନ ଏବଂ କବି ପ୍ରଶାଂତ ଦାସଙ୍କ ପୌରୋହିତ୍ୟରେ ସମାଜସେବୀ ନିରଂଜନ ଖୁଂଟିଆ, ଔପନ୍ୟାସିକ-ଗାଳ୍ପିକ ନିବାରଣ ଜେନା, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଶିରିଶ ଚନ୍ଦ୍ର ଜେନା ବରିଷ୍ଠ ସାମ୍ବାଦିକ ତଥା କବି ରଂଜନ ବାଗ, କବି ସିତାଂଶୁ ଲେଙ୍କା, କବି ଉତ୍ପଳ ମହାନ୍ତି, ନାଟ୍ୟକାର ନିର୍ଦ୍ଦେଶକ ସୁଶାନ୍ତ ଦାସ, ‘ଚାଷବାସ’ କବିତା ପୁସ୍ତକ ସମ୍ପର୍କରେ ନିଜନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା-ସମୀକ୍ଷକ-ଗବେଷକ ଡ. ହରିଶ୍ଚନ୍ଦ୍ର ବେହେରା ସମଗ୍ର ପୁସ୍ତକର ପୁଂଖାନୁପୁଂଖ ଅଭିମତ ରଖି ‘ଚାଷବାସ’ରେ ଶ୍ରୀଦେବଙ୍କର ନୂଆଦିଗନ୍ତର ପରିଭାଷା ଉପରେ ଆଲୋକପାତ କରିଥିଲେ। ‘ରଂଗରାଗ’ର ସଂପାଦକ ଓ କବି ପ୍ରଦୀପ୍ତ ମହାନ୍ତି ଅତିଥି ଆବାହନ କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ମିଡ଼ିଆ ସଂଯୋଜିକା ଜ୍ୟୋତିର୍ମୟୀ ଶତପଥି, ନବ-ସାରସ୍ୱତ-ପ୍ରତିଭା ସଂଜୟ ପଣ୍ଡା, ସୁଦିପା ସାହୁ, ରାଜସ୍ମିତା ସାହୁ, ପ୍ରଶାଂତ ମଲ୍ଲିକ, ରାଜେନ୍ଦ୍ର ଗିରି, ସତ୍ୟବ୍ରତ ସେଠୀ ଏବଂ ‘ନାଚ୍’ର ନୃତ୍ୟଗୁରୁ ସେକ୍ ରାଜା, ରୋନାଲିସା ପାଣିଗ୍ରାହୀ ଏବଂ ଅରୁଣାଂଶୁ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ଜଳିଗଲା ଗ୍ରୀନ୍ ମାର୍କେଟ୍ : ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ

ଯାଜପୁର (ଅଭୟ ପତି): ଯାଜପୁର ଜିଲ୍ଲା ବ୍ୟାସନଗର ପୌରାଞ୍ଚଳର ଗ୍ରୀନ୍ ମାର୍କେଟରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଯାହା ଫଳରେ ଦୁଇଟି ପରିବା ଗୋଦାମ ଜଳିଯାଇଛି। ଏହା ସହ ତିନୋଟି ୪ଚକିଆ ଯାନ ସମ୍ପୂର୍ଣ୍ଣ ରୂପେ ଜଳିଗଲା। ଏହି ଅଗ୍ନିକାଣ୍ଡରେ ଗୋଟିଏ ପିକଅପ୍ ଭ୍ୟାନ, ଗୋଟିଏ ଟ୍ରକ୍ ଓ ଗୋଟିଏ ଟ୍ରାକ୍ଟର ଜଳିଯାଇଥିବା ଜଣାପଡିଛି। ରମେଶ ରାଉତ୍ ଓ ବଳରାମ ସାହୁଙ୍କ ଦୁଇଟି ପରିବା ଗୋଦାମ ସମ୍ପୂର୍ଣ୍ଣ ଜଳିଯାଇଛି। ଗୋଦାମରେ ଥିବା କମ୍ପୁଟର, ନଗଦ ଟଙ୍କା, ପନିପରିବା ଓ ଅନ୍ୟାନ୍ୟ ସାଜସରଞ୍ଜାମ ଜଳିପୋଡି ପାଉଁଶ ହୋଇଯାଇଛି। ଯାଜପୁର ରୋଡ୍ ଅଗ୍ନୀସମ ସେବା କେନ୍ଦ୍ରର ୩ଟି ଦମକଳ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନଥିବା ବେଳେ ଦମକଳ ବାହିନୀ ଓ ପୋଲିସ୍ ପ୍ରଶାସନ ଦ୍ୱାରା ଘଟଣାର ତଦନ୍ତ ଜାରି ରହିଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଉଛି।

# ସୀମା ଟପିଲା ପ୍ରଦୂଷଣ: ଆନ୍ଦୋଳନ ପାଇଁ ୫ ପଞ୍ଚାୟତବାସୀ ସଜବାଜ

ରାଜଗାଙ୍ଗପୁର ,୩୦।୩ (ନି.ପ୍ର) : ରାଜଗାଙ୍ଗପୁର ବ୍ଲକ୍‌ର ୫ଟି ପଞ୍ଚାୟତର ଲୋକେ ବାୟୁ ପ୍ରଦୂଷଣରେ ଅତିଷ୍ଠ ହେଲେଣି। ବାୟୁ ପ୍ରଦୂଷଣରେ ବର୍ତ୍ତମାନ ଲାଇଙ୍ଗ, କେଶ୍ରାମାଲ, ଢ଼େଲୁଆ, ପାନପୋଷ, ଚୁର୍ଣ୍ଣିମାଟି, ଝଗରପୁରର ଲୋକେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଯାହାଫଳରେ ଅଂଚଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି। ରାଜଗାଙ୍ଗପୁର ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ୍ ୱେ’ ପାର୍ଶ୍ୱରେ ୪ଟି ସ୍ପଞ୍ଜ୍ ଆଇରନ କାରଖାନା ରହିଛି। ୪ଟି ଯାକ କେଶ୍ରାମାଲ ଝଗରପୁର ଏବଂ ଲାଇଙ୍ଗ ପଞ୍ଚାୟତରରେ ଦୀର୍ଘ ୨୦-୨୫ବର୍ଷରୁ କାର୍ଯ୍ୟକରୁଛି। ସ୍ପଞ୍ଜ କାରଖାନାରେ ପ୍ରତିଦିନ କଳାଧୂଆଁ ବାହାରିବା ଦ୍ୱାରା ରାସ୍ତାଘାଟ ଏବଂ ଅଂଚଳରେ ବାୟୁ ପ୍ରଦୂଷଣ ମାତ୍ର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ରାଜପଥ ଧାରରେ ଲାଗିଥିବା ଗଛଗୁଡ଼ିକରେ କଳା ଆସ୍ତରଣ ଯୋଗୁଁ ଗଛ ବଢ଼ି ପାରୁ ନଥିବା ପରିଲକ୍ଷିତ ହେଉଛି। ରାଜପଥରୁ କାରଖାନାକୁ ରାସ୍ତାର ଦୃଶ୍ୟକୁ ରାଜ୍ୟ ପ୍ରଦୂଷଣ ଏବଂ ପରିବେଶ ବିଭାଗ କିପରି ଦେଖି ପାରୁନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରଦୂଷଣ ବିଭାଗର ନିୟମ ଅନୁଯାୟୀ କାରଖାନା ଭିତର ଏବଂ ବାହାର ରାସ୍ତାଗୁଡ଼ିକ କଂକ୍ରିଟ୍ ଢ଼ଳେଇ ହେବା ଉଚିତ। ମାତ୍ର ଅଧିକାଂଶ କାରଖାନା ନିୟମକୁ ଖୋଲା ଖୋଲି ଉଲଂଘନ କରିଥିବାରୁ ଅଂଚଳରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଅନ୍ୟ ପକ୍ଷରେ କାରଖାନାରେ ବାୟୁ ପ୍ରଦୂଷଣକୁ ଯାଞ୍ଚ କରିବା ପାଇଁ ଅନ୍‌ଲାଇନ୍ ମନିଟରିଂ ମେସିନ ଖଞ୍ଜା ହୋଇଛି। ତଥାପି କାରଖାନାର ୧୦୦/୨୦୦ ମିଟର ବାୟୁପରିଧିରେ କଳାଗୁଣ୍ଡ ଉଡୁଥିଲେ ମଧ ତାହା କିପରି ଧରା ପଡୁନାହିଁ ବୋଲି ପ୍ରଶ୍ନ ଉଠୁଛି। ରାଜପଥରୁ ମାତ୍ର ୧୦୦ ମିଟରରୁ କମ୍ ଦୂରରେ ଥିବା କାରଖାନାରୁ କଳାଗୁଣ୍ଡ ଆସି ଯାନବାହାନ ଚଳାଚଳରେ ଘୋର ଅସୁବିଧା ଦେଖା ଦେଉଛି।

# ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ପ୍ରଦାନରେ ଶ୍ରମ ବିଭାଗର ଉଦାସୀନତା ବିରୁଦ୍ଧରେ ଖୋର୍ଦ୍ଧା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏପ୍ରିଲ ୬ରେ ଘେରାଉ




ଭୁବନେଶ୍ୱର,୩୦।୩ (ନି.ପ୍ର): ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ସହାୟତା ରାଶି ପ୍ରଦାନରେ ଶ୍ରମବିଭାଗର ଟାଳଟୁଳ ନୀତି ପ୍ରତିବାଦରେ ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି, ଖୋର୍ଦ୍ଧା ଜିଲ୍ଲା କମିଟି ତରଫରୁ ଆସନ୍ତା ଅପ୍ରେଲ ୬ ତାରିଖଠାରୁ ଭୁବନେଶ୍ୱରସ୍ଥ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଅନୁଷ୍ଠିତ ହେବ ବୋଲି ଆଜି ଏ.ଆଇ.ଟି.ୟୁ.ସି. ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଜିଲ୍ଲା ଶ୍ରମ ଅଧିକାରୀଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀମାନଙ୍କୁ ବିଭିନ୍ନ ସମୟରେ ଅବଗତ କରାଯାଇଥିଲେ ମଧ ଏହାର କୌଣସି ପ୍ରତିକାର କରାଯାଉ ନାହିଁ। ଅପର ପକ୍ଷରେ ସମସ୍ତ ବିଧିବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ଖୋର୍ଦ୍ଧା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସର୍ବନିମ୍ନ ସହାୟତା ରାଶି ପ୍ରଦାନରେ ବିଫଳ ହୋଇଛି। କୋଭିଡ୍ ସହାୟତା ରାଶି ଅନୁଦାନ ବହୁ ହିତାଧିକାରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନୁରୂପ ଭାବେ ମୃତ୍ୟୁକାଳୀନ, ଶିକ୍ଷା, ବିବାହ, ପ୍ରସୂତୀକାଳୀନ ଏବଂ ପଞ୍ଜିକରଣ ଆବେଦନ ଫର୍ମ ବର୍ଷବର୍ଷ ଧରି ଶ୍ରମ କାର୍ଯ୍ୟାଳୟରେ ପଡ଼ିରହିଛି। ୨୦୧୩ ମସିହାଠାରୁ ଅନୁମୋଦିତ ହୋଇଥିବା ସହାୟତା ରାଶି ବିଭାଗୀୟ ତୃଟି ଯୋଗୁ ବ୍ୟାଙ୍କ ଜମାଖାତାକୁ ଯାଇନାହିଁ ଏବଂ ବୈଷୟିକ ଶିକ୍ଷା ସହାୟତା ରାଶି ବିଭିନ୍ନ ଆଳ ଦେଖାଇ ପ୍ରଦାନ କରାଯାଉନାହିଁ। ଶ୍ରମ କମିଶନରଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଲେବର କାର୍ଡର ତୃଟି ସଂଶୋଧନ କରାଯାଉନାହିଁ। ଏ ସମ୍ପର୍କରେ ବାରମ୍ବାର ଜିଲ୍ଲା ଶ୍ରମ ଅଧିକାରୀ ଓ ଯୁଗ୍ମ ଶ୍ରମ ଅଧିକାରୀଙ୍କ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ ଏହା ଉପରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ହଜାର ହଜାର ନିର୍ମାଣ ଶ୍ରମିକ ସେମାନଙ୍କର ସର୍ବନିମ୍ନ ସହାୟତା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ଦାବି, ଯଥା - ଆଇନ ଅନୁସାରେ ସହାୟତା ରାଶି ପ୍ରଦାନ, ୨୦୧୩ ମସିହାରୁ ଏପର୍ଯ୍ୟନ୍ତ ଶ୍ରମ ବିଭାଗର ତୃଟି ଯୋଗୁ ଅନୁମୋଦିତ ହୋଇ ବ୍ୟାଙ୍କ ଜମାଖାତାକୁ ଯାଇନଥିବା ସହାୟତା ରାଶି ତୁରନ୍ତ ପ୍ରଦାନ, କୋଭିଡ୍ ସହାୟତା ରାଶି ତୁରନ୍ତ ପ୍ରଦାନ, ଲେବର କାର୍ଡର ତୃଟି ସଂଶୋଧନ, ନୂତନ ପଞ୍ଜିକରଣ, ତାଲିମ ବାବଦରେ ଧାର୍ଯ୍ୟ ଦେୟ ତୁରନ୍ତ ପ୍ରଦାନ, ସହାୟତା ରାଶି ସମ୍ବନ୍ଧୀୟ ଆବେଦନ ଫର୍ମ ଗୁଡ଼ିକୁ କ୍ରମାନ୍ୱୟ ଭିତ୍ତିରେ ପ୍ରଦାନ, ତା ୩୦.୦୫.୨୦୧୯ରିଖ ପୂର୍ବରୁ ପଡ଼ି ରହିଥିବା ଘରୋଇ ବୈଷୟିକ ଶିକ୍ଷା ସହାୟତା ରାଶି ତୁରନ୍ତ ପ୍ରଦାନ ଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ଦାବି କରିବା ସହ ଆଗାମୀ ଅହେରାତ୍ର ଧାରଣାକୁ ସଫଳ କରିବା ନିମନ୍ତେ ଆହ୍ୱାନ ଦିଆଯାଇଛି।

# ବି-ଟେକ୍ ଛାତ୍ରଙ୍କ ଚମକ୍ରାର ଉଦ୍ଭାବନ : ଉଡ଼ାଉଛନ୍ତି ଫାଇଟର ଜେଟ



ନୟାଗଡ଼,୩୦।୩ (ନି.ପ୍ର): ବି-ଟେକ୍ ଛାତ୍ରଙ୍କ ଚମକ୍ରାର ଉଦ୍ଭାବନ। କଣ୍ଟ୍ରୋଲ ଦ୍ୱାପା ଫାଇଟର ଜେଟ ଉଡାଇ ସମସ୍ତଙ୍କୁ କରିଛନ୍ତି ଚକିତ। ଏହା ବ୍ୟତୀତ ଜଳ ଜାହାଜ, ରୋବର୍ଟ ଆଦି ନିର୍ମାଣ କରିଛନ୍ତି । ଜଣେ ସଫଳ ବୈଜ୍ଞାନିକ ହୋଇ DRDOରେ କାମ କରିବା ସେ ଲକ୍ଷ ରଖିଛନ୍ତି। ହେଲେ ଏଥି ପାଇଁ ଅର୍ଥ ସାଜିଛି ବାଧକ। ଆଉ ସେ ହେଉଛନ୍ତି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ରାଜ ସୁନାଖଳାର ଯୁବକ ଅଂଶୁମନ ମିଶ୍ର। ବୟସ ମାତ୍ର ୧୮ ବର୍ଷ। ହେଲେ ଏହି ବୟସରେ ସେ ଉଦ୍ଭାବନ କଲେଣି ଡ୍ରୋନ, ଶୁଦ୍ଧଜାହାଜ ଓ ରୋବୋର୍ଟ ଭଳି ଉପକରଣ। ଆଉ ରିମୋଟ୍ ମାଧମମରେ ସେ ଆକାଶରେ ଡ୍ରୋନ ଉଡାଉଛନ୍ତି। ଅଂଶୁମାନ ବର୍ତ୍ତମାନ ଏକ ଘରୋଇ କଲେଜରେ ବି-ଟେକ ର ପ୍ରଥମ ବର୍ଷର ଛାତ୍ର। ପିଲାଟି ଦିନରୁ ବିଜ୍ଞାନ ମେଳା ପାଇଁ ପ୍ରୋଜେକ୍ଟ ପ୍ରସ୍ତୁତ କରି ବେଶ ପୁରସ୍କାର ପାଇଛନ୍ତି ସେ । ଦୁଇ ଥର ବିଜ୍ଞାନ ମେଳାରେ ନୟାଗଡ଼ ଜିଲ୍ଲାରେ ଟପର ହୋଇଛନ୍ତି। ଭବିଷ୍ୟତରେ DRDOରେ କାମ କରି ଦେଶ ପାଇଁ କିଛି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି ସେ। ହେଲେ ଅଂଶୁମାନଙ୍କ ଏଭଳି ଉଦ୍ଭାବନାରେ ବାଧକ ସାଜିଛି ଅର୍ଥ । ନୂଆ ଯନ୍ତ୍ରପାତି ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଯୋଗାଇ ଦେଲେ ସେ ଅନେକ ଉଦ୍ଭାବନା କରିପାରିବେ ବୋଲି କହିଛନ୍ତି।

# ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ନୀଳକଣ୍ଠ

ଭୁବନେଶ୍ୱର,୩୦।୩ (ନି.ପ୍ର) : ନା ଭଲରେ ଉଠି ବସି ପାରୁଛନ୍ତି ନା ଠିକରେ ଚାଲିପାରୁଛନ୍ତି । ପେଟରେ ଟ୍ୟୁମର ସହ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ କଷ୍ଟ ଓ ଯାତନାରେ ବିତୁଛି ଜୀବନ । ଇଏ ହେଉଛନ୍ତି ଯାଜପୁର ଦାମୋଦରପୁର ମାଟିଆକଣ ଗାଁର ୩୫ ବର୍ଷୀୟ ନୀଳକଣ୍ଠ ପାତ୍ର। ପେଟରେ ଟ୍ୟୁମର ବଢୁଥିବାରୁ ଗତ ୨ ବର୍ଷ ଧରି ଏଭଳି କଷ୍ଟ ଓ ଯାତନାରେ ବିତୁଛି ଜୀବନ। ରୋଜଗାର ବି ଛଡାଇ ନେଇଛି ଏହି ବ୍ୟାଧି। ଫଳରେ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ । ଅପରେସନ ତ ଦୂରର କଥା ଔଷଧ କିଣିବାକୁ ବି ସମ୍ବଳ ନାହିଁ । ବଞ୍ଚିବାକୁ ସାହାଯ୍ୟ ପାଇଁ ଆକୁଳ ନିବେଦନ କରୁଛନ୍ତି ନୀଳକଣ୍ଠ। ଗାଁରୁ ଆସି ପାଇପ ମିସ୍ତ୍ରୀ ଭାବେ ଭୁବନେଶ୍ୱରରେ କାମ କରୁଥିଲେ ନୀଳକଣ୍ଠ। ହେଲେ ରୋଗରେ ଆକ୍ରାନ୍ତ ହେବା ପରଠାରୁ ରୋଜଗାର ନାହିଁ । ଅସହାୟ ଏବଂ ନିରାଶ୍ରୟ ଅବସ୍ଥାରେ କିଛି ଦିନ ବିତିବାପରେ ତାଙ୍କୁ ସହାୟକ ହୋଇଥିଲେ ପୂର୍ବରୁ ପରିଚିତ ଥିବା ରାଧାକାନ୍ତ ବେହେରା ନମକ ଜଣେ ବଦାନ୍ୟ ବ୍ୟକ୍ତି। ନିଜ ପାଖରେ ରଖି ସେବା ଶୁଶ୍ରୁଷା କରୁଛନ୍ତି।

# ସମ୍ପୂର୍ଣ୍ଣ କୋଭିଡ୍ କଟକଣା ଭିତରେ ଆରମ୍ଭ ହେଲା ମା’ ତାରାତାରିଣୀଙ୍କ ଚୈତ୍ର ଯାତ୍ରା

ବ୍ରହ୍ମପୁର,୩୦।୩ (ନି.ପ୍ର): ଆଜି ଚୈତ୍ର ମାସର ପ୍ରଥମ ମଙ୍ଗଳବାର। ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ଆରମ୍ଭ ହୋଇଛି ଚୈତ୍ର ପର୍ବ। ସମ୍ପୂର୍ଣ୍ଣ କୋଭିଡ୍ କଟକଣା ଭିତରେ ମା’ଙ୍କ ଏହି ଯାତ୍ରା ପାଳନ ହେଉଛି। ବୟସ୍କ, ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ନ ଯିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରିଛି । ଗତବର୍ଷ କରୋନାର ପ୍ରକୋପ ଲାଗି ମା ତାରାତାରିଣୀଙ୍କ ଚୈତ୍ର ପର୍ବ ଦୁଇ ପାଳି ପରେ ଆଉ ହୋଇପାରି ନ ଥିଲା। ଭକ୍ତଙ୍କ ବିନା କେବଳ ମାଆଙ୍କ ନୀତିକାନ୍ତି ପାଳିତ ହୋଇଥିଲା। ଚଳିତ ବର୍ଷ ମଧ କୋଭିଡ଼ର ଦ୍ୱିତୀୟ ସଂକ୍ରମଣ ଆରମ୍ଭ ହୋଇ ଯାଇଥିବାବେଳେ ମାଆଙ୍କ ଯାତ୍ରା କୋଭିଡ କଟକଣା ଭିତରେ ପାଳନ ହେଉଛି। ଭୋର ୪ଟା ରେ ମନ୍ଦିର ଖୋଲି ମାଆଙ୍କ ସ୍ୱତନ୍ତ୍ର ନୀତି ପରେ ଦର୍ଶନ ଆରମ୍ଭ ହୋଇଛି। ଭକ୍ତ ବ୍ୟାରିକେଡ଼ରେ ଯାଇ ଦର୍ଶନ କରୁଛନ୍ତି । ଏ ବର୍ଷ ଚୈତ୍ର ମାସରେ ୫ଟି ମଙ୍ଗଳବାର ପଡୁଛି। ମାର୍ଚ୍ଚ ୩୦, ଏପ୍ରିଲ ୬, ୧୩, ୨୦ ଓ ୨୭ତାରିଖରେ ମା ତାରାତାରିଣୀଙ୍କ ଚୈତ୍ର ଯାତ୍ରା ହେବ। ଅନ୍ୟପକ୍ଷରେ ତାରାତାରିଣୀ ମନ୍ଦିର ହିଲ୍ ଟପ୍ ଏବଂ ତଳ ସିଂହଦ୍ୱାର ନିକଟରେ ସମନ୍ୱିତ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ହୋଇଛି। ଉକ୍ତ କଣ୍ଟ୍ରୋଲ ରୁମ୍ରେ ସିସିଟିଭି ସର୍ଭେଲାନ୍ସ ବ୍ୟବସ୍ଥା ହୋଇଥିବା ବେଳେ ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଜୁଳି ଓ ପୁଲିସ ଆଦି ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପରିଚାଳନା କରୁଛନ୍ତି। ମାଆଙ୍କ ମନ୍ଦିର(ହିଲ୍ ଟପ୍)କୁ ଯିବା ଲାଗି ପ୍ରଶାସନ ପକ୍ଷରୁ ୧୦ଟି ବସ୍ ବ୍ୟବସ୍ଥା ହୋଇଛି। ପ୍ରତି ଯାତ୍ରୀ ପିଛା ଟିକେଟ୍ ୬୦ଟଙ୍କା ଧାର୍ଯ୍ୟ ହୋଇଛି। ତାରତାରିଣୀଙ୍କ ଯାତ୍ରା ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ଲାଗି ପ୍ରଶାସନ ସମସ୍ତ ପଦକ୍ଷେପ ନେଇଛି। ବ୍ୟାପକ ପୁଲିସ ବନ୍ଦୋବସ୍ତ ସାଙ୍ଗକୁ ବରିଷ୍ଠ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ତାରତାରିଣୀଙ୍କ ଏହି ଯାତ୍ରାରେ ୧୦ଜଣ ନିର୍ବାହୀ ମାଜିଷ୍ଟ୍ରେଟ୍ ଓ ୬ଜଣ ସୁପରଭାଇଜର ଅଫିସରଙ୍କୁ ମୁତୟନ କରାଯାଇଛି।

# ରାଉରକେଲା : ଅସାମାଜିକଙ୍କ ଆଡ୍ଡା ପାଲଟିଛି ଅବ୍ୟବହୃତ କ୍ୱାର୍ଟର୍ସ

ରାଉରକେଲା ,୩୦।୩ (ନି.ପ୍ର): ଆରଏସ୍‌ପି କର୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁଁ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ଘଟୁଛି। ଢ଼ିଲା ନୀତି ଯୋଗୁଁ ସେକ୍ଟର ଅଞ୍ଚଳରେ ଯାବତୀୟ ସମସ୍ୟା ପରିଲକ୍ଷିତ ହେଉଛି। ତେବେ ସର୍ବାଧିକ ସମସ୍ୟା ଦେଖାଦେଉଛି ସେକ୍ଟର ଅଞ୍ଚଳରେ ଥିବା କ୍ୱାର୍ଟର୍ସକୁ ନେଇ। ଘରଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ, ନିୟମିତ ବ୍ୟବଧାନରେ ମରାମତି କରାନଯିବା ସମସ୍ତଙ୍କୁ ଚକିତ କରିଛି। ବାସଗୃହ ସଂପର୍କୀତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, କର୍ମଚାରୀଙ୍କୁ କ୍ୱାର୍ଟର୍ସ ପ୍ରଦାନ କରାଯାଉଥିବା ଘରଗୁଡ଼ିକୁ ଅନ୍ୟ ଲୋକଙ୍କୁ ଭଡ଼ାରେ ଲଗାଇବା। ଏହାଦ୍ୱାରା ଆରଏସ୍‌ପି କ୍ୱାର୍ଟରରେ ଅସାମାଜିକ କାର୍ଯ୍ୟକଳାପ ଆଶାତୀତ ବୃଦ୍ଧି ପାଇଛି। ଆରଏସ୍‌ପିରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏହି କ୍ୱାର୍ଟର୍ସ ପ୍ରଦାନ କରାଯାଇଥାଏ। ମାତ୍ର ଭିନ୍ନ ଭିନ୍ନ କାରଣରୁ ବହୁ କର୍ମଚାରୀ ନିଜ ନାଁରେ ମଞ୍ଜୁର ହୋଇଥିବା କ୍ୱାର୍ଟରରେ ନ ରହି ଏହାକୁ ଉଚ୍ଚ ଦରରେ ଭଡ଼ାରେ ଲଗାଇଥାନ୍ତି। ମୋଟା ଅଙ୍କରେ ପ୍ରାୟ ୩/୫ ବର୍ଷ ପାଇଁ ଚୁକ୍ତିକରି ଘର ଭଡ଼ା ଦେଇଥାନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ କ୍ୱାର୍ଟର ଉପରେ ଆଉ ନଜର ରଖୁନାହାନ୍ତି। ଫଳରେ ଅସାଧୁ ବ୍ୟକ୍ତି ନିଜର ମନମର୍ଜି ଅନୈତିକ କାର୍ଯ୍ୟ, ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଏମିତିକି ଘର ମରାମତି ଦାୟିତ୍ୱରେ ଥିବା ଠିକାଦାରମାନେ ଅନୈତିକଭାବେ ଘରକୁ କବ୍‌ଜା କରି ଅସ୍ଥାୟୀଭାବେ ଭଡ଼ାରେ ଲଗାଉଛନ୍ତି। ଆରଏସ୍‌ପି କର୍ତୃପକ୍ଷଙ୍କ ସ୍ପଷ୍ଟ ନୀତିର ଅଭାବ ଯୋଗୁଁ ଏଭଳି ଚଞ୍ଚକତା ବୃଦ୍ଧି ପାଇବାସହ ଅସାମାଜିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି। ବିଗତ ଦିନରେ ଏହି କ୍ୱାର୍ଟରଗୁଡ଼ିକରୁ ନାବାଳ ଉଦ୍ଧାର ହେବା, ଦେହ ବ୍ୟବସାୟ, ବାଣ ଗୋଦାମ, ବିୟୁଟି ପାର୍ଲର ଥିବା ନଜରକୁ ଆସିଥିଲା। କିନ୍ତୁ କର୍ତୃପକ୍ଷ ପୁରୁଣା ଭୁଲ୍‌କୁ ସୁଧାରିବା ପରିବର୍ତ୍ତେ ଏହାର ପୁନରାବୃତ୍ତି କରିଚାଲିଛନ୍ତି। ଏ ଦିଗରେ କର୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି। ଗୋଟିଏପଟେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଘର ଯୋଗାଇବାରେ ଯାବତୀୟ କଟକଣା କରାଯାଉଥିବାବେଳେ ସବ୍‌ଲେଟିଂ ପ୍ରଥାକୁ ରୋକିବାକୁ କିନ୍ତୁ କର୍ତୃପକ୍ଷ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି, ଏଥିରେ ଦ୍ୱିମତ ନାହିଁ।

# ତ୍ରିଦିବସୀୟ ଆୟୁର୍ବେଦ ପର୍ବ ଉଦ୍‌ଯାପିତ



ଭୁବନେଶ୍ୱର,୩୦।୩ (ନି.ପ୍ର): ତିନିଦିନବ୍ୟାପୀ ଚାଲିଥିବା ରାଜ୍ୟସ୍ତରୀୟ ଆୟୁର୍ବେଦ ପର୍ବ ଉଦ୍‌ଯାପିତ ହୋଇଯାଇଛି। ବିନୋବା ସେବା ପ୍ରତିଷ୍ଠାନ, ଭୁବନେଶ୍ୱର ଓ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଡ଼ାକ୍ତର ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଆୟୁର୍ବେଦକୁ ଜୀବନର ମୂଳ ବିଜ୍ଞାନ କହିବା ସହିତ ଏହାର ପ୍ରଚାର ଓ ପ୍ରସାରରେ ସମସ୍ତେ ଅଂଶଗ୍ରହଣ କରିବା ଓ ମିଳିତ ଭାବରେ ଏହାର ସୁରକ୍ଷିତ ଭବିଷ୍ୟତ ପାଇଁ ଆମକୁ ଆମର ପାରମ୍ପରିକ ଚିକିତ୍ସାର ବିକାଶ କରିବାକୁ ପଡ଼ିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଭୁବନେଶ୍ୱର ମଧ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଯୋଗଦେଇ ପାରମ୍ପରିକ ଚିକିତ୍ସା ପଦ୍ଧତିର କୌଣସି କୁପ୍ରଭାବ ନଥିବା କହିବା ସହିତ ଏହା ରୋଗକୁ ମୂଳରୁ ସମାପ୍ତ କରିବା ଏବଂ କରୋନା ମହାମାରୀ ସମୟରେ ଏହି ଚିକିତ୍ସା ପଦ୍ଧତି ସବୁଠି ଫଳପ୍ରଦ ହୋଇଥିବା କହିଥିଲେ। ଡ଼ାକ୍ତର ମାନସ ଷଡ଼ଙ୍ଗୀ, ରିସର୍ଚ୍ଚ ଅଫିସର ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର କାର୍ଯ୍ୟକ୍ରମରେ ଯୋଗଦେଇ ଏହି ପର୍ବର ଆଭିମୁଖ୍ୟ ବିଷୟରେ କହିବା ସହିତ ସରକାରଙ୍କ ଏହି ପ୍ରୟାସ ମାଧ୍ୟମରେ ଆୟୁଷ ଚିକିତ୍ସା ପଦ୍ଧତି ତୃଣମୂଳସ୍ତରକୁ ପହଞ୍ଚି ପାରିଥିବା କହିଥିଲେ। ଡ଼ାକ୍ତର ଏମ୍.ଏମ୍. ରାଓ, ଡ଼ାଇରେକ୍ଟର କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଯୋଗଦେଇ ଏହା ଉପରେ ଆହୁରି ଗବେଷଣା ହେବା ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପୌରହିତ୍ୟ କରି ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ଶ୍ରୀ ମନୋଜ ଜେନା ସ୍ୱାଗତ ଭାଷଣ ଦେଇ କରୋନା ମହାମାରୀ ସମୟରେ ବିକଶିତ ଦେଶ ରୋଗ ସହିତ ଲଢୁଥିବା ବେଳେ ଆମର ପାରମ୍ପରିକ ଚିକିତ୍ସା ପଦ୍ଧତି ମହାମାରୀ ବ୍ୟାପୀବାକୁ ପ୍ରତିହତ ସହିତ ଆମର ସୁରକ୍ଷା କରିପାରିଥିବା କହିଥିଲେ। ଡ଼ାକ୍ତର ମାନସ ଷଡ଼ଙ୍ଗୀ, ଡ଼ାକ୍ତର ଏମ୍.ଏମ୍. ରାଓ ସମସ୍ତଙ୍କୁ ସରକାରଙ୍କ ଏହି ପ୍ରୟାସର ସୁଯୋଗ ନେବାକୁ କହିଥିଲେ। ତିନିଦିନ ଧରି ଚାଲିଥିବା ଏହି ଅଧିବେଶନଗୁଡ଼ିକୁ ଡ଼ାକ୍ତର ଅଶୋକ ପଣ୍ଡା, ଡ଼ାକ୍ତର ପୂର୍ଣ୍ଣେନ୍ଦୁ ପଣ୍ଡା, ଡ଼ାକ୍ତର କେ.କେ.ରଥ, ଡ଼ାକ୍ତର ବନମାଳୀ ଦାସ, ଡ଼ାକ୍ତର ସୁସ୍ମିତା ପି ଓତା, ଡ଼ାକ୍ତର କ୍ରୀଷ୍ଣା ରାଓ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ରାଜ୍ୟର ସୁନାମଧନ୍ୟ ବୈଦ୍ୟରାଜ ଶ୍ରୀ ପ୍ରିୟବ୍ରତ ସାହୁ, ଶ୍ରୀ କୈଳାଶ ଚନ୍ଦ୍ର ପାଢୀ, ପ୍ରସନ୍ନ କୁମାର ଦାସ, ଶ୍ରୀ ଅରୁଣ କୁମାର ରାୟ, ଶ୍ରୀ ରଶ୍ମୀରଞ୍ଜନ ନାୟକ, ଶ୍ରୀ କାର୍ତ୍ତିକେୟ ଜେନା, ଶ୍ରୀ ପ୍ରଶାନ୍ତ କୁମାର ପ୍ରଧାନ, ଶ୍ରୀ ଭାରତ ପ୍ରଧାନ, ଶ୍ରୀ ସତ୍ୟବାନ ନାୟକ ଓ ଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୫୦ରୁ ଉର୍ଦ୍ଧ୍ୱ ଡ଼ାକ୍ତର, ଗବେଷକ, ବୈଦ୍ୟ, ବୁଦ୍ଧିଜୀବୀ, ବକ୍ତା, ସାଧାରଣ ଲୋକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କର ଆୟୁର୍ବେଦ, ହୋମିଓପ୍ୟାଥି, ସିଦ୍ଧ, ୟୁନାନୀ ଓ ଯୋଗ ବିଭାଗ ଦ୍ୱାରା ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୫୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ଶ୍ରୀ ମନୋଜ ଜେନା, ସଂଯୋଜକ ଶ୍ରୀ ରମେଶ ଭାରତୀ, ରଘୁନାଥ ମଣ୍ଡଳ, ସୁଶ୍ରୀ ଶୁଭଶ୍ରୀ ମହାପାତ୍ର, ସୁଶ୍ରୀ ସ୍ମୃତିରେଖା ନାୟକ, ଶ୍ରୀ ବିକାଶ ସାହୁ, ଶ୍ରୀ ଜୀବନ ସାହୁ, ଶ୍ରୀ ଦେବାଶିଷ ମହାପାତ୍ର, ସୁଶ୍ରୀ ସୌଦାମିନୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ପୀତାମ୍ବରଙ୍କର ପରଲୋକ



ଖଇରା,୩୦/୩(ନିପ୍ର)ଖଇରା ବ୍ଲକର ଜଣେ ବିଶିଷ୍ଟ ସମାଜ ସେବୀ,ପୂର୍ବତନ ବିଧାୟକ ପ୍ରାର୍ଥୀ,ଭଦ୍ରକ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି, ଶୋଷ କଲେଜର ପୂର୍ବତନ ଅଧ୍ୟକ୍ଷ,ସାବାସ ବିଜୁ ଚଳଚିତ୍ରର ଅଭିନେତା ତଥା ସାମ୍ବାଦିକ ପିତାମ୍ବର ମହାପାତ୍ର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳ ବାସୀ ସହିତ ଜଣା ଶୁଣା ବ୍ୟକ୍ତିଙ୍କ ମହଲରେ ଦୁଃଖର ଛାୟା ଖେଳିଯାଇଛି। କରଞ୍ଜପଦା ଗାଁ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ତ୍ୟାଗପୁତ ଜୀବନର ବହୁତ ପ୍ରମାଣ ଉଦାହରଣ ସ୍ୱରୂପ ରହିଯାଇଛି। ବାମକା ନାମରେ ସ୍ୱେଚ୍ଛାସେବୀ ସଂଗଠନ ଗଢି ୮୦ ଓ ୯୦ ଦଶକରେ ଖଇରା ଅଞ୍ଚଳର ବହୁ ଜନହିତକର କାର୍ଯ୍ୟ କରିଥିଲେ। ତାଙ୍କ ଏକ ମାତ୍ର ପୁତ୍ର ଗଣେଶ ମହାପାତ୍ର ବର୍ତ୍ତମାନ ବିଜୁ ଯୁବ ଜନତାଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେରେ ଦାୟିତ୍ୱ ନିର୍ବାହ କରୁଛନ୍ତି ।ତାଙ୍କର ମୃତ୍ୟୁରେ ସଂସ୍କୃତି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ,ଡୁଙ୍ଗୁରା ପଂଚାୟତର ବିଜେଡି ପଂଚାୟତ ସଭାପତି ନିରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ ।

# ଉତ୍କର୍ଷ ବିଦ୍ୟାଳୟ ପାଇଁ ନାରାୟଣପୁର କୀର୍ତ୍ତୀଚନ୍ଦ୍ର ଉଚ୍ଚବିଦ୍ୟାଳୟ ମନୋନୀତ



ବାଲିଆପାଳ,୩୦/୦୩ (ନି.ପ୍ର): ବାଲିଆପାଳ ବ୍ଲକର ନାରାୟଣପୁର କୀର୍ତ୍ତିଚନ୍ଦ୍ର ଉଚ୍ଚବିଦ୍ୟାଳୟକୁ ଉତ୍କର୍ଷ ବିଦ୍ୟାଳୟ (ସେଣ୍ଟର ଅଫ ଏକ୍ସିଲେନ୍ସି ସ୍କୁଲ) ପାଇଁ ମନୋନୀତ କରାଯାଇଛି ।ସମଗ୍ର ବାଲେଶ୍ୱର ଜିଲ୍ଲାରେ ୨୪ଟି ହାଇସ୍କୁଲ ମନୋନୀତ ହୋଇଥିଲା ବେଳେ ବାଲିଆପାଳ ବ୍ଲକରେ ଏକମାତ୍ର ଏହି ବିଦ୍ୟାଳୟକୁ ମନୋନୀତ କରାଯାଇଛି ।ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ବୈଠକରେ ପ୍ରଧାନଶିକ୍ଷକ କାହ୍ନୁଚରଣ ଗିରି ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ବିଜନ କୁମାର ନାୟକ, ବିଡିଓ ଲଳିତମୋହନ ସୋରେଙ୍ଗ, ବିଆରସିସି ଦୁଃଖିଶ୍ୟାମ ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ ଧିରେନ୍ଦ୍ରନାଥ ହାଜିରା,ଝାଡେଶ୍ୱର ପ୍ରଦାନ, ସରପଞ୍ଚ ପରମାନନ୍ଦ ବାଡି, ସମିତିସଦସ୍ୟ ସନ୍ତୋଷ କୁମାର ଗିରି, ଓ୍ୱାର୍ଡ ସଦସ୍ୟା ଅନିତା ପଣ୍ଡା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଜ୍ଞାନଗାର, ପାଠାଗାର, ରୋଷେଇଘର, ଭୋଜନ ପ୍ରକୋଷ୍ଠ, ସ୍ଥାୟୀ ପାଚେରୀ, ଖେଳପଡିଆ,ସ୍କୁଲ ପରିସରରେ ସୌର ଆଲୋକ,ଅତିରିକ୍ତ ଶ୍ରେଣୀ ଗୃହ, ଶିକ୍ଷକ ଛାତ୍ର ଚାତ୍ରୀ ମାନଙ୍କ ପାଇଁ ପୃଥକ ଶୋଚାଳୟ,ବିଶୁଦ୍ଧ ପାନୀୟ ଜଳ ଯୋଗାଣ,ରିସୋର୍ସ ପ୍ରକୋଷ୍ଠ, ଆସବା ପତ୍ର ତଥା ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଆସିଥିବା ପ୍ରସ୍ତାବ ଉପରେ କମିଟି ବୈଠକରେ ଆଲୋଚନା କରାଯାଇ ପାରିତ କରାଯାଇଥିଲା । ରାଜ୍ୟ ସରକାରଙ୍କର ୫ଟି ଯୋଜନାରେ ବିଧାୟକ ପାଣ୍ଠି,ବ୍ଲକ ପାଣ୍ଠି ରୁ ଏହିସବୁ ଉନ୍ନୟନ କାର୍ଯ୍ୟ କରାଯିବା ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ଦାସ,ଅମୂଲ୍ୟ ବେହେରା,ଗିରିଧାରୀ ପଢିଆରୀ, ବିଦ୍ୟାଧର ପରିଡା, ଅଭିମନ୍ୟୁ ଦାସ, ପିତବାସ ଗିରି,ଗୌରହରି ଜେନା, ପରମାନନ୍ଦ ପାଣିଗ୍ରାହୀ, ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା,ଶିକ୍ଷକ ଶିକ୍ଷୟତ୍ରୀ ସମେତ ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ସହକାରୀ ଶିକ୍ଷକ ରମାନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ନବନିଯୁକ୍ତ ନିୟମିତ ପ୍ରାଥମିକ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିଆପାଳ,୩୦/୦୩ (ନି.ପ୍ର): ବାଲିଆପାଳ ବ୍ଲକ ପ୍ରାଥମିକ ଶିକ୍ଷକସଂଘ ଏନପିଏସ ତର'ରୁ ଆଜି ନବନିଯୁକ୍ତ ୫୬ ଜଣ ନିୟମିତ ପ୍ରାଥମିକ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।ଏନେଇ ଆଜି କଟୁଆପଡାସ୍ଥିତ ଗୁରୁକୁଳ ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସଭାପତି ପୂର୍ଣ୍ଣେନ୍ଦୁ ଦାସ ସଭାପତିତ୍ୱ କରିଥିଲେ । ଅତିଥି ଭାବରେ ସମନ୍ୱୟ ସମିତିର ସଭାପତି ମନ୍ମଥ ବିଶ୍ୱାଳ ,ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଭାତ ରଞ୍ଜନ ସାହୁ, ସଂପାଦକ ଆଦିତ୍ୟ କୁମାର ରାଉତ,ନିମ୍ନମ୍ମାମିକ ଶିକ୍ଷକ ସଂଘର ସାଧାରଣ ସଂପାଦକ ବିଶ୍ୱମ୍ବର ପାତ୍ର, ଏନପିଏସ ସଂଘର ସାଧାରଣ ସଂପାଦକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରପ୍ତ ଶିକ୍ଷକ ନିତାଇ ଚରଣ ରାଉଳ, ଶିକ୍ଷକ ନେତା ସୁଶାନ୍ତ କର,ଧନଞ୍ଜୟ ଦେ, ବ୍ୟୋମକେଶ ସାହୁ, ମନୋରଞ୍ଜନ ପ୍ରଧାନ, ନିହାର ରଞ୍ଜନ ଜେନା, ରଘୁନାଥ ଗଙ୍ଗାଇ, ସୁରଥ ପ୍ରମାଣିକ ପ୍ରମୁଖ ଯୋଗଦେଇ ଶିକ୍ଷକ ମାନଙ୍କର ସମସ୍ୟା ସରକାରଙ୍କ ପାଖରେ ପହଂଚାଇବା ପାଇଁ ସଂଘର ପ୍ରମୁଖ ଭୂମିକା ଥିବା ନେଇ ମତ ରଖିଥିଲେ ।ସଂଘର ସହସଂପାଦକ ଦୀପକ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସାଂଗଠନିକ ସଂପାଦକ ସୁଶାନ୍ତ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଲତଳକୁ ଖସିପଡି ଯୁବକ ମୃତ



ବାଲିଆପାଳ,୩୦/୦୩ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ନୟାବାଲି -ଜାମକୁଣ୍ଡା ମୁଖ୍ୟ ରାସ୍ତାରେ ଥିବା ଏକ ପୋଲ ତଳୁ ସୋମବାର ଜନୈକ ଯୁବକର ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣଙ୍କ ହେଲେ ଇକଡପାଳ ଗ୍ରାମର ଅଶୋକ ଶାହା (୪୫) । ତେବେ ଅଶୋକ ବୀଳମ୍ବିତ ରାତ୍ରୀରେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଅସାବଧନତା ବସତଃ ତଳକୁ ଖସିପଡିବା ପରେ ପାଣିରେ ଚେତାଶୂନ୍ୟ ହୋଇ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି । ସକାଳେ ରାସ୍ତାରେ ଯାଉଥିବା ଲୋକେ ପୋଲ ତଳେ ମୃତଦେହପଡିଥିବା ଦେଖିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ଭିଡ ଜମାଇଥିଲେ ।ମୃତ ଅଶୋକଙ୍କ ପରିବାର ଲୋକେ ମ୍ଭ ଘଟଣା ସ୍ଥଳରେ ପହଂଚବା ପରେ ସେଠାରେ ଶୋକାକୂଳ ପରିବେଶ ଶୃଷ୍ଟି ହୋଇଥିଲା । ଖବର ପାଇ ବାଲିଆପାଳ ବାଲିଆପାଳ ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବ ଛେଦ ପାଇଁ ପଠାଇଥିଲେ ।ଏନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ଦୋଳ ମେଳଣ ଅନୁଷ୍ଠିତ

ଖଇରା,୩୦/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ଅନ୍ୟତମ ପ୍ରସିଦ୍ଧ ପତିରାଜ ପୁର ଦୋଳ ମିଳନ ଅନୁଷ୍ଠିତ ହୋଇଯାଇଛି । ଗତ ରବିବାର ରାତ୍ରିରେ ଠାକୁରଙ୍କୁ ବିମାନରେ ଭକ୍ତ ମାନେ ସରକାରଙ୍କ କୋଭିଡ କଟକଣା ମାନି ମିଳନ ସ୍ଥଳକୁ ଆଣିଥିଲେ । ଏଥିରେ ଭଜନ କିର୍ତ୍ତନ ଦ୍ୱାରା ଆସି ବେଢାରେ ପହଁଚି ଥିଲେ । ୬୯ ଗୋଟି ବିମାନ ଆସିଥିଲା ବେଳେ ନହଙ୍ଗ ପଂଚାୟତର ପ୍ରଭୁ ଗୋବିନ୍ଦ ଜୀୟୁଙ୍କ ନିକଟରେ ଭକ୍ତ ମାନେ ଭୋଗ କରିବା ପାଇଁ ଧାଡିରେ ରହିଥିଲେ । ଅଧିକ ଜନଗହଳି ସହିତ ବାଜା ,ଦୋକାନ ନଖୋଲିବା ପାଇଁ ତହସିଲ ପକ୍ଷରୁ ବ୍ୟାପକ ପ୍ରଚାର ପ୍ରସାର କରାଯାଇଥିଲା । ଯାହାଫଳରେକି ସରକାରଙ୍କ ଏହି ନିୟମକୁ ଦୋଳକମିଟି କାର୍ଯ୍ୟ କରିଥିଲା । ୨ପ୍ଲାଟୁନ ଫୋର୍ସ ସମେତ ସତହିଦାର ପ୍ରଦୀପ କୁମାର ସାହୁ.ଆଇଆଇସି ସୁବ୍ରତ କୁମାର ବେହେରା,ମେଳା କିମିଟିର ସଭାପତିପିତାମ୍ବର ପଟ୍ଟନାୟକ, ସମ୍ପାଦକ ଭରତ ରାଉତ,ବିପିନ ବିହାରୀ ଦାସ, ସମ୍ପଦ ଘଡାଇ,ବଳରାମ ପଣ୍ଡା,ଅକ୍ଷୟ ପ୍ରଧାନଙ୍କ ବିଭିନ୍ନ ଠାକୁର ବାଡିଆ ମାନେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଶେଷ ଦିନରେ ମମତା....

ମମତାଙ୍କ ର୍ଯାଲି ଥିବା ବେଳେ ଦିନ ପ୍ରାୟ ୧୨ଟା ବେଳେ ଥିଲା ଅମିତ ଶାହାଙ୍କ ରୋଡ ସୋ । ଆଉ ଯେତେବେଳେ ମମତାଙ୍କ ର୍ଯାଲି ଅମିତ ଶାହଙ୍କ ରୋଡ ସୋ ସ୍ଥାନ ଦେଇ ଯାଉଥିଲା ସେତେବେଳେ ଜୟଶ୍ରୀରାମର ନାରା ଶୁଣିବାକୁ ମିଳିଥିଲା । ଖଚାଖଚ ସମର୍ଥକଙ୍କ ଭିଡରେ ନନ୍ଦିଗ୍ରାମରେ ଅମିତ ଶାହ ରାଲି କରିଛନ୍ତି । ଶୁଭେନ୍ଦୁ ଅଧିକାରୀଙ୍କ ପାଇଁ ଏହି ରୋଡ ସୋ କରି ତାକତ ଦେଖାଇଛନ୍ତି ଶାହ । ଜନସଭାଙ୍କୁ ସମ୍ବୋଧିତ କରି ଅମିତ ଶାହ କହିଛନ୍ତି, ଏଥର ପୁରା ବଙ୍ଗାଳ ପରିବର୍ତ୍ତନ ମୁଡରେ ଅଛି । ଆଉ ଏଥିପାଇଁ ସବୁଠୁ ସହଜ ରାସ୍ତା ହେଲା ନନ୍ଦିଗ୍ରାମରେ ମମତାଙ୍କୁ ହରାଇଦିଅ । ପୁରା ବଙ୍ଗାଳରେ ଆପଣାଛାଏଁ ପରିବର୍ତ୍ତନ ଆସିଯିବ । ଦିନେ ମମତାଙ୍କ ଏକାନ୍ତ ଅନୁଗତ ଥିବା ଶୁଭେନ୍ଦୁ ଅଧିକାରୀଙ୍କୁ ନିଜ ପଟକୁ ଆଣି ସେହି ମମତାଙ୍କ ବିରୋଧରେ ଛିଡା କରିଛି ବିଜେପି । ତେବେ ନିଜ ପାରମ୍ପରିକ ଆସନ ଭବାନୀପୁର ଛାଡି ଏଥର ନନ୍ଦିଗ୍ରାମରେ ମୈଦାନକୁ ଓହ୍ଲାଇଛନ୍ତି ମମତା । ଏପରି ରଣନୀତି ପଛରେ ମମତାଙ୍କ ବିଜେପିକୁ ସିଧାସଳଖ ଚ୍ୟାଲେଞ୍ଜ ଦେବାର ଏକ ଚାଲ ରହିଥିବା କୁହାଯାଉଛି । ସେପଟେ ସୋନାର ବାଂଲା ନାରା ଦେଇ ଏହି ନିର୍ବାଚନୀ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଛି ବିଜେପି । ବିଜେପିର ହେବିଓ୍ୱେଟ ନେତାମାନେ ପ୍ରଚାର ମୈଦାନରେ ସାମିଲ ହୋଇଛନ୍ତି । କେବଳ ମଙ୍ଗଳବାର ହିଁ ଅମିତ ଶାହା ୩ଟି ରୋଡ ସୋ କରି ବିଜେପିକୁ ଜିତ ଦେବା ପାଇଁ ଜୋରଦାର ପ୍ରୟାସ କରିଛନ୍ତି ।

## ଭାରତ ଓ ଆମେରିକା ମଧ୍ୟରେ...

ପ୍ରତିଫଳିତ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ସ୍ୱଚ୍ଛ ଉର୍ଜାର ପ୍ରଚାରପ୍ରସାର କରିବା, କମ ପ୍ରଦୂଷଣଯୁକ୍ତ ମାର୍ଗ ଆପଣାଇବା ଏବଂ ସବୁଜ ଉର୍ଜା ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ କାମ କରିବା ପାଇଁ ଶ୍ରୀ ପ୍ରଧାନ ଏବଂ ଆମେରିକାର ସଚିବ ସହମତି ପ୍ରକାଶ କରିଛନ୍ତି। ସେହିପରି ଅନ୍ୟାନ୍ୟ ପଦକ୍ଷେପ ମଧ୍ୟରେ ସ୍ୱଚ୍ଛ ଉର୍ଜା କ୍ଷେତ୍ର ଯଥା ଜୈବଇନ୍ଧନ, କାର୍ବନ କ୍ୟାପଚର ଆଣ୍ଡ୍ ଷ୍ଟୋରେଜ(ସିସିୟୁଏସ), ହାଇଡ୍ରୋଜେନ ଉତ୍ପାଦନ ଏବଂ କାର୍ବନ ଅଧିଗ୍ରହଣ ଏବଂ ଆଡଭାନ୍ସ କ୍ଲିନ୍ ଏନର୍ଜି ରିସର୍ଚ୍ଚ (ପିଏସିଇ-ଆର)ରେ ମିଳିତ ସହଯୋଗକୁ ପ୍ରାଥମିକତା ଦେବାକୁ ଉଭୟ ମନ୍ତ୍ରୀ ସହମତି ହୋଇଥିଲେ। ଶୀଘ୍ର ଭାରତ-ଆମେରିକାର ରଣନୈତିକ ଉର୍ଜା ସମ୍ପର୍କର ତୃତୀୟ ବୈଠକ ଅନୁଷ୍ଠିତ ହେବା ନେଇ ମଧ୍ୟ ଉଭୟ ପକ୍ଷ ସହମତି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗତ ଫେବୃୟାରୀ ମାସରେ ଜେନିଫର ଗ୍ରାନହୋଲମ ଆମେରିକାର ଉର୍ଜା ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

## ସ୍ୱାଭାବିକ ହେବ ପ୍ରଶାନ୍ତି ବିଶେଷ ....

କେନ୍ଦ୍ରୀୟ ରେଳପଥ ପରିସୀମା ମଧ୍ୟରେ ଦୋନାକୋଣ୍ଡା ଡୋନାକୋଣ୍ଡା-ଗାଜେଲାକୋଣ୍ଡା ଷ୍ଟେସନ୍ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଶାନ୍ତି ବିଶେଷ ଟ୍ରେନ ୨୯ ମାର୍ଚ୍ଚରୁ ୧ ଏପ୍ରିଲ, ୨୦୨୧ ମଧ୍ୟରେ ଗୁଂଟୁର- କାଚେଗୁଡା-ଗୁଡୁର-ରେଣିଗୁଂଟା-ମେଲପାକକମ୍-କାଟପାଡି-ଜୋଲାରପେଟାଇ ହୋଇ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବାପାଇଁ ନିଷ୍ପତି ନିଆଯାଇଥିଲାବେଳେ ଗୁଂଟୁର-ବିଶାଖାପାଟନମ୍-ଗୁଂଟୁର ବିଶେଷ ଟ୍ରେନ କୁ ବାତିଲ କରାଯାଇଥିଲା। ୦୮୪୬୩/୦୮୪୬୪ ଭୁବନେଶ୍ୱର-ବାଙ୍ଗାଲୋର-ଭୁବନେଶ୍ୱର ପ୍ରଶାନ୍ତି ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ୩୦ ମାର୍ଚ୍ଚ, ୨୦୨୧ ଠାରୁ ଏହାର ନିର୍ଦ୍ଧାରିତ ମାର୍ଗରେ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି। ସେହିଭଳି, ୦୭୨୩୯/୦୭୨୪୦ ଗୁଂଟୁର-ବିଶାଖାପାଟନମ୍-ଗୁଂଟୁର ଗୁଂଟୁର ଠାରୁ ଏପ୍ରିଲ ୨ ତାରିଖ ଠାରୁ ଏବଂ ବିଶାଖାପାଟଣାରୁ ୩ ଏପ୍ରିଲ, ୨୦୧୧ ଠାରୁ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି ।

## ରାଜଧାନୀର ୧୯୪ ବେଆଇନ୍ ...

ସହର ସମେତ ଆଖପାଖ ଗ୍ରାମାଂଚଳରେ ଏହି ଆପାର୍ଟମେଂଟ ନିର୍ମାଣ ହୋଇଛି। ୫୭ଟି ଘଟଣାରେ ମାମଲାକୁ ସଂଶୋଧନ ପରେ ବନ୍ଦ କରାଯାଇଛି। ୯୧ଟି ଘଟଣାରେ ମାମଲାର ବିଚାର ଚାଲିଛି। ଅନ୍ୟଗୁଡ଼ିକ ସମ୍ପର୍କରେ ଅଦ୍ୟାବଧି ପଦକ୍ଷେପ ନିଆଯାଇନାହିଁ । ବେଆଇନ ଘୋଷିତ ଆପାର୍ଟମେଂଟଗୁଡ଼ିକୁ ବିଜୁଳି ଓ ପାଣି କିପରି ଯୋଗାଇ ଦିଆଯାଇଛି ସେ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

# କେନ୍ଦ୍ର ସରକାରଙ୍କ ଟିକସ ଯୋଗୁଁ ବଢୁଛି ଖାଇବା ତେଲ ଦର : ମନ୍ତ୍ରୀ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ଖାଇବା ତେଲ ଉପରେ କେନ୍ଦ୍ର ସରକାରଙ୍କ ଟିକସ ଯୋଗୁଁ ମୂଲ୍ୟ ବୃଦ୍ଧି ହେଉଛି। ତେଲ ଉପରେ ଜିଏସଟି ୫.୫% , କୃଷି ସେସ୍ ୧୭.୫%, ଆମଦାନୀ ଶୁଳ୍କ ୨୧% ଲାଗିଛି। ଖାଇବାତେଲର ଚାହିଦା କମିଥିଲେ ମଧ୍ୟ ଦର ବୃଦ୍ଧି ପାଉଛି। ୨୦୧୯ରେ ତେଲର ଆବଶ୍ୟକତା ୨୧ ମିଲିୟନ୍ ଟନ୍ ଥିବା ବେଳେ ୨୦୨୧ରେ ଏହା ୧୯ ମିଲିୟନ୍ ଟନ୍ କୁ ହ୍ରାସ ପାଇଛି। ରାଜ୍ୟରେ ବର୍ଷକୁ ପ୍ରାୟ ୩ ମିଲିୟନ୍ ଟନ୍ ଖାଇବା ତେଲର ଆବଶ୍ୟକତା ପଡୁଛି। ତେଲ ଦରର ନିୟନ୍ତ୍ରଣ କରିବା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ରର ଦାୟିତ୍ୱ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ପ୍ରକାଶ କରିଛନ୍ତି। ମଙ୍ଗଳବାର ଦିନ ବିଧାନସଭାରେ କଂଗ୍ରେସ ଦଳ ପକ୍ଷରୁ ଆଗତ କରାଯାଇଥିବା "ଖାଇବା ତେଲର ଅତ୍ୟଧିକ ଦର ବୃଦ୍ଧି , ଅପମିଶ୍ର ଓ ବ୍ୟାପକ କଳା ବଜାର ଯୋଗୁଁ ସାଧାରଣ ଜନତା ହନ୍ତସନ୍ତ" ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତର ରଖି ମନ୍ତ୍ରୀ ଏହା କହିଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ବିରୋଧ ଦଳ ସଦସ୍ୟ ତାରା ପ୍ରସାଦ ବାହିନୀପତି, ନାଉରୀ ନାୟକ, ମୁକେଶ ମହାଲିଙ୍ଗ ଓ ମୋହନ ମାଝୀ ପ୍ରମୁଖ କହିଥିଲେ ଯେ ଖାଇବା ତେଲ ଦର ବୃଦ୍ଧି ପାଇଥିବାବେଳେ କଳାବଜାରୀ ଓ ଅପମିଶ୍ରଣ ମଧ୍ୟ ବଢି ଚାଲିଛି। କଳାବଜାରୀ ଓ ଅପମିଶ୍ରଣ ରୋକିବାକୁ ସରକାର ପଦକ୍ଷେପ ନେଉ ନାହାନ୍ତି। ଦର ବୃଦ୍ଧି ରୋକିବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଖାଇବା ତେଲ ଉପରୁ ଟିକସ ଛାଡ୍ କରନ୍ତୁ। ଖାଇବା ତେଲ ଚାହିଦା ପୂରଣ ପାଇଁ ଶୋରିଷ, ଅଳସୀ, ସୂର୍ଯ୍ୟମୂଖୀ ଆବଶ୍ୟକତା ମୁତାବକ ଉତ୍ପାଦନ ହେଉନାହିଁ। କୃଷି ମନ୍ତ୍ରୀ ଆଲୋଚନା କରି ଏଗୁଡିକର ଚାଷ ପାଇଁ ପ୍ରୋତ୍ସାହନ ବୃଦ୍ଧି କରାଯାଉ ବୋଲି ସେମାନେ ଦାବି କରିଥିଲେ । ଅନ୍ୟପକ୍ଷରେ ମନ୍ତ୍ରୀ କହିଥିଲେ ଯେ ପଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଁ ମଧ୍ୟ ଖାଇବା ତେଲ ଦର ବୃଦ୍ଧି ପାଉଛି। ରାଜ୍ୟରେ ଖାଇବା ତେଲରେ କଳାବଜାରୀ ରୋକିବାକୁ ସରକାର ଉଦ୍ୟମ କରୁଛନ୍ତି। ୩୦ ଜଣ ଖାଦ୍ୟ ନିରାପତା ଅଧିକାରୀବିଭିନ୍ନ ଖାଦ୍ୟ ଅନୁଷ୍ଠାନରୁ ଖାଇବା ତେଲ ନମୂନା ସଂଗ୍ରହ କରି ପରୀକ୍ଷଣ କରାଯାଉଛି। ୨୦୨୦-୨୧ ବର୍ଷରେ ୧୮୩ ତେଲ ନମୂନା ଯାଂଚ ମଧ୍ୟରୁ ୪୪ଟି ନିମ୍ନ ମାନର ଜଣାପଡିବାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଭୂପିନ୍ଦର ସିଂ, ଅଶ୍ୱିନୀ ପାତ୍ର, ପ୍ରମୋଦ ମଲ୍ଲିକ ଓ ଭାଗିରଥି ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ପରିବେଶବିତ୍ ପାଳିଲେ କ୍ଲିନ୍ ହୋଲି-ଗ୍ରୀନ୍ ହୋଲି

ଭୁବନେଶ୍ୱର,୩୦/୦୩ (ନି.ପ୍ର): ରଙ୍ଗର ପର୍ବ ହୋଲିକୁ ସ୍ମାର୍ଟ ନଗରୀ ଭୁବନେଶ୍ୱରର ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଏକ ନିଆରା ଢଙ୍ଗରେ ପରିବେଶ ଉପଯୋଗୀ ବଳିଷ୍ଠ ବାର୍ତା ଦେଇ ନିରାଡ଼ମ୍ବର ଭାବେ ପାଳନ କରିଥିଲେ। ଘରର ଛାତ ଉପରେ ରଙ୍ଗ ବେରଙ୍ଗ ମୁରୁଜ ପକାଇ ତିଆରିଥିଲେ ଏକ ରଙ୍ଗୀନ ବୃକ୍ଷ। ଏଥିରେ ଦର୍ଶାଇଥିଲେ ରଙ୍ଗ ହେଉଛି ପ୍ରକୃତିର ଅନନ୍ୟ ସୃଷ୍ଟି। ଏଣୁ ରାସାୟନିକ ରଙ୍ଗ ଠାରୁ ଦୂରରେ ରହି ପ୍ରାକୃତିକ ରଙ୍ଗ ତଥା ହଳଦୀ, ଡ଼ାଲିଆ ଫୁଲ, ମନ୍ଦାର ଫୁଲ, ଲାଲ ଚନ୍ଦନ, ଚାଉଳ ଗୁଣ୍ଡ, ଡ଼ାଳିମ୍ବ ଚୋପା, ନିମ୍ବ ପତ୍ର, ପାଳଙ୍ଗ ଓ ମେହେନ୍ଦି ପାଉଡ଼ର ବ୍ୟବହାର କରି ନିରାପଦ ଓ ସୁରକ୍ଷିତ ହୋଲି ପାଳନ ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

# ଜିଲ୍ଲା ଓକିଲ ସଂଘ ବାରିପଦାର ନିର୍ବାଚନ ଶେଷ

## ପ୍ରବୀର ବସା ସଭାପତି ନିର୍ବାଚିତ



ବାରିପଦା,୩୦/୦୩ (ନି.ପ୍ର): ଜିଲ୍ଲା ଓକିଲ ସଂଘ ବାରିପଦାର ନିର୍ବାଚନ ଆଜି ଅନୁଷ୍ଠିତ ହୋଇ ଥିବା ବେଳେ ଅପରାହ୍ନରେ ଭୋଟ ଗଣତି ହୋଇଥିଲା। ତେବେ ଓକିଲ ସଂଘର ନିର୍ବାଚିତ ନୂତନ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ସଭାପତି ଭାବରେ ବରିଷ୍ଠ ଆଇନଜିବୀ ପ୍ରବୀର କୁମାର ବସା, ସମ୍ପାଦକ ଭାବରେ ଆଇନଜିବୀ ବସନ୍ତ ଭୋଳ , ଉପସଭାପତି ଭାବରେ ଆଇନଜିବୀ ସୁଜାତା ମିଶ୍ର, ସହ ସମ୍ପାଦକ ଭାବରେ ଆଇନଜିବୀ ସ୍ୱରୁପ କୁମାର ମିଶ୍ର, କୋଷାଧ୍ୟକ୍ଷ ଭାବରେ ଆଇନଜିବୀ ଅରବିନ୍ଦ ସାହୁ, ପ୍ରମୁଖ ନିର୍ବାଚିତ ହୋଇ ଥିବା ବେଳେ, ସମସ୍ତ ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ନବ ନିର୍ବାଚିତ ସଭାପତି ପ୍ରବୀର କୁମାର ବସା ପୂର୍ବରୁ ମଧ୍ୟ ବାରିପଦା ବାର ଏସୋସିଏସନର ସଭାପତି ରହିଥିବା ବେଳେ, ଅନେକ ଗଠନ ମୂଳକ କାର୍ଯ୍ୟ କରିଥିଲେ । ନିର୍ବାଚନରେ ସମ୍ପାଦକ ପ୍ରର୍ଥୀ ଭାବରେ ପ୍ରତିଦ୍ୱନ୍ଦିତା କରିଥିବା ବରିଷ୍ଠ ଆଇନଜିବୀ ବସନ୍ତ କୁମାର ଭୋଳ ଓ ବିପ୍ଳବ କୁମାର ବାରିକଙ୍କ ମଧ୍ୟରେ କଡା ଟକ୍କର ହୋଇଥିବାର ଦେଖାଯାଇଚି । ପ୍ରଥମ କାଉଣ୍ଟିଂ ବସନ୍ତ ଭୋଲ ୨୫୫ଟି ଭୋଟ ପାଇଥିବା ବେଳେ ବିପ୍ଳବ କୁମାର ବାରିକ ୨୫୪ ଟି ଭୋଟ ପାଇଥିଲେ। ତେବେ ସମ୍ପାଦକ ପଦ ପାଇଁ ପଡିଥିବା ଭୋଟକୁ ରିକାଉଣ୍ଟିଂ କରାଯାଇଥିଲା । ରିକାଉଣ୍ଟିଂରେ ମଧ୍ୟ ବସନ୍ତ ଭୋଳ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିବାର ଜଣାଯାଇଛି । ତେବେ ସମସ୍ତ ନିର୍ବାଚିତ କର୍ମକର୍ତ୍ତା ମାନେ ବାରିପଦା ବାର ଏସୋସିଏସନ ଜିଲ୍ଲାରେ ଆଇନ ବ୍ୟବସ୍ଥାର ସୁପରିଚାଳନା ଦିଗରେ ଧ୍ୟାନ ଦେବା ସହିତ ଜନସାଧାରଣଙ୍କ ସୁବିଧା ତଥା ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଧ୍ୟାନ ଦେଇ ଆଗାମୀ ଦିନରେ କାମ କରିବେ ବୋଲି କହିଛନ୍ତି ।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ ଗିରଫ, ୬୭୪ ବାହନ ଜବତ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୭୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୮୯,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ରାଜ୍ୟର ପ୍ରଥମ ପରିବାର ଇକୋ-ଫ୍ରେଣ୍ଡଲି ରଙ୍ଗରେ ଭିଜିଲେ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ରଙ୍ଗ, ପ୍ରେମ ଓ ଭାଇଚାରାର ପର୍ବ ହୋଲିକୁ ସାରା ପରିବାରର ସଦସ୍ୟମାନେ ଏକାଠି ହୋଇ ଏକ ନିଆରା ଢଙ୍ଗରେ ପାଳନ କରି ସମଗ୍ର ରାଜ୍ୟରେ ପ୍ରଥମ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନାଯୋଗ୍ୟ ସ୍ମାର୍ଟ ନଗରୀ ଭୁବନେଶ୍ୱରର ବରବାରିସ୍ଥିତ ଅର୍ଚ୍ଚିତା ରେସିଡେନ୍ସିର ବାସିନ୍ଦା ସାହୁ ପରିବାର ମହାମାରୀ କରୋନା ଯୋଗୁ ପରିବାରର କେହି ସଦସ୍ୟ ବାହାରକୁ ନଯାଇ ନିଜଘରେ ଏହାକୁ ନିରାଡମ୍ବର, ସ୍ୱତନ୍ତ୍ର ଓ ସୁନ୍ଦର ଭାବେ ପାଳନ କରି ଏହାର ମଜା ଉଠାଇଥିଲେ। ଉତ୍ସବରେ ଦେଖିବାକୁ ମିଳିଥିଲା କିଏ କାହା ପାଦରେ ଅଳତା ଲଗାଇ ଦେଉଥାଏ ତ, ଆଉ କିଏ ହାତରେ ମେହେନ୍ଦି ପକାଇଦେଉଥାଏ, ଆଉ କେହି ନଖରେ ନେଲ୍ପଲିସ୍ ଲଗାଇ ଦେଉଥାଏ ତ, ଆଉ କିଏ ମଥାରେ ସିନ୍ଦୁର ଲଗାଇ ଦେଉଥାଏ, ଆଉ କେହି କେହି ପରସ୍ପର ଗାଲରେ ଚନ୍ଦନ-ହଳଦୀ ଲଗାଇ ମିଷ୍ଟାନ୍ନ ଖୁଆଇ ହୋଲି ଶୁଭେଚ୍ଛା ଜଣାଉଥିଲେ। ଘରର ବୟୋଜ୍ୟେଷ୍ଠ ତଥା ଗୁରୁଜନମାନେ ବୋହୁ ଓ ନାତିନାତୁଣୀମାନଙ୍କ ମୁଣ୍ଡ ଉପରେ ନାନା ରଙ୍ଗର ଫୁଲ ପକାଇ ହୋଲି ଭରିଦେଉ ଜୀବନରେ ସାତରଙ୍ଗ କହି ଆଶୀର୍ବାଦ ଦେଇ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ।

ସ୍ୱର୍ଗତ ବିଶ୍ୱନାଥ ସାହୁଙ୍କ ଦୁଇ ସୁପୁତ୍ର ବିକ୍ରମ କୁମାର ସାହୁ ଏବଂ ସଂଗ୍ରାମ କେଶରୀ ସାହୁ ଏହି ନିଆରା ନିରାଡ଼ମ୍ବର ପରିବେଶ ଉପଯୋଗୀ ହୋଲି ଉତ୍ସବକୁ ଆୟୋଜନ କରିଥିଲେ। ଇକୋ-ଫ୍ରେଣ୍ଡଲି ହୋଲି ଆୟୋଜନ ସମ୍ପର୍କରେ ସଂଗ୍ରାମ କୁହନ୍ତି, ବଜାରରେ ଉପଲବ୍ଧ ହେଉଥିବା ରାସାୟନିକ ରଙ୍ଗ କିଣି ପ୍ରତିବର୍ଷ ହୋଲି ଖେଳିଥାଉ। ପରବର୍ତୀ ସମୟରେ ଆମ ଶରୀର ଉପରେ ଅନେକ କୁପ୍ରଭାବ ବି ସୃଷ୍ଟି କରିଥାଏ। ଚଳିତବର୍ଷ ମୋର ବନ୍ଧୁ ତଥା ସାମାଜିକ କର୍ମୀ ସୁଶାନ୍ତ ସାହୁ ପରିବେଶ ଉପଯୋଗୀ ରଙ୍ଗରେ ହୋଲି ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ପରିବାର ଆତ୍ମୀୟ ସ୍ୱଜନ ଏହି ଚିନ୍ତାଧାରାରେ ପ୍ରଭାବିତ ହେବା ସହ ସ୍ୱାଗତ ବି କରିଥିଲେ। ପ୍ରତିବର୍ଷ ଏଭଳି ନିରାଡ଼ମ୍ବର ପରିବେଶ ଉପଯୋଗୀ ରଙ୍ଗର ପର୍ବ ହୋଲିକୁ ଆୟୋଜନ କରିବୁ। ବାସ୍ତବିକ ଏହାର ମଜା ସମ୍ପୂର୍ଣ୍ଣ ନିଆରା ବୋଲି ସଂଗ୍ରାମ କହିଛନ୍ତି। ଏଭଳି ହୋଲି ଉତ୍ସବ ରାଜ୍ୟରେ ପ୍ରଥମ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଏନଏଚଏଆଇ କର୍ତ୍ତୃପକ୍ଷଙ୍କ ଉଦାସୀନତାର ପ୍ରତିବାଦ

## ଓଭର ବ୍ରିଜ ନିର୍ମାଣ ଦାବିରେ ବାମପଦା ଛକରେ ରାଜପଥ ଅବରୋଧ



ବାଲେଶ୍ୱର,୩୦/୦୩ (ନି.ପ୍ର): ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ପରିଚିତ ୧୬ ନମ୍ବର ଜାତୀୟ ରାଜପଥର ବାମପଦା ଛକରେ ଓଭର ବ୍ରିଜ୍ ନିର୍ମାଣ ଦାବି କରି ବାମପଦା ସୁରକ୍ଷା ମଞ୍ଚ ପକ୍ଷରୁ ବୁଧବାର ରାସ୍ତାରୋକ କରାଯାଇଥିଲା। ବାମପଦା ସୁରକ୍ଷା ମଞ୍ଚର କର୍ମକର୍ତ୍ତା, ସଦସ୍ୟଙ୍କ ସମେତ ବିଭିନ୍ନ ଗଣ ସଂଗଠନ ଓ ସ୍ଥାନୀୟ ବାସିନ୍ଦା ଜାତୀୟ ରାଜପଥ ଅବରୋଧ ଏବଂ ଧାରଣା ଦେବା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଯାନବାହାନ ଦୀର୍ଘ ସମୟ ଧରି ଅଟକି ରହିଥିବା ଲକ୍ଷ୍ୟ କରାଯାଇଥିଲା। ନୀଳଗିରିକୁ ଯାଇଥିବା ରେଳ ଲାଇନ୍ ବାମପଦାଠାରେ ରାଜପଥକୁ ଅତିକ୍ରମ କରୁଥିବା ବେଳେ ସୋମନାଥପୁର ଓ ସମଲପୁର ରାସ୍ତା ମଧ୍ୟ ଏହି ଛକକୁ ସଂଯୋଗ କରୁଛି। ଏହା ଏକ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଅଧିକାଂଶ ସମୟରେ ରାଜପଥରେ ଯାଉଥିବା ଗାଡ଼ିଘୋଡ଼ା ସହ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି। ଏଠାରେ ଏକ ଓଭର ବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ନିକଟରେ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ବି ରାଜପଥ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଟାଳଟୁଳ ନୀତି ଏଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ବାଧ୍ୟ କରିଥିବା ବାମପଦା ସୁରକ୍ଷା ମଞ୍ଚର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ତେବେ ଓଭର ବ୍ରିଜ୍ ନିର୍ମାଣ ସାଙ୍ଗକୁ ନହରପାଟଣା ପର୍ଯ୍ୟନ୍ତ ୧୬ ନଂ ଜାତୀୟ ରାଜପଥର ଉଭୟ ପାର୍ଶ୍ୱର ସ୍ଲିପ୍ ଓ୍ୱେ'ର ମରାମତି କରିବା, ବାମପଦା ଛକରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବା ସହିତ ଓଭର ବ୍ରିଜ୍ ନିର୍ମାଣ ପୂର୍ବରୁ ଛକ ରାସ୍ତାକୁ କଂକ୍ରିଟ୍ କରିବା ଦାବିରେ ଶତାଧିକ ଲୋକ ରାସ୍ତା ଅବରୋଧ ସହ ଧାରଣାରେ ବସିଥିଲେ। ତେବେ ଦୀର୍ଘ ସମୟର ରାସ୍ତାରୋକ ଓ ଗାଡ଼ିଘୋଡ଼ା ଜାମ ହେବା ଖବର ପାଇ ବାଲେଶ୍ୱର ଜିଲା ପ୍ରଶାସନର ଅଧିକାରୀ ଓ ପୁଲିସ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସମେତ ସେଠାରେ ଉପସ୍ଥିତ ଥିବା ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବେଶ କିଛି ସମୟର ସରଗରମ ଆଲୋଚନା ପରେ ୭ ଦିନ ମଧ୍ୟରେ ଆନ୍ଦୋଳନକାରୀଙ୍କ ସମସ୍ତ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ଅଧିକାରୀ କହିଥିଲେ। ଅଧିକାରୀଙ୍କ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀମାନେ ଧାରଣାରୁ ନିବୃତ ହୋଇଥିଲେ। ଦୀର୍ଘ ସମୟ ଧରି ଅଟକି ରହିଥିବା ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ବାମପଦା ସୁରକ୍ଷା ମଞ୍ଚର ସଭାପତି ବିଶ୍ୱଜିତ ଦାସ, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ସୁଦର୍ଶନ ଜେନା, ଜିଲା ପରିଷଦ ସଦସ୍ୟ ବିପିନ ମାରାଣ୍ଡି ଓ ସୀତାରାମ ପ୍ରଧାନ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ସଭାପତି କମଳା ବିଶ୍ୱାଣୀ ପ୍ରମୁଖ ଏହି ରାସ୍ତାରୋକ କାର୍ଯ୍ୟକମର ନେତୃତ୍ୱ ନେଇଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ନେଇ ବିଧାନସଭାରେ କଂଗ୍ରେସ ଦଳର ଉଦ୍‌ବେଗ

ଭୁବନେଶ୍ୱର,୩୦/୦୩ (ନି.ପ୍ର): ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପିଛା ୩୦ ପଇସା ବୃଦ୍ଧିକୁ ନେଇ ଆଜି ବିଧାନସଭାରେ କଂଗ୍ରେସ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଆଦି ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହେବାପରେ ବୈଧାନିକ ପ୍ରଶ୍ନ ଛଳରେ କଂଗ୍ରେସ ସଭ୍ୟ ଶ୍ରୀ ତାରାପ୍ରସାଦ ବାହିନୀପତି ଏ ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟିକୁ ଆଣି କହିଥିଲେ ଯେ, ଯେଉଁ ବିଦ୍ୟୁତ୍ ଦର ବୃଦ୍ଧି କରାଯାଇଛି, ତାହା ପ୍ରତ୍ୟାହାର କରାନଗଲେ ସାଧାରଣ ଗରିବ ଲୋକ ଏହାଦ୍ୱାରା ପ୍ରଭାବିତ ହେବେ। ଟାଟା କମ୍ପାନୀ ବିଦ୍ୟୁତ୍ ବଂଟନ ଦାୟିତ୍ୱ ନେବାପରେ ସାରା ରାଜ୍ୟରେ ଆତଙ୍କରାଜ ସୃଷ୍ଟି କରିଛି।

## ଭଗବାନପୁର ନୋଡ଼ାଲ ବିଦ୍ୟାଳୟ ଓ ଧାମନଗର ମଦ୍ରସାରେ ପୋଷାକ ବିତରଣ ଉତ୍ସବ

ଧାମନଗର,୩୦/୦୩ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧାମନଗର ଏନ୍‌ଏସି ଅନ୍ତର୍ଗତ ମୋଜାହିଦ୍ ଏ ମିଲ୍ଲତ ମଦ୍ରସା ରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବିତରଣ କରାଯାଇଛି। କୋଭିଡ଼ କଟକଣା ଅନୁପାଳନ ପୂର୍ବକ ଅନୁଷ୍ଠିତ ପୋଷାକ ବିତରଣ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ସେବାନିବୃତ ପ୍ରଧାନ ଶିକ୍ଷୟିତ୍ରୀ ଶୋଭାରାଣୀ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ସିଆରସିସି ସେକ୍ ସାମସୁଦ୍ଦିନ୍, ଶିକ୍ଷକ ପୁର୍ଣ୍ଣଚନ୍ଦ୍ର ନାୟକ, ଏମ୍‌ଡ଼ି ଅବଦୁଲ୍ ସଲାମ, ଶିକ୍ଷୟିତ୍ରୀ କଳ୍ପନା କୁମାରୀ ସାହୁ, ଆରତି ବସନ୍ତିଆ, ରଶ୍ମିତା ପାତ୍ର, ମଞ୍ଜୁଲତା ମହାପାତ୍ର, ନନ୍ଦିନୀ ନାୟକ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ପିଲାମାନଙ୍କୁ ପୋଷାକ ଓ ଜୋତା ବଂଟନ ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶଶିକାନ୍ତ ଶଙ୍ଖୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବରିଷ୍ଠ ନାଗରିକ ବାବାଜି ଚରଣ ସେଠୀ, ଏସ୍‌ଏମ୍‌ସି କମିଟି ସଭ୍ୟ ଅନିରୁଦ୍ଧ ବେହେରା, ଗୋପାଳଚନ୍ଦ୍ର ପାତ୍ର, ଗଦାଧର ଖୁଂଟିଆ, ସଭ୍ୟା ରୀତାରାଣୀ ବିଶ୍ୱାଳଙ୍କ ସମେତ ଅଭିଭାବକ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୨ଶହ ୩ଜଣ ଛାତ୍ର ଛାତ୍ରୀଙ୍କୁ ଦୁଇହଳ ପୋଷାକ, ମୋଜା ଓ ହଳେ ଲେଖାଏଁ ଜୋତା ବଂଟନ କରାଯାଇଥିଲା। ସେହିପରି ଧାମନଗର ଏନ୍‌ଏସି ଅନ୍ତର୍ଗତ ମୋଜାହିଦ ଏ ମିଲ୍ଲତ ମଦ୍ରସା ରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ସେକ୍ ହୋସେନ୍ ସଭାପତିତ୍ୱ କରିଥିବାବେଳେ ଧାମନଗର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ହେମେନ୍ଦ୍ରନାଥ ମହାନ୍ତି ମୁଖ୍ୟ ଅତିଥ ଓ ମଦ୍ରସା ଶିକ୍ଷକ ସଂଘର ସମ୍ପାଦକ ସେକ୍ ନସିରୁଦ୍ଦିନ୍(ରାଜା ସାର) ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଦ୍ରସାର ପ୍ରଧାନ ଶିକ୍ଷକ ସେକ୍ ନିଆମତୁଲ୍ଲା, ସହକାରୀ ଶିକ୍ଷକ ସେକ୍ ଅଫସର ଅଲ୍ଲୀ, ଶିକ୍ଷୟିତ୍ରୀ ଖତିମୁର ନିଶାଁ, ରେସମା ଖାତୁନ୍ ପ୍ରମୁଖ କୋଭିଡ଼ର ଦ୍ୱିତୀୟ ଲହର ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇବା ସହ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ।

## ଗବସାହି ଦୁର୍ଗାମଣ୍ଡପରେର ରାଧାକୃଷ୍ଣଙ୍କ ହୋଲି ମେଲଣ



ଭଦ୍ରକ,୩୦/୦୩ (ନି.ପ୍ର): ବହୁ ବର୍ଷ ଧରି ହୋଇ ଆସୁଥିବା ଗବସାହି ହୋଲି ମେଲଣ ଉତ୍ସବ ସ୍ଥାନୀୟ ଦୁର୍ଗା ମଣ୍ଡପରେ କୋବିଡ଼ କଟକଣା ମଧ୍ୟରେ ସମ୍ପନ୍ନ ହୋଇଛି। ୫୦ରୁ ଉର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ବିମାନ ଶୋଭାଯାତ୍ରାରେ ଆସିମେଲଣ ମଣ୍ଡପରେ ପହଞ୍ଚିଥିଲା। ବହୁ ଶ୍ରଦ୍ଧାଳୁ ଦର୍ଶନ କରିଥିବା ବେଳେ ପୂଜାର୍ଚ୍ଚନା ହୋଇଥିଲା। ଭଦ୍ରକ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଆଖପାଖ ବିଭିନ୍ନ ସ୍ଥାନରୁ ଠାକୁର ବିମାନ ସବୁ ମେଲଣ ମଣ୍ଡପଠାରେ ପହଞ୍ଚିବା ପରେ ମେଲଣ କମିଟି ପକ୍ଷରୁ ବିମନସବୁକୁ ବନ୍ଦାପନା କରି ପାଛୋଟି ଅଣାଯାଇଥିଲା। ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ରାଧାକୃଷ୍ଣଙ୍କ ହୋଲି ଗୀତ ଓ କୀର୍ତ୍ତନ ଗାନ କରାଯାଇଥିଲା। ଅପରାହ୍ଣରେ ଠାକୁରଙ୍କ ବିମାନ ଗୁଡ଼ିକ ସେମାନଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ମେଲଣରେ ଗବସାହି ଠାକୁରବାଡ଼ି ମନ୍ଦିର କମିଟି ପକ୍ଷରୁ ଟୁଲୁ ଦାସ, ବାଦଲ ଦାସ, ଜ୍ଞାନ ପ୍ରକାଶ ପାଣି ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟୁତ ଶୁଳ୍କ ବୃଦ୍ଧି ବିରୋଧରେ 'ସିଭିଲ ସୋସାଇଟି'ର ଆନ୍ଦୋଳନ ନିଷ୍ପତ୍ତି



ବାଲେଶ୍ୱର,୩୦/୦୩ (ନି.ପ୍ର): ଆସନ୍ତା ଏପ୍ରିଲ ୪ ତାରିଖରୁ ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ୟୁନିଟ ପ୍ରତି ୩୦ ପଇସା ଅତିରିକ୍ତ ଶୁଳ୍କଭାର ବୃଦ୍ଧି ନେଇ ରାଜ୍ୟ ସରକାର ନିଷ୍ପତ୍ତିକୁ ବାଲେଶ୍ୱର ସିଭିଲ୍ ସୋସାଇଟି ଦୃଢ଼ ବିରୋଧ କରିଛି। ଏନେଇ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜରୁରୀ ବୈଠକରେ ସରକାରଙ୍କ ବିଦ୍ୟୁତ ନୀତିକୁ ତୀବ୍ର ସମାଲୋଚନା କରାଯାଇଛି। ଜିଲାପାଳଙ୍କ ଜରିଆରେ ଆସନ୍ତା ବୁଧବାର ଦିନ ଏହି ନିଷ୍ପତ୍ତି ପ୍ରତ୍ୟାହାର ଦାବିକରି ଏକ ଦାବିପତ୍ର ପ୍ରଦାନ କରାଯିବ। ଗତ ଛଅମାସ ତଳେ ୟୁନିଟ୍ ପ୍ରତି ୨୦ପଇସା ବୃଦ୍ଧି କରାଯାଇଥିଲା। କରୋନା କାଳରେ ସାଧାରଣ ଜନତାଙ୍କ ଆୟ ହ୍ରାସ ପାଇଥିଲାବେଳେ ବିଦ୍ୟୁତ ଶୁଳ୍କ ବୃଦ୍ଧି ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି ବୋଲି ବୈଠକରେ ଉପସ୍ଥିତ ସଦସ୍ୟମାନେ ମତପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଯେତେ ବିଦ୍ୟୁତ ଶୁଳ୍କ ବୃଦ୍ଧି କରାଗଲେ ମଧ୍ୟ ଉପଭୋକ୍ତାଙ୍କୁ ଉଚିତ ବିଦ୍ୟୁତ ସେବା ପ୍ରଦାନରେ ଆବଣ୍ଟନ କମ୍ପାନିଙ୍କ ଉଦାସୀନତା କ୍ରମଶଃ ଅସହ୍ୟ ହେଲାଣି ବୋଲି ସେମାନେ କହିଥିଲେ। ବିଶେଷ କରି ଗ୍ରୀଷ୍ମଦିନରେ ଅଘୋଷିତ ବିଦ୍ୟୁତ କାଟ ଓ ଲୋ'ଭୋଲଟେଜ ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଦ୍ୟୁତ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ବୋଲି ସରକାର ଡିଣ୍ଡିମ ବିଟୁଥିବା ବେଳେ ବିଦ୍ୟୁତ କାଟ ଓ ଶୁଳ୍କବୃଦ୍ଧି ସମସ୍ତଙ୍କୁ ଆଚମ୍ବିତ କରିଛି ବୋଲି ବୈଠକରେ ସଦସ୍ୟମାନେ କରିଥିଲେ। ଅନ୍ୟପକ୍ଷରେ କଳକାରଖାନା ଓ ବଡ଼ ବଡ଼ ବ୍ୟବସାୟୀମାନଙ୍କ ଉପରେ କୋଟି କୋଟି ଟଙ୍କାର ଟିକସ ଅର୍ଥ ଅନାଦେୟ ଥିବାବେଳେ ବିଦ୍ୟୁତ ବିତରଣ ଦାୟିତ୍ୱ ନେଉଥିବା ଟାଟା କମ୍ପାନିକୁ ତୁଷ୍ଟ କରିବା ପାଇଁ ଓଇଆରସି ଏହିଭଳି ଜନବିରୋଧି ନିଷ୍ପତ୍ତି ନେଇଛି ବୋଲି ସୋସାଇଟି ଅଭିଯୋଗ କରିଛି। ଯଦି ସରକାର ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ପ୍ରତ୍ୟାହାର ନକରନ୍ତି ତେବେ ସିଭିଲ ସୋସାଇଟି ଆଗାମୀ ଦିନରେ ଚରମ ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।ଏହି ବୈଠକରେ ସୋସାଇଟିର ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ଉପ-ସଭାପତି ବସନ୍ତ ସ'ଙ୍କ ସମେତ ସନ୍ତୋଷ କୁମାର ସାହୁ, ସୁଦର୍ଶନ ଦାସ, ଅର୍ଚ୍ଚନା ନନ୍ଦୀ, ପରମାନନ୍ଦ ପଣ୍ଡା ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗହଣ କରିଥିଲେ। ରବିନାରାୟଣ ମହାଳିକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ହନୁମାନ ଜୀଉ ସ୍କୁଲକୁ ମିଶ୍ର ଚେରିଟେବୁଲ ଟ୍ରଷ୍ଟର ସହାୟତା

ଭଦ୍ରକ,୩୦/୦୩ (ନି.ପ୍ର): ଚରମ୍ପା ବରାଳ ପୋଖରୀଠାରେ ମିଶ୍ର ଚେରିଟେବୁଲ ଟ୍ରଷ୍ଟ ଓ ରୋଟାରୀ କ୍ଲବ ମିଡ଼୍‌ଟାଉନ ପକ୍ଷରୁ ହନୁମାନ ଜୀଉ ଉ.ପ୍ରା.ବିଦ୍ୟାଳୟରେ ସ୍ୱର୍ଗ ଆଶାଲତା ମିଶ୍ର ସ୍ମାରକୀ ହସ୍ତ ପ୍ରକ୍ଷାଳନ ଗୃହର ଉଦ୍‌ଘାଟନ ହେବା ସହିତ ମେଧାବୀ ଛାତ୍ରଛାତ୍ରୀଙ୍କୁ ୭୫ ହଜାର ଟଙ୍କାର ଅର୍ଥ ରାଶି ସହ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ଓଡ଼ିଆ ଭାଷା ସାହିତ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଭଦ୍ରକ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏହି ଉଦ୍‌ଘାଟନ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ପ୍ରଥମେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପାଣିଗ୍ରାହୀ,ସାଂସଦ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇ ବିଗତ ଦିନରେ ମିଶ୍ର ପରିବାର ଉକ୍ତ ବିଦ୍ୟାଳୟକୁ ବିଭିନ୍ନ ପ୍ରକାରର ସହଯୋଗର ହାତ ବଢାଇଛନ୍ତି। ଚେରିଟେବୁଲ ଟ୍ରଷ୍ଟ କରି ବିଦ୍ୟାଳୟର ଉନ୍ନତି ସାଧନ କରିବା ସହ ଛାତ୍ରଛାତ୍ରୀଙ୍କ ମନବଳ ବୃଦ୍ଧି ଓ ଶିକ୍ଷା ପ୍ରତି ଆଗ୍ରହୀ କରାଇବା ପାଇଁ ବିଭିନ୍ନ କ୍ଷେତ୍ରରେ ଆର୍ଥିକ ସହଯୋଗ କରିବା ଏକ ଅନନ୍ୟ ଉଦାହରଣ ବୋଲି କହିଥିଲେ। ଟ୍ରଷ୍ଟ ମୁଖ୍ୟ ରୋଟାରିଆନ ଶିଶିର ମିଶ୍ର ଓ ତାଙ୍କ ପରିବାରର ଏଭଳି ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ ତଥା ରୋଟାରିଆନ ଶିଶିର ମିଶ୍ରଙ୍କ ମାତା ସ୍ୱର୍ଗତ ଆଶାଲତା ଦେବୀ ସ୍ଥାନୀୟ ଅଞ୍ଚଳର ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ବେଶ୍ ସୁଖ୍ୟାତ ଥିଲେ।

# ପୋଲିସ ପ୍ରତିଷ୍ଠା ଦିବସରେ ସମ୍ମାନିତ ହେବେ ଜିଲ୍ଲାରୁ ୨ ପୋଲିସ ଅଧିକାରୀ



ବାରିପଦା,୩୦/୦୩ (ନି.ପ୍ର): ଓଡିଶା ପୋଲିସର ୮୬ତମ ପ୍ରତିଷ୍ଠା ଦିବସ ଅବସରରେ ୨୦୨୦-୨୧ ବର୍ଷ ନିମନ୍ତେ ରାଜ୍ୟର ବିଭିନ୍ନ ଥାନାର ୧୧୫ ଶ୍ରେଷ୍ଠ ପୋଲିସ କର୍ମଚାରୀ ଡିଜିପି ଡିସ୍କ ସମ୍ମାନରେ ସମ୍ମାନିତ ହେବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥି ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ଦୁଇ ପୋଲିସ ଅଧିକାରୀ ସମ୍ମାନିତ ହେବେ। ବିଜ୍ଞପ୍ତି ଅନୁସାରେ ୮୮୭/୨୧ ଡିସ୍କ ନମ୍ବରରେ ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର ସେନାପତି ଓ ୮୮୮/୨୧୧ ଡିସ୍କ ନମ୍ବରରେ ରାସଗୋବିନ୍ଦପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ଆସନ୍ତା ଏପ୍ରିଲ ୧ ତାରିଖ ଦିନ ଭୁବନେଶ୍ୱର ଠାରେ ସମ୍ମାନିତ ହେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସରକାରଙ୍କ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଦୁଇ ପୋଲିସ ଅଧିକାରୀ ସମ୍ମାନିତ ହେବାର ଖବର ପ୍ରକାଶିତ ହେବା ପରେ ପୋଲିସ କର୍ମଚାରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଚାଲିଛି।

# 'ନାଟକ ବାସ୍ତବଧର୍ମୀ ହୋଇ ରଙ୍ଗମଞ୍ଚକୁ ଫେରିଆସୁ'

## ବିଶ୍ୱ ନାଟ୍ୟ ଦିବସ ପାଳିତ




ଭଦ୍ରକ,୩୦/୦୩ (ନି.ପ୍ର): ନାଟକ ବାସ୍ତବଧର୍ମୀ ହୋଇ ରଙ୍ଗମଞ୍ଚକୁ ଫେରୁ, ସମାଜର ଭାବାବେଗକୁ ତୋଳିଧରି ଜୀବନ୍ତ ହେଉ ଏବଂ ଦର୍ଶକମାନଙ୍କ ସହିତ ମିତ୍ରତା ସୂତ୍ରରେ ବାନ୍ଧି ରହି ସେମାନଙ୍କ ହୃଦୟରେ ବସାଘର କରୁ ବୋଲି ଭଦ୍ରକ ନୂଆବଜାର ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଇଣ୍ଟର ନ୍ୟାସନାଲ ଥିଏଟର, ଭଦ୍ରକ ଶାଖା ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ନାଟ୍ୟଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ସମାରୋହରେ ଭଦ୍ରକ ଜିଲ୍ଲା ଶାଖା ସଭାପତି ବିଶିଷ୍ଟ ନାଟ୍ୟ ପ୍ରତିଭା ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପଦ୍ମକାନ୍ତ ଧଳଙ୍କ ପୌରୋହିତ୍ୟ କରିଥିବା ବେଳେ ସ୍ତମ୍ଭକାର ଇଂ ଅଭୟ ସୂତାର ମୁଖ୍ୟଅତିଥି, ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ପଣ୍ଡିତ ଦୈତ୍ୟାରୀ ମହାପାତ୍ର , ଭଦ୍ରକ ପୂଜ୍ୟପୂଜା ସଂସଦର ସମ୍ପାଦକ ରୂପକ ବିହାରୀ ରାୟ, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାତ୍ରୀ, ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ ଅଭୟ କୁମାର ଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ଅଟଳ ବିହାରୀ ନାୟକ ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଂଗଠନର ସମ୍ପାଦକ ନାଟ୍ୟଶ୍ରୀ ନିର୍ମଳ ରାଉତ ସମ୍ପାଦକୀୟ ବକ୍ତବ୍ୟ ସହ ବିଶ୍ୱ ନାଟ୍ୟ ଦିବସର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ସହସମ୍ପାଦକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ଓ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମନୋରମା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଂଗୀତଜ୍ଞ ଡ. କେଶବ ଚନ୍ଦ୍ର ଜେନାଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ତାଙ୍କ ଉଦ୍ଦେଶ୍ୟରେ ଇଂ ସୀତାଂଶୁ ଷଡଙ୍ଗୀ ମାନପତ୍ର ପାଠ କରିଥିଲେ। କବି ଡ. ଅବନୀ ପ୍ରଧାନ, ଅଧ୍ୟାପକ କିଶୋର ପାଣିଗ୍ରାହୀ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ରାମନାରାୟଣ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ ଅଭିନେତା ସଂଜୀବ ନାୟକ, ଇଂ ଶଶାଙ୍କ ଶେଖର ପଣ୍ଡା, ନୃତ୍ୟଗୁରୁ ନାରାୟଣ ସାହୁ ଓ ଅମିୟ ମହାପାତ୍ର ସଂଳାପ ପରିବେଷଣ କରିଥିଲେ।

# ଧାମନଗର ଓକିଲ ସଂଘର ସଭାପତି ଅଭିରାମ ମହାନ୍ତି ଓ ସମ୍ପାଦକ ଅମରେନ୍ଦ୍ର ମହାନ୍ତି ନିର୍ବାଚିତ



ଧାମନଗର,୩୦/୦୩ (ନି.ପ୍ର): ଧାମନଗର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଧାମନଗର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ମୋଟ ୫୦ଜଣ ସଭ୍ୟଙ୍କ ମଧ୍ୟରୁ ୪୯ଜଣ ଆଇନ୍‌ଜୀବୀ ନିର୍ବାଚନରେ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ। ସବୁ ଆସନରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହୋଇଥିଲା। ଏଥିରେ ସଭାପତିଭାବେ ଅଭିରାମ ମହାନ୍ତି, ଉପସଭାପତି ଭାବେ ପ୍ରଜ୍ଞାପରମିତା ଦାଶ, ସାଧାରଣ ସମ୍ପାଦକ ଭାବେ ଅମରେନ୍ଦ୍ରନାଥ ମହାନ୍ତି, ସହ ସମ୍ପାଦକ ଭାବେ ବିଜୟ କୁମାର ରାମ ଓ କୋଷାଧ୍ୟକ୍ଷଭାବେ ମନୋଜ କୁମାର ଗୁପ୍ତା ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଅଜୟ କୁମାର ସାହୁ ଓ ମିନତି ମଲ୍ଲିକ ନିର୍ବାଚିତ ହୋଇଥିବା ଜଣାଯାଇଛି। ନିର୍ବାଚନ ଅଧିକାରୀ ଭାବେ ଅଜିତ୍ କୁମାର ଦାସ ଓ ସହକାରୀ ଅଧିକାରୀ ଭାବେ ଗୌତମ ବୁଦ୍ଧ ଜେନା, ଦେବଜ୍ୟୋତି ଦାସ, ଦେବକିନନ୍ଦନ ମହାପାତ୍ର ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ।

## ନବ ନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୩୦/୦୩ (ନି.ପ୍ର): ପବିତ୍ର ହୋଲି ଉତ୍ସବ ଅବସରରେ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ବାଲେଶ୍ୱର ଓକିଲ ସଂଘର ନବ ନିର୍ବାଚିତ ସଭାପତି ମନୋଜ କୁମାର ନାୟକ ଓ କାର୍ଯ୍ୟକାରୀ ସଭ୍ୟ ସଞ୍ଜୟ କୁମାର ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ ଦୁଇଜଣଙ୍କୁ ସ୍ଥାନୀୟ ଶ୍ରୀ ବିଶ୍ୱେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମ୍ବର୍ଦ୍ଧିତ କରିଥିବା ବେଳେ ଏବଂ ସଂପାଦକ ସଂବିତ ନନ୍ଦୀଙ୍କୁ ଚର୍ଚ୍ଚ ଲେନସ୍ଥିତ ତାଙ୍କ ବାସଭବନରେ ସାକ୍ଷାତ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି।

# ମେଧାବୀ ଛାତ୍ରୀଙ୍କୁ ସହାୟତା ପ୍ରଦାନ କଲେ ପର୍ଯ୍ୟଟନ ମନ୍ତ୍ରୀ



ଖଇରା,୩୦/୩(ନିପ୍ର) କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସି ପହଞ୍ଚେ। ଏହି କଥା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତର ଉପେନ୍ଦ୍ର ମହାନ୍ତିଙ୍କ ଝିଅ କ୍ଷେତ୍ରରେ ଘଟିଛି। ଶ୍ରେୟା ମହାନ୍ତି ଜଣେ ମେଧାବି ଛାତ୍ରୀ। ପିଲାଟି ବେଳରୁ ପାଠ ପଢିବା ପାଇଁ ପ୍ରବଳ ଆଗ୍ରହ ଥିଲା। ବହୁ ଘାତ ପ୍ରତିଘାତ ସହି ବାପା ଉପେନ୍ଦ୍ର ମହାନ୍ତି ପର ରାଇଜରେ ଦାଦନ ଖଟି ଘରଟିଏ କରି ଝିଅଟିକୁ ମଣିଷ କରିଛନ୍ତି। ଝିଅ ଶ୍ରେୟା ମ୍ୟାଟ୍ରିକରେ ନନ୍ଦୁର ହାଇସ୍କୁଲରେ ୮୯ ପ୍ରତିଶତ ରଖିଥିଲେ ଓ +୨ରେ କମର୍ସ ଖଇରା କଲେଜରେ ଟପର୍ ହୋଇଥିଲା ବେଳେ ଜିଲ୍ଲାସ୍ତରରେ ୨୦୧୯ ଦ୍ୱିତୀୟ ସ୍ଥାନ ଏବଂ ରାଜ୍ୟସ୍ତରରେ ୩୩ ତମ ସ୍ଥାନ ଅଧିକାର କରିଥିଲେ। ହେଲେ ବର୍ତ୍ତମାନ ପାଠ ପଢିବା ପାଇଁ ପ୍ରବଳ ଆଗ୍ରହ ଥିବାରୁ ବାପା ଉପେନ୍ଦ୍ର ୨୦୦୯ ଠାରୁ ଶଯ୍ୟାସାୟୀ ହୋଇପଡିଛନ୍ତି। ମାଆ କୁନ୍ତଳା ଅର୍ଥ ଅଭାବରୁ ଝିଅର ପାଠ ପଢାରେ ଡୋରି ବାନ୍ଧିବା ପାଇଁ କହିଥିଲେ। ପୁଅ ରାଜୁରାଜ କୁମାର ମହାନ୍ତି ମଧ୍ୟ +୨ ପ୍ରଥମ ବର୍ଷରେ ନାମ ଲେଖାଇଛନ୍ତି। ଝିଅ ଓ ପୁଅର ପାଠ ପଢା ଖର୍ଚ୍ଚ ବ୍ୟତିତ୍ ଘରୋଇ ଖର୍ଚ୍ଚ ତତ୍ ସହିତ ସ୍ୱାମୀଙ୍କର ଔଷଧ ଖର୍ଚ୍ଚ ତୁଲାଇବା ପାଇଁ ଅସମର୍ଥ ଅଟନ୍ତି। ଝିଅର ପାଠ ପଢାର ଆଗ୍ରହ ଦେଖି ସମାଜ ସେବୀ ପହଲା ପତିଙ୍କ ଠାରେ ଅସହାୟତା ପ୍ରକାଶ କରିଥିଲେ। ସେ ଏଥିନେଇ ଓଡିଆ ଭାଷା,ସାହିତ୍ୟ ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଜଣାଇଥିଲେ। ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ନନ୍ଦୁରରେ ଉପସ୍ଥିତ ରହି ଉପେନ୍ଦ୍ର ମହାନ୍ତିଙ୍କ ଝିଅ ଶ୍ରେୟାଙ୍କୁ ପାଠ ପଢିବା ପାଇଁ ସହାୟତାର ହାତ ବଢାଇଛନ୍ତି। ଝିଅ ଶ୍ରେୟା ବର୍ତ୍ତମାନ ଚାଟାର୍ଡ ଏକାଣ୍ଟ ପଢିବା ପାଇଁ ମନୋନିତ ହୋଇଥିବାରୁ ଆଗକୁ ଆହୁରି ଦରକାର ହେଲେ ପାଠ ପଢିବା କ୍ଷେତ୍ରରେ ମନ୍ତ୍ରୀ ସାହାଯ୍ୟର ହାତ ବଢାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଉପେନ୍ଦ୍ର ମହାନ୍ତିଙ୍କ ବାସ ଭବନରେ ଭେଟିବା ସମୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣନାଥ ଓଝା, ଭରତ ଜେନା, ସନ୍ତୋଷ ନାୟକ, ଗୌତମ ନାୟକ, କେଶବ ନାୟକ, ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନାବରା ଭାଗବତ ଟୁଙ୍ଗୀର ସପ୍ତମବାର୍ଷିକ ଉତ୍ସବ ପାଳିତ



ଉଦଳା, ୩୦/୦୩(ନି.ପ୍ର)- ଉଦଳାପଞ୍ଚାୟତ ସମିତି ଅନ୍ତର୍ଗତ ନାବରାଗ୍ରାମସ୍ଥିତ ଭାଗବତ ଯୁଙ୍ଗୀର ସପ୍ତମବାର୍ଷିକ ଉତ୍ସବ ଆନନ୍ଦଉଲ୍ଲାସ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇ ଯାଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ଉତ୍ସବ ଅବସରରେ ଭାଗବତ ପାରାୟଣ, ଗୀତା ଯଜ୍ଞ, ନାମ ସଂକିର୍ତ୍ତନ, ପ୍ରସାଦ ସେବନ ଓ ଆଲୋଚନା ଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ଚଳିତ ମାର୍ଚ୍ଚ ୨୭ ତାରିଖ ଶନିବାର ଦିନ ପ୍ରଭାତରେ ଘଟୋତ୍ତଳନ ସହିତ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ଏହାପରେ ଦିବସବ୍ୟାପି ଭାଗବତ ପାରାୟଣ ଓ ନାମ ସଂକିର୍ତ୍ତନର ପର୍ବ ଅନୁଷ୍ଠିତ ହୋଇଥିଲା। ସେହିପରି ମାର୍ଚ୍ଚ ୨୮ ତାରିଖ ରବିବାର ଦିନ ସମୂହ ପୂଜାବିଧି, ଗୀତା ଯଜ୍ଞ ସହିତ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ବାତାବରଣ ଖେଳାଇ ଦେଇଥିଲା । ଉଦ୍‌ଯାପନ ଉତ୍ସବରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ, ସମାଜସେବୀ ପ୍ରମିଳା ପଣ୍ଡା ଓ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଯଥାକ୍ରମେ ମୁଖ୍ୟ ଅତିଥି , ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଦେଶ ଗଠନରେ ଭାଗବତଟୁଙ୍ଗୀର ଆବଶ୍ୟକତା ବର୍ତ୍ତମାନ କେତେ ଜରୁରୀ ହୋଇ ପଡ଼ିଛି , ସେ ସମ୍ପର୍କରେ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରକୃତିବନ୍ଧୁ ନରୋତ୍ତମ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ କୃପାସିନ୍ଧୁ ପାତ୍ର କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# ଶିମିଳିପାଳ ସୁରକ୍ଷା ବହିନୀ ତରଫରୁ ହୋଲି ଉତ୍ସବ ପାଳିତ



ଉଦଳା,୩୦/୦୩ (ନି.ପ୍ର): ଶିମିଳିପାଳ ସୁରକ୍ଷା ବାହିନୀ ତରଫରୁ ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ପାଟଶାଣୀପୁର ଗ୍ରାମ ଠାରେ ଏକ ନିଆରା ଢ଼ଙ୍ଗରେ ୧୭ ତମ ହୋଲି ଉତ୍ସବ ପାଳିତ ହୋଇ ଯାଇଛି । ଭାଇଚାରାର ପର୍ବ ହୋଲି ଉତ୍ସବ ଦିନ ପ୍ରଭାତରେ ଗ୍ରାମବାସୀ ମାନେ ରଙ୍ଗ ବୋଳାବୋଳି ହୋଇ ଦିବସ ବ୍ୟାପି ନାଚଗୀତ ଓ ବିଭିନ୍ନ ମନୋରଂଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଶିମିଳିପାଳ ସୁରକ୍ଷା ବହିନୀର ସଭାପତି ବିଜୟ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୪ ଘଟିକା ସମୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ନିହାର ରଂଜନ ମୋଦି ମୁଖ୍ୟ ଅତିଥି ଭାବରେ, ସମାଜସେବୀ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ, ଶିକ୍ଷାବତି ବ୍ରହ୍ମାନନ୍ଦ ମହାନ୍ତ ଓ ଗୌରାଙ୍ଗ ଦେହୁରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଶିମିଳିପାଳ ସୁରକ୍ଷାରେ ନିୟୋଜିତ ଥିବା ଯୁବଗୋଷ୍ଠୀଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ପରସ୍ପର ସ୍ନେହ ସମ୍ପର୍କ ରଖି ନିଜ ଅଞ୍ଚଳ ଉନ୍ନତି ପାଇଁ ମିଳିତ ଭାବରେ କାମ କଲେ ନିଶ୍ଚିତ ଭାବରେ ଗ୍ରାମର ଉନ୍ନତି ହୋଇ ପାରିବ ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହାପରେ ମୁଣ୍ଡାରୀ ଲୋକ ନୃତ୍ୟ ପରିବେଶିତ ହୋଇଥିଲା । ସେହିପରି ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ନାଟକ ଦଳ ମାନଙ୍କର ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ରାଇରମପୁରରୁ ଆସିଥିବା ନାଟକ ଦଳ ପ୍ରଥମ ସ୍ଥାନ, ବେତନଟୀରୁ ଆସିଥିବା ନାଟକ ଦଳ ଦ୍ୱିତୀୟ ସ୍ଥାନ ଏବଂ କେନ୍ଦୁଝର ଜିଲ୍ଲା ଆନନ୍ଦପୁରରୁ ଆସିଥିବା ନାଟକ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପୁରସ୍କାର ସ୍ୱରୂପ ପ୍ରଥମ ଦଳକୁ ୧୦ ହଜାର ଟଙ୍କା, ଦ୍ୱିତୀୟ ଦଳକୁ ୭ ହଜାର ଟଙ୍କା, ଏବଂ ତୃତୀୟ ଦଳକୁ ୫ ହଜାର ଟଙ୍କା ନଗଦ ପ୍ରଦାନ କରାଯାଇଥିଲା । ଶିମିଳିପାଳ ସୁରକ୍ଷା ବହିନୀର ସଂପାଦକ ବୁଧିରାମ ମୁର୍ମୁଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo